READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୭ ସଂଖ୍ୟା-୧୮ ୧୫ - ୨୧ ମଇ, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-18 15th - 21st MAY, 2023 BHUBANESWAR ₹ 5/- (8 Pages)

### କର୍ଣ୍ଣାଟକରେ ବିଜେପି ଫେଲ୍, କଂଗ୍ରେସର ବଡ଼ ବିଜୟ

## ଘୃଣାର ବଜାର ବନ୍ଦ, ପ୍ରେମର ଦୋକାନ ଖୋଲା : ରାହୁଲ




**ନୂଆଦିଲ୍ଲୀ :** କର୍ଣ୍ଣାଟକରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ସରକାର ଗଠନ କରିବାକୁ ଯୋଜନା କରିଥିବା ବିଜେପି ଫେଲ ମାରିଛି। ଦକ୍ଷିଣ ଭାରତରେ କଂଗ୍ରେସ ବଡ଼ ବିଜୟ ହାସଲ କରିଛି। କଂଗ୍ରେସ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ହାସଲ କରିବା ସହ କର୍ଣ୍ଣାଟକରେ ସରକାର ଗଠନ କରିବାକୁ ମ୍ୟାଜିକ ନମ୍ବର ହାସଲ କରି ନେଇଛି। ୨୦୧୮ରେ ଦଳ ମାତ୍ର ୮୦ଟି ଆସନ ଜିତିଥିଲା। ଏଥର ଦଳ ୧୩୬ଟି ଆସନ ଜିତିଛି। ସେହିପରି ବିଜେପି ୨୦୧୮ରେ ୧୦୪ଟି ଆସନ ଜିତିଥିବା ବେଳେ ଏଥର ୬୫କୁ ଖସିଛି। ଜେଡିଏସ୍ ମାତ୍ର ୧୯ଟି ଆସନ ଜିତିଛି। କଂଗ୍ରେସ କେବେଳ ଅଧିକ ଆସନ ଜିତିନି ବରଂ ଦଳର ଭୋଟ ହାର ମଧ୍ୟ ବଢ଼ିଛି। ୧୯୮୫ ପରେ ରାଜ୍ୟରେ ୮ଟି ବିଧାନସଭା ନିର୍ବାଚନ ହୋଇଥିବା ବେଳେ କୌଣସି ଦଳ କ୍ରମାଗତ ଦ୍ୱିତୀୟ ଥର କ୍ଷମତାକୁ ଫେରି ନାହାନ୍ତି। ୨୦୧୮ରେ କଂଗ୍ରେସ ଓ ଜେଡିଏସ୍ ମିଳିତ ଭାବେ ଗଠନ କରିଥିବା ଦଳ ବର୍ଷକ ପାଇଁ ହିଁ ଚାଲି ପାରିଥିଲା। କଂଗ୍ରେସ ଓ ଜେଡିଏସ୍‌ର କିଛି ବିଧାୟକ ବିଦ୍ରୋହ ଘୋଷଣା କରିବାରୁ ସରକାର ଭୁଶୁଡ଼ି ପଡ଼ିଥିଲା। ଏହାପରେ ବିଏସ୍ ୟେଦ୍ୟୁରପ୍ପାଙ୍କ ନେତୃତ୍ୱରେ ବିଜେପି ସରକାର ଗଠନ କରିଥିଲା। ୨୦୨୩ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି ୟେଦ୍ୟୁରପ୍ପାଙ୍କୁ ହଟାଇ ବସବରାଜ ବୋମାଇଙ୍କୁ ମୁଖ୍ୟମନ୍ତ୍ରୀ କରିଥିଲା। ତାଙ୍କ ନେତୃତ୍ୱରେ ବିଜେପି ନିର୍ବାଚନ ଲଢ଼ିଥିଲା। ଇତିହାସ ସୃଷ୍ଟି କରିବା ସହ ବିଜେପି କ୍ରମାଗତ ଦ୍ୱିତୀୟଥର ପାଇଁ କର୍ଣ୍ଣାଟକରେ କ୍ଷମତା ଦଖଲ କରିବାକୁ ଲକ୍ଷ୍ୟ ରଖିଥିଲା। ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦି ନିଜେ ପ୍ରଚାର ମଙ୍ଗ ସମ୍ଭାଳିଥିଲେ। ସେ ନିଜେ ପ୍ରାୟ ୪୦ରୁ ଅଧିକ ରାଲିରେ ପ୍ରଚାର କରିଥିଲେ। ତଥାପି ବିଜେପି ୨୦୧୮ ଫଳାଫଳକୁ ଦୋହରାଇବାରେ ବିଫଳ ହୋଇଛି। କର୍ଣ୍ଣାଟକ ଉପକୂଳକୁ ଛାଡ଼ି ଦେଲେ ବାକି ସବୁ ରିଜନରେ ବିଜେପି ଠାରୁ କଂଗ୍ରେସ ଅଧିକ ଆସନ ଜିତିଛି। ଲିଙ୍ଗାୟତ ଭୋଟ ହାତେଇବାକୁ ବୋମାଇ ସରକାର ଶେଷ ମୁହୂର୍ତ୍ତରେ ଉଦ୍ୟମ କରିଥିଲେ। ରାଜ୍ୟରେ ମୁସଲିମମାନଙ୍କ ପାଇଁ ଥିବା ୪% ସଂରକ୍ଷଣ ବ୍ୟବସ୍ଥାକୁ ସେ ହଟାଇ ଲିଙ୍ଗାୟତ ଓ ଭୋକ୍କାଲିଗାସ ସଂପ୍ରଦାୟ ମଧ୍ୟରେ ବାଣ୍ଟି ଦେଇଥିଲେ। କିନ୍ତୁ ଏହାର ଫାଇଦା ମଧ୍ୟ ଦଳ ଉଠାଇ ପାରିନି। ଲିଙ୍ଗାୟତଙ୍କ ଜନସଂଖ୍ୟା ରାଜ୍ୟରେ ୧୭%।

➤ ପୃ-୬

### ଝାରସୁଗୁଡାରେ ବିଜେଡିର ବିପୁଳ ବିଜୟ

## ମା'ମାନଙ୍କୁ ଅସମ୍ମାନ, ଓଡ଼ିଶାବାସୀ ବରଦାସ୍ତ କରିବେନି: ନବୀନ




**ଭୁବନେଶ୍ୱର :** ଝାରସୁଗୁଡା ଆସନ ପାଇଁ ଅନୁଷ୍ଠିତ ଉପନିର୍ବାଚନରେ ବିଜୁ ଜନତା ଦଳ ବିଶାଳ ବିଜୟ ହାସଲ କରିଛି। ସ୍ୱର୍ଗତ ମନ୍ତ୍ରୀ ନବ ଦାସଙ୍କ ଝିଅ ତଥା ବିଜେଡି ପ୍ରାର୍ଥୀ ଦୀପାଳି ଦାସ ୪୮,୭୬୧ ଖଣ୍ଡ ଭୋଟ ବ୍ୟବଧାନରେ ଭାରତୀୟ ଜନତା ପାର୍ଟି ଟଙ୍କଧର ତ୍ରିପାଠୀଙ୍କୁ ପରାସ୍ତ କରିଛନ୍ତି। ଏକଦା କଂଗ୍ରେସର ଗଡ ଥିବା ଝାରସୁଗୁଡା ଆସନରେ କଂଗ୍ରେସ ଶୋଚନୀୟ ପ୍ରଦର୍ଶନ କରିଛି। ଦଳୀୟ ପ୍ରାର୍ଥୀ


➤ ପୃ-୬

### ଏହା ମୁଖ୍ୟମନ୍ତ୍ରୀଙ୍କ ବିଜୟ : ଦୀପାଳି



**ଭୁବନେଶ୍ୱର :** ଏ ବିଜୟ ଶଙ୍କର ବିଜୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜୟ, ଝାରସୁଗୁଡ଼ାବାସୀଙ୍କ ବିଜୟ, ବିଜେଡିର ବରିଷ୍ଠ ନେତାମାନଙ୍କର ବିଜୟ, ନବ ଦାସଙ୍କ ବିଜୟ। ଝାରସୁଗୁଡ଼ା ଉପନିର୍ବାଚନ ବିଜୟ ନେଇ ବିଜେଡି ବିଜୟ ଉତ୍ସବରେ ଏହା କହିଛନ୍ତି ଦୀପାଳି ଦାସ। ଭୁବନେଶ୍ୱର ଶଙ୍ଖ ଭବନରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସମସ୍ତ ବିଜେଡି ନେତାମାନଙ୍କୁ ସମ୍ବୋଧନ ଦେଇ ଦୀପାଳି ଭିଡିଓ କନ୍‌ଫରେନ୍ସିଂ ଯୋଗେ ସମ୍ବୋଧନ ଦେଇଥିଲେ। ତାଙ୍କୁ ବିଜୟୀ କରିଥିବାରୁ ଓ ବିଶ୍ୱାସକୁ ନେଇ ଜିତାଇଥିବାରୁ ସେ ଝାରସୁଗଡ଼ା ବାସୀଙ୍କୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ଆଶା ଓ ବିଶ୍ୱାସ ପ୍ରକାଶ କରି ନବୀନଙ୍କ ଦିଗ ନିର୍ଦ୍ଦେଶନାରେ କାମ କରିବେ ବୋଲି କହିଥିଲେ।


## ପାସ୍‌ଧାରୀ ଅଫିସରଙ୍କୁ ବି ଛୁଟିଦିନରେ ଲୋକସେବା ଭବନକୁ ପ୍ରବେଶ ମନା



**ଭୁବନେଶ୍ୱର :** ଲୋକସେବା ଭବନ ଭିତରକୁ ସାମ୍ବାଦିକମାନଙ୍କ ପ୍ରବେଶ ଉପରେ ଦୀର୍ଘବର୍ଷ ଧରି କଟକଣା ଜାରି କରିଥିବା ରାଜ୍ୟ ସରକାର ଏବେ ଛୁଟିଦିନରେ କର୍ମଚାରୀ ଓ ଅଫିସରମାନେ ଲୋକସେବା ଭବନ, ରାଜୀବ ଭବନ ଓ ଖାରବେଳ ଭବନରେ ପ୍ରବେଶ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଜାରି କରିଛନ୍ତି। ଏପରିକି ସମ୍ପୃକ୍ତ ଅଫିସର ଓ କର୍ମଚାରୀମାନଙ୍କ ପାଖରେ ନିୟମିତ ପାସ୍ (ଲୋକସେବା ଭବନରେ ପ୍ରବେଶ ପାଇଁ) ଥିଲେ ମଧ୍ୟ ସେମାନେ ଛୁଟିଦିନରେ ପ୍ରବେଶ କରିପାରିବେ ନାହିଁ ଓ କେବଳ ବିଭାଗୀୟ ସଚିବଙ୍କ ଦସ୍ତଖତରେ ଅନୁମତି ପତ୍ର ଥିଲେ ଛୁଟିଦିନରେ ଲୋକସେବା ଭବନକୁ ପ୍ରବେଶ କରିହେବ। ରାଜ୍ୟ ଗୃହ ବିଭାଗ ଏନେଇ ସମସ୍ତ ବିଭାଗର ସଚିବ ଓ ସ୍ୱତନ୍ତ୍ର ସଚିବଙ୍କୁ ଚିଠି ଲେଖି ଛୁଟିଦିନରେ ଅଫିସରମାନଙ୍କ ଲୋକସେବା ଭବନ ପରିସରକୁ ପ୍ରବେଶ ଉପରେ ନିଷେଧାଦେଶ ଜାରି କରିଛି। ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ପିସି ପ୍ରଧାନ ସମସ୍ତ ବିଭାଗୀୟ ସଚିବଙ୍କୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ, ଛୁଟିଦିନଗୁଡ଼ିକରେ

➤ ପୃ-୬


## ରେରା ଆଦେଶକୁ ଫୁ'



**ଭୁବନେଶ୍ୱର :** ଓଡ଼ିଶା ରିଅଲ୍ ଇଷ୍ଟେଟ୍ ନିୟାମକ ପ୍ରାଧିକରଣ ବା ରେରା ଆଦେଶକୁ ଫୁ କରି ଉଡ଼ାଇ ଦେଉଛନ୍ତି ବିଲ୍ଡର। ଏମିତିକି ଜରିମାନା ଅସୁଲି ପାଇଁ ରେରା ନିର୍ଦ୍ଦେଶକୁ ବି ଢିଲାରେ ନେଉଛି ପ୍ରଶାସନ। ସୂଚନା ଅଧିକାର ଆଇନ୍ ରେ ମଗାଯାଇଥିବା ଏକ ତଥ୍ୟରୁ ହୋଇଛି ଏଭଳି ଖୁଲାସା। ଗୋଟିଏ ପରେ ଗୋଟିଏ ରାୟ ଦେଉଛି, ହେଲେ କାର୍ଯ୍ୟକାରିତା ଶୂନ। ରେରା ନିର୍ଦ୍ଦେଶକୁ ନା ବିଲ୍ଡର ମାନୁଛନ୍ତି, ନା ପ୍ରଶାସନ। ଏହାକୁ ନେଇ ହାଇକୋର୍ଟରେ ହୋଇଛି ଜନସ୍ୱାର୍ଥ ମାମଲା। ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଦିଆଯାଇଥିବା ଆରଟିଆଇ ତଥ୍ୟ କହୁଛି, ରେରା ନିର୍ଦ୍ଦେଶକ୍ରମେ ବିଲ୍ଡରଙ୍କ ନିକଟରୁ ଜରିମାନା ଅସୁଲ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏଡିଏମ୍‌ଙ୍କ କାର୍ଯ୍ୟାଳୟକୁ ୫୩ଟି ମାମଲା ଆସିଛି। ହେଲେ କୌଣସି ଗୋଟିଏ ବି ମାମଲାରେ ଅସୁଲ ହୋଇନି ଟଙ୍କାଟିଏର ଜରିମାନା। ସେପଟେ ଏହାକୁ ଆଧାର କରି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି ରିୟଲ ଇଷ୍ଟେଟ୍ କର୍ମୀ ବିମଳେନ୍ଦୁ ପ୍ରଧାନ। ଏ ପ୍ରସଙ୍ଗରେ ଓରେରାଠାରୁ ଜବାବ ମାଗିଛନ୍ତି ହାଇକୋର୍ଟ। ରେରାର ଏଭଳି ଅବସ୍ଥା ଦେଖି ନ୍ୟାୟ ଲାଗି ଦ୍ୱାରସ୍ଥ ହେବାକୁ ଏବେ ଅନିଚ୍ଛା ପ୍ରକାଶ କଲେଣି ବାସଗୃହ କ୍ରେତା। ରିଅଲ୍ ଇଷ୍ଟେଟ୍ କର୍ମୀ ବିମଳେନ୍ଦୁ ପ୍ରଧାନ କହିଛନ୍ତି, ଓରେରା କାର୍ଯ୍ୟ କରିବାକୁ ୬ ବର୍ଷ ପୂରିଛି। ହେଲେ ଯେଉଁ ଆଶାରେ ଗ୍ରାହକମାନେ ରେରା ପାଖକୁ ଗଲେ ତାହା ପୂରଣ ହୋଇପାରିଲା ନାହିଁ। ନିୟମ ଖିଲାପକାରୀଙ୍କ ଠାରୁ ଟଙ୍କାଟିଏ ଜରିମାନା ଆଦାୟ ହୋଇପାରିଲା ନାହିଁ। ତେଣୁ ରେରାର ସ୍ଥାୟୀତ୍ୱ ଓ ଅସ୍ତିତ୍ୱକୁ ନେଇ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆବେଦନକାରୀଙ୍କ ଓକିଲ ମୋହିତ ଅଗ୍ରୱାଲ କହିଛନ୍ତି,

➤ ପୃ-୬

## ଜାତୀୟ ସ୍ତରରେ ବଢୁଛି ନବୀନଙ୍କ ପତିଆରା



**ଭୁବନେଶ୍ୱର :** ନବୀନ-ନୀତୀଶ ଭେଟଘାଟକୁ ନେଇ ରାଜନୀତିରେ ହଟଚମଟ। ମେଣ୍ଟ ନୁହେଁ, ଉଚ୍ଚ ନେତୃତ୍ୱ ପାଇଁ ଜାତୀୟ ସ୍ତରର ନେତାଏ ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫ୍ୟାନ୍। ଥରେ କେନ୍ଦ୍ରମନ୍ତ୍ରୀ ଓ ୫ ଥର ମୁଖ୍ୟମନ୍ତ୍ରୀ ହୋଇ ଜାତୀୟ ରାଜନୀତିକୁ ନୂଆବାଟ ଦେଖାଇଛନ୍ତି ନବୀନ। ଆଦର୍ଶ ଓ ସ୍ୱଚ୍ଛ ରାଜନୀତିରେ ଏଜେଣ୍ଡା ସ୍ପଷ୍ଟ ଥିବାରୁ ସାରା ଦେଶରେ ନବୀନଙ୍କ ରହିଛି ସ୍ୱତନ୍ତ୍ର ପରିଚୟ। ସେହି ପରିଚୟ ଯୋଗୁଁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନଙ୍କ ହୋଇଛି ଭେଟଘାଟ। ଦୁଇ ନେତାଙ୍କ ଭେଟଘାଟକୁ ବ୍ୟକ୍ତିଗତ ଓ ସୌଜନ୍ୟମୂଳକ କହିଛି ବିଜେଡି। ଦଳର ବରିଷ୍ଠ ଉପସଭାପତି କହିଛନ୍ତି- ବିଜେଡି ରାଜ୍ୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେଇଥାଏ। ବିଜେପି ସୁବିଧାବାଦୀ ରାଜନୀତିକୁ ବିଶ୍ୱାସ କରେ। ୨୦୦୦ରୁ ୨୦୦୯ ଯାଏ ରାଜ୍ୟରେ ବିଜେଡି ଓ ବିଜେପି ମଧ୍ୟରେ ମେଣ୍ଟ ଥିଲା। ମେଣ୍ଟ ଭାଙ୍ଗିବା ପରେ ବିଜେଡି ରାଜ୍ୟ ଓ ଦେଶରେ ସମଦୂରତା ନୀତିକୁ ଆପଣାଇଛି। କେନ୍ଦ୍ରରେ ଯିଏ ବି ସରକାରରେ ଥାଏ

➤ ପୃ-୬

### ବକ୍ରବାଣୀ



ଶାଶୁ ଶଶୁର ଯାଆ ଦେଢ଼ଶୁର
ପିଲା ଛୁଆ ମର୍ଦ ଘରେ ବେମାର
ଅଲଜ୍ୟା ତୀର୍ଲାଟା ଏତିକି ବେଳେ
କାନ୍ଦୁଥାଏ ହାତ ଦେଇ କପାଳେ
ମନ ଭଲ ନାହିଁ କାଲିଠୁ ତାର
ଯାଇଚି ବୁଲି ସେ ପଡ଼ିଶା ଘର
ଟୋକା ଦିଅରକୁ ଧରିଚି ଥଣ୍ଡା
ପିଠିକି ଆଉଁସି ଖୋଉଚି ଅଣ୍ଡା
ପାକିସ୍ଥାନ ଗପ ମିଡିଆ କରେ
ଦିଲ୍ଲୀ ମଣିପୁର ନାଆଁ ନ ଧରେ।

— ଟୁଟୁ

### ଜ୍ଞାନବାପୀ ମାମଲାରେ ଆହ୍ଲାବାଦ ହାଇକୋର୍ଟଙ୍କ ବଡ଼ ନିଷ୍ପତ୍ତି

## ଶିବଲିଙ୍ଗର ହେବ କାର୍ବନ ଡେଟିଂ




**ପ୍ରୟାଗରାଜ :** ବହୁ ଚର୍ଚ୍ଚିତ ବାରଣାସୀ ଜ୍ଞାନବାପୀ ମାମଲାରେ ଆହ୍ଲାବାଦ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସଆଇ)କୁ ମସଜିଦ ପରିସରରେ ମିଳିଥିବା ଶିବଲିଙ୍ଗର କାର୍ବନ ଡେଟିଂ କରିବାକୁ ଅନୁମତି ଦେଇଛନ୍ତି ହାଇକୋର୍ଟ। ଅବଶ୍ୟ, ଯାଞ୍ଚ ସମୟରେ ଯେପରି ଢାଞ୍ଚାକୁ କୌଣସି କ୍ଷତି ନପହଞ୍ଚେ ସେଥିପ୍ରତି ଧ୍ୟାନ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆହ୍ଲାବାଦ ହାଇକୋର୍ଟ ଜ୍ଞାନବାପୀ ପରିସରରେ ସର୍ଭେ ସମୟରେ ମିଳିଥିବା ଶିବଲିଙ୍ଗର କାର୍ବନ ଡେଟିଂ ଯାଞ୍ଚ ଏବଂ ସାଇଣ୍ଟିଫିକ ସର୍ଭେର ଦାବିକୁ ନେଇ ଦାଖଲ ଆବେଦନକୁ ସ୍ୱୀକାର କରିନେଇଛନ୍ତି ଏବଂ ଏଏସଆଇକୁ ଶିବଲିଙ୍ଗକୁ ବିନା କ୍ଷତି ପହଞ୍ଚାଇ କାର୍ବନ ଡେଟିଂ ଯାଞ୍ଚ କରିବାକୁ ଆଦେଶ ଦେଇଛନ୍ତି। ସୂଚନାଥାଉକି ଗତବର୍ଷ ବାରଣାସୀ କୋର୍ଟ ସୁପ୍ରିମକୋର୍ଟଙ୍କ ଯଥାସ୍ଥିତି କାଏମ ରଖିବାର ଆଦେଶକୁ ଉଲ୍ଲେଖ କରି କାର୍ବନ ଡେଟିଂ ଆଦେଶ ଦେବାକୁ ମନା କରିଦେଇଥିଲେ। ଏହାକୁ ହିନ୍ଦୁ ପକ୍ଷ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ବାରଣାସୀ କୋର୍ଟଙ୍କ ଆଦେଶକୁ ରଦ୍ଦ କରିଦେଇଛନ୍ତି। ହାଇକୋର୍ଟର ବିଚାରପତି ଅରବିନ୍ଦ କୁମାର ମିଶ୍ର ଏହି ଆଦେଶ ଲକ୍ଷ୍ମୀ ଦେବୀ ଏବଂ ଅନ୍ୟଙ୍କ ଆବେଦନ ଉପରେ ଦେଇଛନ୍ତି। ସୂଚନାଥାଉକି, ଜ୍ଞାନବାପୀ ପରିସରରେ କମିଶନ କାର୍ଯ୍ୟବାହୀ କରାଯାଇଥିଲା। ଏହି ସମୟରେ ୧୬ ମଇ ୨୦୨୨ରେ ମସଜିଦ୍ ପରିସରରେ ଥିବା ଏକ ପରିତ୍ୟକ୍ତ କୂଅରୁ ଏହି ଶିବଲିଙ୍ଗ ଠାବ କରାଯାଇଥିଲା। ଯାହାର କାର୍ବନ ଡେଟିଂ ତଥା ସାଇଣ୍ଟିଫିକ୍ ଯାଞ୍ଚ ଏଏସଆଇ ଦ୍ୱାରା କରାଇବାକୁ ବାରଣାସୀ ଜିଲ୍ଲା କୋର୍ଟରେ ଆବେଦନ କରାଯାଇଥିଲା। ଅବଶ୍ୟ ଜିଲ୍ଲା କୋର୍ଟ ଏହା କହି ଯାଚିକା ଖାରଜ କରିଦେଇଥିଲେ ଯେ ସୁପ୍ରିମକୋର୍ଟ ଯାଥାସ୍ଥିତି କାଏମ ରଖିବାକୁ ଆଦେଶ ଦେଇଛନ୍ତି। ମାମଲା ସୁପ୍ରମିକୋର୍ଟରେ ବିଚାରଧିନ ରହିଛି, ତେଣୁ କୋର୍ଟ ଏହି ଆବେଦନକୁ ଖାରଜ କରିଦେଇଥିଲେ। ଏପରି ସ୍ଥିତିରେ ସିଭିଲ କୋର୍ଟଙ୍କୁ ଆଦେଶ ପାରିତ କରିବାର ଅଧିକାର ନାହିଁ ବୋଲି

➤ ପୃ-୬

### ୫ଟି ରିଜିଓନାଲ ଜୁଡିସିଆଲ ଏକାଡେମୀ ଉଦ୍‌ଘାଟିତ

## ଆଇନଜୀବୀ ପଢ଼ିବେ ପାଠ



**ଭୁବନେଶ୍ୱର :** ରାଜ୍ୟରେ ୫ଟି ରିଜିଓନାଲ ଜୁଡିସିଆଲ ଏକାଡେମୀ ଉଦ୍‌ଘାଟିତ ହୋଇଛି। ଅନୁଗୁଳ, ବାଲେଶ୍ୱର, ସମ୍ବଲପୁର ଓ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଏବଂ କୋରାପୁଟ ଜିଲ୍ଲାର ଜୟପୁରଠାରେ ଏହି ଜୁଡିସିଆଲ ଏକାଡେମୀ କାର୍ଯ୍ୟ କରିବ। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏହାକୁ ଉଦ୍‌ଘାଟନ କରିବା ସହ ଏହା ସମଗ୍ର ଦେଶ ପାଇଁ ଉଦାହରଣ ପାଲଟିବ ବୋଲି କହିଛନ୍ତି। ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ଦିଗରେ ଏହି ଜିଲ୍ଲା କୋର୍ଟଗୁଡ଼ିକୁ ଏହି ଜୁଡିସିଆଲ ଏକାଡେମୀ ସହାୟ ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ନ୍ୟାୟ ପ୍ରଦାନ କ୍ଷେତ୍ରରେ ଜିଲ୍ଲାଗୁଡ଼ିକରେ ଭର୍ଚୁଆଲ କୋର୍ଟ କାର୍ଯ୍ୟକ୍ଷମ କରିବା ଓଡ଼ିଶା ହାଇକୋର୍ଟର ଉଲ୍ଲେଖନୀୟ ପଦକ୍ଷେପ ବୋଲି ସେ କହିଥିଲେ। ଓଡ଼ିଶା ଜୁଡିସିଆଲ ଏକାଡେମୀ ପରିସରରେ ଏହି ଭର୍ଚୁଆଲ ମୋଡରେ ଉଦ୍‌ଘାଟନ ଉତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଏସ ମୁରଲୀଧର କହିଛନ୍ତି ଯେ, ଜିଲ୍ଲା ଜଜ୍ ଓ ହାଇକୋର୍ଟ ଜଜମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଓ ଦୃଢ଼ ପ୍ରୟାସ ଯୋଗୁ ଏହି ରିଜିଓନାଲ ଏକାଡ଼େମୀ ସ୍ଥାପନ ହୋଇପାରିଛି। ଏ ଦିଗରେ ରାଜ୍ୟ ସରକାରଙ୍କ ସହାୟତାକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି। ଭୌଗୋଳିକ ସ୍ଥିତିକୁ

➤ ପୃ-୬




### ନକଲି ଶିକ୍ଷକଙ୍କୁ ଠାବ କରିବାରେ ପ୍ରଶାସନର ଟାଳଟୁଳ ନୀତି

## ନିଆଗଲା ସୂଚନା ଅଧିକାର ଆଇନର ଆଶ୍ରୟ



**ଅସ୍ତରଙ୍ଗ,(ଶରତ କୁମାର ପରିଡା):** ନକଲି ସାର୍ଟିଫିକେଟରେ ଶିକ୍ଷକ ଚାକିରୀ କରିଥିବା ବ୍ୟକ୍ତି ମାନଙ୍କ ସାର୍ଟିଫିକେଟକୁ ସାରା ରାଜ୍ୟରେ ଖୋଳତାଡ ଜାରି ରହିଛି। ବିଭିନ୍ନ ଜିଲ୍ଲାରେ ଏବେ ରାଜ୍ୟ ବାହାରର ନକଲି ସାର୍ଟିଫିକେଟକୁ ନେଇ ତନାଘନା ଜୋର ଧରିଛି। ଏହି ନକଲି ସାର୍ଟିଫିକେଟର ଗନ୍ଧ ଏବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଶିକ୍ଷା ବିଭାଗରେ ଅନୁରୂପ ଭାବେ ଦେଖିବାକୁ ମିଳୁଛି। ଏହି ବ୍ଲକରେ ବହୁ ନକଲି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବିଭିନ୍ନ ଅନାମଧେୟ ଅଣପଞ୍ଜୀକୃତ ଅନୁଷ୍ଠାନ ଗୁଡିକରୁ ନକଲି ବିଇଡି, ସିଟି ସାର୍ଟିଫିକେଟ ଦେଇ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଚାକିରୀ କରିଛନ୍ତି। ଅସ୍ତରଙ୍ଗ ବ୍ଲକରୁ ମଧ ବହୁ ଯୁବକ ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା ନ ଥାଇ ମଧ ନକଲି ସାର୍ଟିଫିକେଟ ଦେଇ ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକ ଠାରୁ ଆରମ୍ଭ କରି ପିପିଲି ବ୍ଲକ ପର୍ଯ୍ୟନ୍ତ ଚେର ଲମ୍ବିଥିବା ଜଣାପଡିଛି। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ତଥ୍ୟ ଭିତ୍ତିକ ଶୀର୍ଷକ ଖବର ପ୍ରକାଶିତ ହେବା ପରେ ନକଲି ଶିକ୍ଷକଙ୍କ ମଧ୍ୟରେ ଏବେ ଛନକା ଦେଖାଦେଇଛି। ଜିଲ୍ଲା ଅଧିକାରୀ ମାନେ ନକଲି ମାନଙ୍କୁ ଠାବ କରିବାରେ ଏକ ପ୍ରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାର ଦେଖିବାକୁ ମିଳୁଛି।ଯାଞ୍ଚ ପ୍ରକ୍ରିୟାରେ ମଧ ଶିଥିଳତା ଦେଖା ଦେଇଛି। ଅଧିକାରୀ ମାନଙ୍କ ଲାଞ୍ଚଖୋର ମନୋଭାବ ଯୋଗୁଁ ନକଲି ସାର୍ଟିଫିକେଟର ଯାଞ୍ଚ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ। ଏ ସମ୍ପର୍କରେ ପ୍ରକୃତ ତଥ୍ୟ ଜାଣିବା ପାଇଁ ଅଭୟ ସେଠୀ ନାମକ ଜଣେ ଯୁବକ ସୂଚନା ଅଧିକାର ଆଇନ ଅନୁଯାୟୀ କିଛି ଶିକ୍ଷକଙ୍କ ସମ୍ପର୍କରେ ଜାଣିବା ପାଇଁ ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ତଥ୍ୟ ମାଗିଥିବା ଜଣାପଡିଛି। ଶିକ୍ଷା ନିର୍ଦ୍ଦେଶାଳୟ ପତ୍ର ସଂଖ୍ୟା ୧୬୪୦୫ ତାରିଖ୦୪/୧୦/୨୦୨୧, ୫୭୨୮ ତାରିଖ୦୪/୦୩/୨୦୨୩ ଓ ଗଣ ଶିକ୍ଷା ବିଭାଗ ପତ୍ର ସଂଖ୍ୟା ୨୪୪୭୬ ତାରିଖ୧୬/୧୨/୨୦୨୧ ଅନୁସାରେ ଅସ୍ତରଙ୍ଗ, ପିପିଲି ବ୍ଲକର କାର୍ଯ୍ୟରତ ଥିବା କିଛି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ବିଇଡି, ସିଟି, ଜାତିଗତ, ଭିନ୍ନକ୍ଷମ, ମାର୍କସିଟି ସାର୍ଟିଫିକେଟର ସମସ୍ତ ନକଲ ମାଗିଥିବା ଜଣାପଡିଛି। ସୂଚନା ଆଇନ ତଥ୍ୟ ଅନୁଯାୟୀ ଅସ୍ତରଙ୍ଗ ବ୍ଲକର ନୂଆଗଡ ସିଆରସିସି, କରଞ୍ଜପୁର, ନନ୍ଦିପୁର, ଖଣ୍ଡାସାହି, ପଞ୍ଚଗ୍ରାମ, ବନ୍ଦାଲୋ, ଶ୍ରୀ ଜଗନ୍ନାଥ ନୋଡାଲ ବନ୍ତିଲୋ, ନାନପୁର, ନଇଁଗୁଆ, ନୂଆଗଡ, ସୁରେନ୍ଦ୍ର ନାଥ ନୋଡାଲ ହାଇସ୍କୁଲ ସୁନ୍ଦର, ଓ ପିପିଲି ବ୍ଲକର ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲର ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ମାନେ ନକଲି ସାର୍ଟିଫିକେଟ ଦେଇ ଚାକିରୀ କରିଥିବା ଦର୍ଶାଯାଇଥିବା ଜଣାପଡିଛି। ଜିଲ୍ଲା ଅଧିକାରୀ ମାନଙ୍କୁ ପଚାରିବାରେ ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ରାଜ୍ୟ ଶିକ୍ଷା ବିଭାଗରୁ ନିର୍ଦ୍ଦେଶ ଆସିଛି ଯାଞ୍ଚ କଲେ ଜଣାପଡିବ। କିନ୍ତୁ ଯାଞ୍ଚ ପ୍ରକ୍ରିୟା ଆଗକୁ ବଢି ପାରୁନାହିଁ। ତଦନ୍ତ ପ୍ରକ୍ରିୟାରେ କେତେ ଅଗ୍ରଗତି ହେଉଛି ତାହା ସାର୍ବଜନୀନ ହେଉ ନାହିଁ।

➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ଧାର୍ମିକ କାର୍ଯ୍ୟରୁ ଦୂରେଇ ଯିବେ। ବିବାଦରୁ ଦୂରରେ ରହନ୍ତୁ। ଖର୍ଚ୍ଚ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ। କାର୍ଯ୍ୟଭାର ବଢ଼ିବ। ପ୍ରେମୀ ବା ଜୀବନସାଥୀଙ୍କ ସହ ସମ୍ପର୍କ ମଜଭୁତ ହେବ। ବିଦେଶ ଭ୍ରମଣ ଯୋଗ ରହିଛି।

**ବୃଷ** ସପ୍ତାହର ପ୍ରଥମାର୍ଦ୍ଧରେ ଅସୁବିଧାରେ ପଡିବେ। ସନ୍ତାନ ସମ୍ବନ୍ଧୀୟ ଖୁସି ଖବର ପାଇବେ। ପରିବାରରେ ଶାନ୍ତି ପାଇବେ। କାର୍ଯ୍ୟକ୍ଷେତ୍ରରେ ପରିବର୍ତ୍ତନ ବା ସମ୍ମାନିତ ହୋଇପାରେ। ଜୀବନସାଥୀଙ୍କ ସହ ମତଭେଦ ହେବ।

**ମିଥୁନ** ସ୍ୱାସ୍ଥ୍ୟ ଉତ୍ତମ ରହିବ। କିନ୍ତୁ ମନ ଚଞ୍ଚଳ ରହିବ। ଆୟ ଓ ବ୍ୟୟ ସମାନ ରହିବ। ପରିବାରରେ ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ଅଶାନ୍ତି ସ୍ଥିତି ରହିବ। ଦୂରଯାତ୍ରା ଯୋଗ ଅଛି।

**କର୍କଟ** ବିବାଦ ଯୋଗ ଅଛି। ସତର୍କ ରହନ୍ତୁ। ଧନ ସ୍ଥିତିରେ ପରିବର୍ତ୍ତନ ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଯୋଗ ଅଛି। ବନ୍ଧୁ ଘରକୁ ଯାଇପାରନ୍ତି। ପ୍ରେମୀଙ୍କ ମଧ୍ୟରେ ତର୍କ ହୋଇପାରେ। ସୁଖବର ପାଇପାରନ୍ତି।

**ସିଂହ** ପେଟ ବିଗିଡିପାରେ। ଜିନିଷ ବିକା କିଣା ପ୍ରତି ସାବଧାନ ରହନ୍ତୁ। କ୍ଷତଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପାଇବେ। ଜୀବନସାଥୀଙ୍କ ସହିତ ଭ୍ରମଣ ଯୋଗ ଅଛି। କିନ୍ତୁ ଜୀବନସାଥୀଙ୍କ ସାମାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ।

**କନ୍ୟା** ଖରାପ ସ୍ୱପ୍ନ ଦେଖିପାରନ୍ତି। ମନ ଚଞ୍ଚଳ ରହିବ। ଧାର୍ମିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ଧନପ୍ରାପ୍ତି ଯୋଗ ଅଛି। କାର୍ଯ୍ୟ କ୍ଷେତ୍ରରେ ନୂଆ କାମ ମିଳିପାରେ। ପ୍ରେମୀମାନେ ଭ୍ରମଣରେ ଯାଇପାରନ୍ତି।

**ତୁଳା** ଆତ୍ମବିଶ୍ୱାସ ବଢ଼ିବ। ପରିବର୍ତ୍ତନ ଯୋଗ ଅଛି। ବାଣୀ ଓ କ୍ରୋଧରେ ଲଗାମ ରଖନ୍ତୁ। ରୋଜଗାର ପାଇଁ ନୂଆ ପ୍ରୟୋଗ କରିପାରନ୍ତି। ଗ୍ୟାସ ବା ଏସିଡିଟି ସମସ୍ୟା ହୋଇପାରେ। କାର୍ଯ୍ୟର ଚାପ ରହିବ।

**ବିଛା** ମାତାପିତାଙ୍କ ସହ ବିବାଦ ହୋଇପାରେ। ଧନ ଉପାର୍ଜନର ସୁନ୍ଦର ଦିଗଟିଏ ପାଇପାରନ୍ତି। କାର୍ଯ୍ୟର ଚାପ ରହିବ। ଜୀବନସାଥୀଙ୍କର ପିତାମାତାଙ୍କ ସ୍ୱାସ୍ଥ୍ୟ ଚିନ୍ତା ରହିପାରେ। ବିଦେଶ ଭ୍ରମଣ ଯୋଗ ଅଛି।

**ଧନୁ** ଅଜଥା ଯୁକ୍ତିତର୍କ ହୋଇପାରେ। ଶତ୍ରୁ ସଂଖ୍ୟା ବଢ଼ିବ। ବିରୋଧୀ ବଢ଼ିବ। ଉଧାର ଦିଅନ୍ତୁ ନାହିଁ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ହେବ। ଆପଣଙ୍କ ମିତ୍ର ଆପଣଙ୍କ ବିରୁଦ୍ଧରେ ଜୀବନସାଥୀଙ୍କ ସମ୍ପର୍କ ବିଗିଡି ପାରେ।

**ମକର** କ୍ରୋଧ ବଢ଼ିପାରେ। ତର୍କ କରିପାରନ୍ତି। ଧନପ୍ରାପ୍ତି ଯୋଗ ଅଛି। ନୂଆ ଚାକିରି ଖବର ଆସିପାରେ। ବ୍ୟବସାୟ ପାଇଁ ସମୟ ଅନୁକୂଳ। ପାର୍ଟନରଙ୍କର ସ୍ୱାସ୍ଥ୍ୟ ସମସ୍ୟା ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ କରିପାରନ୍ତି।

**କୁମ୍ଭ** ପରିବାର ଓ ସମ୍ପତ୍ତିରେ ମନ ଲଗାଇବେ। ନୂଆ ଦ୍ରବ୍ୟ କିଣି ପାରନ୍ତି। ମହିଳାଙ୍କ ଠାରୁ ଉପହାର ପାଇବେ। ସନ୍ତାନଙ୍କ ସମ୍ବନ୍ଧୀୟ ଖୁସି ଖବର ପାଇବେ। ଧାର୍ମିକ କାର୍ଯ୍ୟରେ ଯୋଗଦେଇ ପାରନ୍ତି। ବିଦେଶ ଭ୍ରମଣ ଯୋଗ ଅଛି।

**ମୀନ** ଦୂରଯାତ୍ରା ଯୋଗ ଅଛି। ବ୍ୟୟ ବୃଦ୍ଧି ହେବ। ସତର୍କ ରହନ୍ତୁ। ଧନହାନୀ ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ଅପମାନିତ ହୋଇପାରନ୍ତି। ସବୁ କାମରେ ବିଳମ୍ବ ହେବ। ଜୀବନସାଥୀଙ୍କ ସହ ମନ୍ଦିର ଯାଆନ୍ତୁ। ପରିବାରରେ ଶାନ୍ତି ବଜାୟ ରହିବ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଟାଇମ୍ ବମ୍ ଉପରେ ଛିଡ଼ା ହୋଇଛି ଆମେରିକା ଅର୍ଥନୀତି : ରଘୁରାମ ରାଜନ

**ନୂଆଦିଲ୍ଲୀ :** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ ଆମେରିକା ଅର୍ଥନୀତିକୁ ନେଇ ବଡ଼ ବୟାନ୍ ଦେଇଛନ୍ତି। ରାଜନ୍ କହିଛନ୍ତି ଯେ ବିଶ୍ୱର ବୃହତ ଅର୍ଥନୀତି ଏବେ ଟାଇମ୍ ବମ୍ ଉପରେ ଛିଡା ହୋଇଛି। ସେ କହିଛନ୍ତି ଯେ ନିକଟରେ ଆମେରିକାରେ ତିନୋଟି ବଡ ବ୍ୟାଙ୍କ ଭୁଶୁଡି ପଡିଛି। ଯାହା ଫଳରେ ଏବେ ଏହି ଦେଶ ସାମ୍ନାରେ ଅନେକ ଆହ୍ୱାନ ଦେଖାଦେଇଛି। ସେ କହିଛନ୍ତି ଯେ ଡୋମିନୋ ଇଫେକ୍ଟ ଯୋଗୁଁ ଆମେରିକାର ବ୍ୟାଙ୍କଗୁଡିକ ଆଗରେ ଅନେକ ଆହ୍ୱାନ ରହିଛି। ଡିବିଏସ୍ ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ତୈମୁର ବାଗଙ୍କ ସହ ଆଲୋଚନା ସମୟରେ ରାଜନ୍ ଏହା କହିଛନ୍ତି। ରାଜନ୍ କହିଛନ୍ତି ଯେ ଆମେରିକାରେ ବ୍ୟାଙ୍କିଙ୍ଗ ସଙ୍କଟ ଆଶଙ୍କା କରାଯାଉଥିଲା। ବୋଧହୁଏ ଆମେରିକା କର୍ତ୍ତୃପକ୍ଷ ଜାଣିଥିଲେ ଯେ ଏହି ସଙ୍କଟ ଯୋଗୁଁ ଆର୍ଥିକ ପରିସ୍ଥିତିକୁ ନିୟନ୍ତ୍ରଣ କରିବା କଷ୍ଟସାଧ ହୋଇପାରେ। ବର୍ତ୍ତମାନ ଯେଉଁ ପ୍ରୟାସ କରାଯାଉଛି ତାହା ବିପଦପୂର୍ଣ୍ଣ ପୁଞ୍ଜିବାଦକୁ ପ୍ରୋତ୍ସାହିତ କରୁଛି। ରାଜନ୍‌ଙ୍କ ମତରେ ଆମେରିକାର କର୍ତ୍ତୃପକ୍ଷ ଏହି ବ୍ୟାଙ୍କିଙ୍ଗ ସଙ୍କଟକୁ ସଠିକ୍ ଭାବରେ ମୁକାବିଲା କରୁନାହାଁନ୍ତି। ସେ କହିଛନ୍ତି, ଜମା ବୀମା ଦ୍ୱାରା ସ୍ୱଳ୍ପ ମିଆଦୀ ସମସ୍ୟାର ସମାଧାନ ହୋଇଥିବାବେଳେ ଦୀର୍ଘକାଳୀନ ସମସ୍ୟା ଏବେ ବି ରହିଛି।



ଜମାକାରୀଙ୍କ ଟଙ୍କା ପରିଚାଳନା ଏବଂ ସେଥିରେ ବୃଦ୍ଧି ଘଟାଇବା ଉଭୟ ବ୍ୟାଙ୍କ ପାଇଁ ଏକ ଆହ୍ୱାନ ପାଲଟିଛି। ଜମାକାରୀମାନେ ସେମାନଙ୍କ ଅର୍ଥର ସମ୍ପୂର୍ଣ୍ଣ ସୁରକ୍ଷା ଚାହୁଁଛନ୍ତି। ସୁରକ୍ଷିତ ସମ୍ପତ୍ତି ଉପରେ ସୁଧହାର ଆମେରିକାରେ ଯଥେଷ୍ଟ ପରିମାଣରେ ବୃଦ୍ଧି ଘଟିଛି। ସେଥିପାଇଁ ନିବେଶକମାନେ ସେଠାରେ ସେମାନଙ୍କର ଟଙ୍କା ବିନିଯୋଗ କରୁଛନ୍ତି। ଏଭଳି ପରିସ୍ଥିତିରେ ବ୍ୟାଙ୍କଗୁଡିକ ଦୀର୍ଘକାଳୀନ ଲାଭଦାୟକତା ବଜାୟ ରଖିବା ଏକ ଆହ୍ୱାନ ହେବ। ରାଜନ୍ କହିଛନ୍ତି ଯେ ସୁଧ ହାରରେ କ୍ରମାଗତ ବୃଦ୍ଧି ବ୍ୟାଙ୍କଗୁଡିକ ପାଇଁ ଏକ ସଙ୍କଟ ସୃଷ୍ଟି କରୁଛି, ଯାହା ସେମାନଙ୍କୁ ଦୂର କରିବା କଷ୍ଟକର ହେବ। ଏ କ୍ଷେତ୍ରରେ ସେମାନଙ୍କୁ କଠୋର ପଦକ୍ଷେପ ନେବାକୁ ପଡ଼ିବ। ଅପରପକ୍ଷେ ଆମେରିକାର ଏହି ବ୍ୟାଙ୍କିଙ୍ଗ ସଙ୍କଟର ମୁଖ୍ୟ କାରଣ ହେଉଛି ଫେଡେରାଲ ରିଜର୍ଭ ଏହାର ପ୍ରମୁଖ ସୁଧ ହାର ବୃଦ୍ଧି କରିବା। ୨୦୨୨ ମସିହାରୁ ଫେଡେରାଲ ରିଜର୍ଭ ଏହାର ସୁଧ ହାରରେ ୪.୫ ପ୍ରତିଶତ ବୃଦ୍ଧି କରିଛି। ଏହି କାରଣରୁ ସିଲିକନ୍ ଭ୍ୟାଲି ଏବଂ ଫାଷ୍ଟ ରିପବ୍ଲିକ୍ ଭଳି ବ୍ୟାଙ୍କ ବୁଡିଯାଇଛି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଆମେରିକୀୟ କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ ରିଜର୍ଭ ଆକ୍ରମଣାତ୍ମକ ଭାବରେ ସୁଧ ହାର ବଢ଼ାଇଲା, କିନ୍ତୁ ଏହା ପୁରୁଣା ବଣ୍ଡ ଏବଂ ସିକ୍ୟୁରିଟିଜ୍ ଉପରେ ଲାଭ ହ୍ରାସ କଲା। ଏହାଦ୍ୱାରା ବ୍ୟାଙ୍କଗୁଡିକ କ୍ଷତିଗ୍ରସ୍ତ ହୋଇଥିଲେ। ତେଣୁ ବ୍ୟାଙ୍କିଙ୍ଗ ସଙ୍କଟରୁ ରକ୍ଷା ପାଇବା ପାଇଁ ଆମେରିକାରେ ଗ୍ରହଣ କରାଯାଉଥିବା ପ୍ରୟାସ ବିପଦପୂର୍ଣ୍ଣ ପୁଞ୍ଜିବାଦକୁ ବୃଦ୍ଧି କରୁଥିବା ରାଜନ୍ କହିଛନ୍ତି।

### ଏବେ ବି ନ୍ୟାୟ ଅପେକ୍ଷାରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ

# ସିବିଆଇ ତଦନ୍ତ ନିର୍ଦ୍ଦେଶକୁ ପୂରିଲା ୯ ବର୍ଷ

**ନୂଆଦିଲ୍ଲୀ :** ଏହାରି ଭିତରେ ଚିଟଫଣ୍ଡ ଦୁର୍ନୀତିରେ ସିବିଆଇ ତଦନ୍ତ ସଂପର୍କିତ ସୁପ୍ରିମକୋର୍ଟଙ୍କ ରାୟକୁ ନଅ ବର୍ଷ ପୂରିଛି। ୨୦୧୪ ମେ ୯ରେ ସୁପ୍ରିମକୋର୍ଟର ତତ୍କାଳୀନ ବିଚାରପତି ଜଷ୍ଟିସ ଟି.ଏସ୍ ଠାକୁରଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ଖଣ୍ଡପୀଠ ଓଡ଼ିଶା, ପଶ୍ଚିମବଙ୍ଗ, ତ୍ରିପୁରା ଓ ଆସାମରେ ଶାରଦା ସମେତ ଅନେକ ଅର୍ଥ ଲଗାଣକାରୀ ସଂସ୍ଥା ୧୦ ହଜାର କୋଟି ଟଙ୍କା ଠକେଇ କରିଛନ୍ତି ବୋଲି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇବା ସହ ତଦନ୍ତଭାର ରାଜ୍ୟ କର୍ତ୍ତୃପକ୍ଷଙ୍କ ଠାରୁ ଆଣି ସିବିଆଇକୁ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ସିବିଆଇ ତଦନ୍ତ ନିର୍ଦ୍ଦେଶ ପରେ କ୍ଷତିଗ୍ରସ୍ତ ଜମାକାରୀମାନେ ଟଙ୍କା ଫେରସ୍ତ ପାଇବେ ବୋଲି ଆଶା ସଞ୍ଚାର ହୋଇଥିଲା। ତେବେ ଏହି ତଦନ୍ତ ଏବେ ବି ଗଡ଼ିଚାଲିଛି। ଜମାକାରୀ ଅର୍ଥ ଫେରସ୍ତ ଓ ନ୍ୟାୟ ଅପେକ୍ଷାରେ ରହିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟ ଦ୍ୱାରା ଓଡ଼ିଶାରେ



ଜମାକାରୀଙ୍କ ଅର୍ଥ ହଡ଼ପ କରିଥିବା ଅର୍ଥତତ୍ତ୍ୱ, ସିସୋର ଓ ଶାରଦା ସହ ୪୪ ଟି କଂପାନି ବିରୋଧରେ ସିବିଆଇ ତଦନ୍ତ ପଥ ପରିଷ୍କାର ହୋଇଥିଲା। ତେବେ ତଦନ୍ତରେ ଶିଥିଳତା ଅଭିଯୋଗ କରି ଜମାକାରୀଙ୍କ ଟଙ୍କା ଫେରସ୍ତ ନିମନ୍ତେ ସାମାଜିକ କର୍ମୀ ପିନାକ ପାଣି ମହାନ୍ତିଙ୍କ ଦ୍ୱାରା ୨୦୨୨ ସେପ୍ଟେମ୍ବରରେ ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିସନ ଦାଖଲ କରାଯାଇଥିଲା। ଅକ୍ଟୋବର ୧୦, ୨୦୨୨ରେ ବିଚାରପତି ଜଷ୍ଟିସ ଏମ.ଆର୍ ଶାହା ଓ ବିଚାରପତି ଜଷ୍ଟିସ ସିଟି ରବିକୁମାରଙ୍କ ଖଣ୍ଡପୀଠ ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରି ରାଜ୍ୟ ସରକାର ଓ ସିବିଆଇକୁ ନୋଟିସ ଜାରି କରି ଜବାବ ମାଗିବା ପରେ ଏହି ମାମଲା ପୁଣିଥରେ ଚର୍ଚ୍ଚାର ପରିସରକୁ ଆସିଥିଲା। କୋର୍ଟ ଏହି ମାମଲାରେ ଆଇନଜୀବୀ ଗୌରବ ଅଗ୍ରୱାଲଙ୍କୁ ଆମିକସ କ୍ୟୁରି ନିଯୁକ୍ତି କରିଥିଲେ। ମାମଲାର ଶୁଣାଣି ପ୍ରକ୍ରିୟାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଦାଖଲ ସତ୍ୟପାଠରେ କୁହାଯାଇଥିଲା ଯେ ଓପିଆଇଡି ଆଇନ ଅନୁଯାୟୀ ଜମାକାରୀଙ୍କ ଟଙ୍କା ଫେରସ୍ତ କରାଯାଉଛି। ନଭେମ୍ବର ୨୦୨୨ ସୁଦ୍ଧା ୨.୧୦ ଲକ୍ଷ ଜମାକାରୀଙ୍କୁ ୮୩.୪୬ କୋଟି ଟଙ୍କା ପ୍ରଦାନ କରାଗଲାଣି ବୋଲି ଏଥିରେ କୁହାଯାଇଥିଲା। ସେହିଭଳି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚିଟଫଣ୍ଡ ଦୁର୍ନୀତିରେ ସଂପୃକ୍ତ ସମୁଦାୟ ୭ଟି ସଂସ୍ଥାର ତଦନ୍ତ ପିଏମ୍ଏଲ୍ଏ ଆଇନ, ୨୦୦୨ ଆଧାରରେ କରୁଛି ବୋଲି ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ସିବିଆଇ ପକ୍ଷରୁ ମାମଲାଗୁଡ଼ିକର ନିରପେକ୍ଷ ଭାବେ ତଦନ୍ତ କରାଯାଉଥିବା ସତ୍ୟପାଠରେ ଅବଗତ କରିଥିଲେ। ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଜମାକାରୀଙ୍କ ଟଙ୍କା ଫେରସ୍ତ ଉପରେ ଗୁରୁତ୍ୱାରୋପ କରିବା ସହ କେନ୍ଦ୍ର ସମବାୟ ମନ୍ତ୍ରାଳୟ ମାମଲାରେ ପକ୍ଷଭୁକ୍ତ ହୋଇଥିଲା। ସମବାୟ ମନ୍ତ୍ରାଳୟର ପ୍ରସ୍ତାବକୁ ଗ୍ରହଣ କରି ଗତ ମାର୍ଚ୍ଚ ୨୯ରେ ସୁପ୍ରିମକୋର୍ଟ ସାହାର ଗୋଷ୍ଠୀ ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀଙ୍କୁ ନଅ ମାସ ମଧ୍ୟରେ ଅର୍ଥ ଫେରସ୍ତ ପାଇଁ ରାୟ ପ୍ରକାଶ କରିଥିଲେ। ସାହାରା-ସେବି ଫେରସ୍ତ ଖାତାରେ ପଡି ରହିଥିବା ୨୪,୯୭୯.୬୭ କୋଟିରୁ ୫ ହଜାର କୋଟି ଟଙ୍କା ଫେରସ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଇତି ମଧ୍ୟରେ ରିଟ ପିଟିସନର ଶୁଣାଣି ଛଅ ଥର ହୋଇସାରିଛି ଓ ମାମଲା ଏବେବି ବିଚାରାଧୀନ ରହିଛି।

## ଏଣିକି ଡ୍ରୋନ୍ କରିବ ବ୍ଲଡ୍ ଡେଲିଭରି



**ନୂଆଦିଲ୍ଲୀ:** ରକ୍ତ ଅଭାବରୁ ଆଉ ଅକାଳରେ ଚାଲି ଯିବନି ଜୀବନ। ଆବଶ୍ୟକତାସ୍ଥଳେ ଦୂରଦୂରାନ୍ତକୁ ଡ୍ରୋନ୍ କରିବ ବ୍ଲଡ୍ ଡେଲିଭରି। ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଉଡ଼ି ଉଡ଼ିଯିବ ରକ୍ତଥଳୀ। ଚିକିତ୍ସା କ୍ଷେତ୍ରରେ ଡ୍ରୋନ ଟେକନୋଲଜିର ଆରମ୍ଭ ହୋଇଛି ସଫଳ ପ୍ରୟୋଗ। ଏହାର ପ୍ରୟୋଗ ଏବେ ରାଜଧାନୀ ଦିଲ୍ଲୀରେ ଆରମ୍ଭ ହୋଇଥିବା ବେଳେ ଖୁବ୍ ଶୀଘ୍ର ଦେଶର ଅନ୍ୟ ଅଞ୍ଚଳରେ ବି କରାଯିବ। ଦିଲ୍ଲୀରେ ଡ୍ରୋନ୍ ଜରିଆରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ରକ୍ତ ଥଳୀ ପରିବହନ କରାଯାଇଛି। ଦିଲ୍ଲୀରେ ପ୍ରଥମ ଥର ପାଇଁ ଡ୍ରୋନ ମାଧ୍ୟମରେ ଏଭଳି ରକ୍ତ ପ୍ରେରଣ ପରୀକ୍ଷଣ କରିଛି ଆଇସିଏମ୍ଆର। ଆଉ କିଛି ପର୍ଯ୍ୟାୟ ପରୀକ୍ଷଣ ପରେ ସାରା ଦେଶରେ ଏଥିପାଇଁ ଅନୁମତି ଦିଆଯିବ ବୋଲି ଆଇସିଏମଆରର ମହାନିର୍ଦ୍ଦେଶକ ଡ. ରାଜୀବ ବେହଲ କହିଛନ୍ତି। ରକ୍ତ ପରୀକ୍ଷଣ ପାଇଁ କେତେକ ନିର୍ଦ୍ଦିଷ୍ଟ ମାନଦଣ୍ଡ ରହିଛି। ରକ୍ତକୁ ନିର୍ଦ୍ଦିଷ୍ଟ ତାପମାତ୍ରାରେ ପ୍ରେରଣ କରାଯାଇଥାଏ। ଡ୍ରୋନ ମାଧ୍ୟମରେ ନିର୍ଦ୍ଦିଷ୍ଟ ତାପମାତ୍ରା ଥିବା ବାକ୍ସରେ ରକ୍ତ ଥଳିକୁ ରଖି ପରିବହନ କରାଯାଇଥିଲା। ଏହା ପରେ ରକ୍ତର ଗୁଣବତ୍ତାକୁ ପରୀକ୍ଷା କରାଯାଇଥିଲା। ରକ୍ତର ଗୁଣବତ୍ତାରେ କୌଣସି ପରିବର୍ତ୍ତନ ହୋଇନଥିବା ପରୀକ୍ଷାରୁ ଜଣାପଡ଼ିଲା। ଅନେକ ସମୟରେ ରକ୍ତ ଅଭାବରୁ ରୋଗୀ ଅକାଳ ମୃତ୍ୟୁମୁଖରେ ପଡୁଛନ୍ତି। ତେଣୁ ଡ୍ରୋନ୍ ଜରିଆରେ ଦୂରଦୂରାନ୍ତ ଅଞ୍ଚଳରେ ଖୁବ୍ କମ୍ ସମୟରେ ରକ୍ତ ପହଞ୍ଚାଇବାର ବ୍ୟବସ୍ଥା ରୋଗୀଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି। ଏନେଇ ଆଇସିଏମ୍ଆର ଡିଜି କହିଛନ୍ତି, ଅଧିକ ଉଚ୍ଚତାରେ ଯିବା ବେଳେ ଯେପରି ରକ୍ତର ଗୁଣବତ୍ତାରେ କୌଣସି ପରିବର୍ତ୍ତନ ନ ହେବ ତାହା ଉପରେ ନଜର ରଖିଥିଲୁ। ଏହି ପରୀକ୍ଷଣ ପରେ ଆମେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛୁ। ତେଣୁ ଆଗାମୀ ଦିନରେ ଦେଶର ବିଭିନ୍ନ ଅଞ୍ଚଳରେ ଡ୍ରୋନ ସାହାଯ୍ୟରେ ରକ୍ତ ଡେଲିଭରି କରାଯିବାକୁ ପ୍ରାଥମିକତା ଦିଆଯିବ।

## ପାକିସ୍ତାନୀ ଓ ଭାରତୀୟ ଜେଲରୁ ମୁକ୍ତି ଅପେକ୍ଷାରେ ୭୪୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ



**ନୂଆଦିଲ୍ଲୀ :** ଜଳସୀମା ଉଲ୍ଲଂଘନ ଅଭିଯୋଗରେ ଗିରଫ ହୋଇ ପାକିସ୍ତାନ ଓ ଭାରତର ଜେଲଗୁଡ଼ିକରେ ୭୪୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଅଛନ୍ତି। ୨୦୧୫ରୁ ୨୦୨୨ ଭିତରେ ଜଳସୀମା ଉଲ୍ଲଂଘନ ଅଭିଯୋଗରେ ଗିରଫ ହୋଇ ଦିଲ୍ଲୀ, ଗୁଜରାଟ ଓ ତିହାର ଜେଲରେ ୧୧୩ରୁ ଊର୍ଦ୍ଧ୍ୱ ପାକିସ୍ତାନୀ ମତ୍ସ୍ୟଜୀବୀ ଅଛନ୍ତି। ସେହିପରି ପାକିସ୍ତାନର ଜେଲଗୁଡ଼ିକରେ ଭାରତର ୬୫୪ ଜଣ ମତ୍ସ୍ୟଜୀବୀ ଅଛନ୍ତି, ଯେଉଁମାନଙ୍କ ମଧ୍ୟରୁ ୬୩୧ ଜଣ ପ୍ରତ୍ୟର୍ପଣ ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ଏହି କଏଦୀମାନଙ୍କର ଜେଲ ଅବଧି ବଢ଼ିଚାଲିଥିବା ବେଳେ ସେମାନଙ୍କୁ ନିଜ ପରିବାର ସହ ଯୋଗାଯୋଗ କରିବାର ସୁଯୋଗ ମିଳୁନି।

### ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ଚାଞ୍ଚଲ୍ୟକର ରିପୋର୍ଟ

# ୫ ବର୍ଷରେ ଗୁଜୁରାଟରେ ୪୦ ହଜାରରୁ ଅଧିକ ମହିଳା ନିଖୋଜ

**ନୂଆଦିଲ୍ଲୀ :** ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ଚାଞ୍ଚଲ୍ୟକର ରିପୋର୍ଟ ଖୋଲି ଦେଇଛି ଗୁଜୁରାଟର କଳା ଚିଠା। ୫ ବର୍ଷ ମଧ୍ୟରେ ଗୁଜରାଟରେ ୪୦ ହଜାରରୁ ଅଧିକ ମହିଳା ନିଖୋଜ ହୋଇଯିବା ଭଳି ଏକ ସ୍ପର୍ଶକାତର ବିଷୟ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ପ୍ରକାଶ କରିଛି। ଏହି ସଂସ୍ଥା ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ ୨୦୧୬ ମସିହାରେ ଏହି ରାଜ୍ୟରୁ ୭୧୦୫ ମହିଳା ନିଖୋଜ ହୋଇଯାଇଥିଲା ବେଳେ ୨୦୧୭ରେ ଏହି ସଂଖ୍ୟା ୭୭୧୨କୁ ବୃଦ୍ଧି ପାଇଥିଲା। ପରବର୍ତ୍ତୀ ବର୍ଷଗୁଡିକରେ ମଧ୍ୟ ଆହୁରି ଅଧିକ ମହିଳା ନିଖୋଜ ହୋଇଥିଲେ। ୨୦୧୮ରେ ନିଖୋଜ ମହିଳାଙ୍କ ସଂଖ୍ୟା ୯୨୪୬କୁ ବୃଦ୍ଧି ପାଇବା ସହିତ ୨୦୧୯ରେ ୯୨୬୮ ଏବଂ ୨୦୨୦ରେ ଏହି ସଂଖ୍ୟା ୮୨୯୦ରେ ପହଞ୍ଚିଥିଲା। ତେବେ ୨୦୨୨ରେ ଏନସିଆରବି ପକ୍ଷରୁ ପ୍ରକାଶ କରାଯାଇଥିବା ତଥ୍ୟ ଅନୁସାରେ କେବଳ ଗୁଜରାଟରେ ବିଗତ ୫ ବର୍ଷ ମଧ୍ୟରେ ମୋଟ ୪୧ ହଜାର ୬୨୧ ଜଣ ମହିଳା ନିଖୋଜ ହୋଇଛନ୍ତି। ଦିନକୁ ଦିନ ଏହି ରାଜ୍ୟରେ ମହିଳା ନିଖୋଜ ହେବା ସଂଖ୍ୟା ବଢୁଥିଲେ ମଧ୍ୟ ଏହାକୁ ହତ୍ୟାଘଟଣା ଭଳି ଗୁରୁତ୍ୱ ଦିଆଯାଇ ବିଚାର କରାଯାଉ ନାହିଁ ବୋଲି ରାଜ୍ୟ ମାନବାଧିକାର କମିସନ ସଦସ୍ୟ ସୁଧୀର ସିହ୍ନା କହିଛନ୍ତି। ରାଜ୍ୟର ବିଜେପି ସରକାର ଦ୍ୱାରା ୨୦୨୧ରେ ଗୁଜରାଟ ବିଧାନସଭାରେ ରଖିଥିବା ଏକ ବୟାନ ଅନୁସାରେ, ଅହମଦାବାଦ ଏବଂ ଭଦୋଦରାରେ କେବଳ ଗୋଟିଏ ବର୍ଷ (୨୦୧୯-୨୦)ରେ ୪,୭୨୨ ମହିଳା ନିଖୋଜ ହୋଇଛନ୍ତି । ଦ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ରିପୋର୍ଟ ଅନୁସାରେ, ପୂର୍ବତନ ଆଇପିଏସ ଅଧିକାରୀ ଏବଂ ଗୁଜରାଟ ରାଜ୍ୟ ମାନବାଧିକାର ଆୟୋଗଙ୍କ ସଦସ୍ୟ ସୁଧୀର ସିହ୍ନା କହିଛନ୍ତି, 'ନିଖୋଜର କିଛି ମାମଲାରେ ଦେଖିବାକୁ ମିଳିଛି ଯେ ଯୁବତୀ ଏବଂ ମହିଳାଙ୍କୁ ବେଳେବେଳେ ଗୁଜରାଟ ଛଡା ଅନ୍ୟ ରାଜ୍ୟକୁ ମଧ୍ୟ ପଠାଯାଉଛି ଏବଂ ଗଣିକାବୃତ୍ତି ପାଇଁ ବାଧ୍ୟ କରାଯାଉଛି'। ସେ କହିଛନ୍ତି, 'ପୁଲିସ୍ ସିଷ୍ଟମର ସମସ୍ୟା ଏହା ଯେ ସେମାନେ ନିଖୋଜ ମାମଲାକୁ ଗୁରୁତର ସହ ନେଉ ନାହାନ୍ତି। ଏପରି ମାମଲା ହତ୍ୟାଠାରୁ ମଧ୍ୟ ଗମ୍ଭୀର ଅଟେ। ଏହା ଏଥିପାଇଁ କାରଣ ଯେତେବେଳେ ଗୋଟିଏ ପିଲା ନିଖୋଜ ହୁଏ, ସେତେବେଳେ ମାଆ-ବାପା ନିଜ ପିଲା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରନ୍ତି। ନିଖୋଜ ମାମଲାର ତଦନ୍ତ ହତ୍ୟା ମାମଲା ପରି ଗମ୍ଭୀରତା ସହ କରାଯିବ ଦରକାର। ନିଖୋଜ ଲୋକଙ୍କ ମାମଲାକୁ ଅଧିକାଂଶ ସମୟରେ ଅଣଦେଖା କରାଯାଉଛି କାରଣ ତାଙ୍କ ତଦନ୍ତ ବ୍ରିଟିଶ କାଳର ପ୍ରକ୍ରିୟାରେ କରାଯାଉଛି'। ସେହିପରି ଗୁଜରାଟର ପୂର୍ବତନ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଡ. ରଞ୍ଜନ ପ୍ରିୟଦର୍ଶୀ କହିଛନ୍ତି ଯେ ଯୁବତୀ ଏବଂ ମହିଳାଙ୍କ ନିଖୋଜ ପାଇଁ ମାନବ ଚାଲାଣ ଦାୟୀ ଅଟେ।

### ସ୍ୱଚ୍ଛତା କ୍ଷେତ୍ରରେ ଭାରତର ଆଉ ଏକ ମାଇଲ ଖୁଣ୍ଟ ହାସଲ

# ୫୦% ଗ୍ରାମକୁ ଓଡିଏଫ୍ ପ୍ଲସ୍ ମାନ୍ୟତା

**ନୂଆଦିଲ୍ଲୀ,(ପିଆଇବି) :** ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ (ଏସ୍‌ବିଏମ୍ - ଜି) ଅଧୀନରେ ଦେଶ ଆଉ ଏକ ପ୍ରମୁଖ ମାଇଲ୍ ଖୁଣ୍ଟ ହାସଲ କରିଛି ଯେଉଁଥିରେ ଦେଶର ମୋଟ ଗ୍ରାମ ଗୁଡିକର ଅଧା ଅର୍ଥାତ୍ ୫୦% ଗ୍ରାମ ମିଶନ୍‌ର ଦ୍ୱିତୀୟ ପର୍ଯ୍ୟାୟରେ ଓଡିଏଫ୍ ପ୍ଲସ୍ ମାନ୍ୟତା ହାସଲ କରିଛନ୍ତି। ଏକ ଓଡିଏଫ୍ ପ୍ଲସ୍ ଗ୍ରାମ ହେଉଛି ଏମିତି ଏକ ଗ୍ରାମ, ଯାହା କଠିନ କିମ୍ବା ତରଳ ବର୍ଜ୍ୟ ବସ୍ତୁ ପରିଚାଳନା ପ୍ରଣାଳୀ ପ୍ରୟୋଗ କରିବା ସହିତ ଏହାର ବାହ୍ୟ ମଳ ମୁକ୍ତ (ଓଡିଏଫ୍) ସ୍ଥିତିକୁ ବଜାୟ ରଖିଥାଏ। ୨.୯୬ ଲକ୍ଷରୁ ଅଧିକ ଗ୍ରାମ ନିଜକୁ ଓଡିଏଫ୍ ପ୍ଲସ୍ ଘୋଷଣା କରିଛନ୍ତି, ଯାହାକି ୨୦୨୪ - ୨୫ ସୁଦ୍ଧା ଏସ୍‌ବିଏମ୍ – ଜିର ଦ୍ୱିତୀୟ ପର୍ଯ୍ୟାୟ ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ଓଡିଏଫ୍ ପ୍ଲସ୍ ଗ୍ରାମ ଗୁଡିକର ଶତକଡ଼ା ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଗୁଡ଼ିକ ହେଉଛି – ବୃହତ୍ ରାଜ୍ୟ ମଧ୍ୟରେ ତେଲେଙ୍ଗାନା (୧୦୦%), କର୍ଣ୍ଣାଟକ (୯୯.୫%), ତାମିଲନାଡୁ (୯୭.୮%) ଏବଂ ଉତ୍ତରପ୍ରଦେଶ (୯୫.୨%) ଏବଂ କ୍ଷୁଦ୍ର ରାଜ୍ୟ ମାନଙ୍କ ମଧ୍ୟରେ ଗୋଆ (୯୫.୩%) ଏବଂ ସିକ୍କିମ୍ (୬୯.୨%) ଶ୍ରେଷ୍ଠ ପ୍ରଦର୍ଶନକାରୀ ହୋଇଥିବା ବେଳେ କେନ୍ଦ୍ରଶାସିତ ଅଂଚଳ ଗୁଡିକ ମଧ୍ୟରେ – ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଦାଦରା ନଗର ହାବେଳି ଏବଂ ଡାମନ ଡିୟୁ ଏବଂ ଲାକ୍ଷାଦ୍ୱୀପରେ ୧୦୦% ଓଡିଏଫ୍ ପ୍ଲସ୍ ମଡେଲ ଗ୍ରାମ ରହିଛି। ଏହି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ଗୁଡିକ ଓଡିଏଫ୍ ପ୍ଲସ୍ ସ୍ଥିତି ହାସଲ କରିବାରେ ଉଲ୍ଲେଖନୀୟ ଅଗ୍ରଗତି ପ୍ରଦର୍ଶନ କରିଛନ୍ତି ଏବଂ ଏହି ମାଇଲ ଖୁଣ୍ଟରେ ପହଞ୍ଚିବାରେ ସେମାନଙ୍କର ଉଦ୍ୟମ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୨,୯୬,୯୨୮ ଓଡିଏଫ୍ ପ୍ଲସ୍ ଗ୍ରାମ ମଧ୍ୟରୁ ୨,୦୮,୬୧୩ ଗ୍ରାମ ହେଉଛି କଠିନ ବର୍ଜ୍ୟ ବସ୍ତୁ ପରିଚାଳନା କିମ୍ବା ତରଳ ବର୍ଜ୍ୟ ବସ୍ତୁ ପରିଚାଳନା ପାଇଁ ବ୍ୟବସ୍ଥା ଥିବା ଓଡିଏଫ୍ ପ୍ଲସ୍ ଆକାଂକ୍ଷୀ ଗ୍ରାମ, ୩୨,୦୩୦ଟି ଗ୍ରାମ ହେଉଛି ଉଭୟ କଠିନ ବର୍ଜ୍ୟ ବସ୍ତୁ ପରିଚାଳନା ଏବଂ ତରଳ ବର୍ଜ୍ୟ ବସ୍ତୁ ପରିଚାଳନା ପାଇଁ ବ୍ୟବସ୍ଥା ରହିଥିବା ଓଡିଏଫ୍ ପ୍ଲସ୍ ରାଇଜିଂ ଗ୍ରାମ ଏବଂ ୫୮,୨୮୫ ଗ୍ରାମ ହେଉଛି ଓଡିଏଫ୍ ପ୍ଲସ୍ ମଡେଲ୍ ଗ୍ରାମ। ଓଡିଏଫ୍ ପ୍ଲସ୍ ମଡେଲ୍ ଗ୍ରାମ ଗୁଡିକ ହେଉଛି ଏମିତି ଗ୍ରାମ ଯାହା ତାର ଓଡିଏଫ୍ ସ୍ଥିତିକୁ ବଜାୟ ରଖିଥାଏ ଏବଂ ଉଭୟ କଠିନ ବର୍ଜ୍ୟ ବସ୍ତୁ ପରିଚାଳନା ଏବଂ ତରଳ ବର୍ଜ୍ୟ ବସ୍ତୁ ପରିଚାଳନା ପାଇଁ ସେଠାରେ ବ୍ୟବସ୍ଥା ରହିଥାଏ : ଦୃଶ୍ୟ ସ୍ୱଚ୍ଛତାର ନିରୀକ୍ଷଣ କରିଥାଏ, ଯଥା, ସର୍ବନିମ୍ନ ଅଳିଆ ଆବର୍ଜନା, ସର୍ବନିମ୍ନ ସ୍ଥିର ବର୍ଜ୍ୟ ଜଳ, ସର୍ବସାଧାରଣ ସ୍ଥାନରେ କୌଣସି ପ୍ଲାଷ୍ଟିକ୍ ବର୍ଜ୍ୟ ବସ୍ତୁ ନପକାଇବା; ଏବଂ ଓଡିଏଫ୍ ପ୍ଲସ୍ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ବାର୍ତ୍ତା ପ୍ରଦର୍ଶନ କରିଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ, ୧,୬୫,୦୪୮ ଗ୍ରାମରେ କଠିନ ବର୍ଜ୍ୟ ବସ୍ତୁ ପରିଚାଳନା ପାଇଁ ବ୍ୟବସ୍ଥା ଅଛି, ୨,୩୯,୦୬୩ ଗ୍ରାମରେ ତରଳ ବର୍ଜ୍ୟ ବସ୍ତୁ ପରିଚାଳନା ପାଇଁ ବ୍ୟବସ୍ଥା ଅଛି, ୪,୫୭,୦୬୦ ଗ୍ରାମରେ ସର୍ବନିମ୍ନ ସ୍ଥାୟୀ ଜଳ ଥିବାବେଳେ ୪, ୬୭, ୩୮୪ ଗ୍ରାମରେ ସର୍ବନିମ୍ନ ଅଳିଆ ଆବର୍ଜନା ଅଛି। ୨୦୧୪ - ୧୫ ରୁ ୨୦୨୧ -୨୨ ମଧ୍ୟରେ କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣକୁ ମୋଟ ୮୩,୯୩୮ କୋଟି ଟଙ୍କା ଆବଂଟିତ କରିଛନ୍ତି। ୨୦୨୩ - ୨୪ ବର୍ଷ ପାଇଁ ଆବଣ୍ଟନ ରାଶି ପରିମାଣ ହେଉଛି ୫୨,୧୩୭ କୋଟି ଟଙ୍କା। ଏସ୍‌ବିଏମ୍ (ଜି) ପାଣ୍ଠି ବ୍ୟତୀତ ସ୍ୱଚ୍ଛତା ପାଇଁ ୧୫ ତମ ଏଫସି ପାଣ୍ଠିର ସ୍ପଷ୍ଟ ଆବଣ୍ଟନ ବ୍ୟବସ୍ଥା ଅଛି। ସ୍ୱଚ୍ଛତା ସମ୍ପତ୍ତି ଗଠନ, ଆଚରଣ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ଏବଂ କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପରିଚାଳନା ପ୍ରଣାଳୀ କାର୍ଯ୍ୟକାରୀ କରିବା ପାଇଁ ଏହି ପାଣ୍ଠି ବ୍ୟବହାର କରାଯାଇଛି। ଏହି ବର୍ଷ ସ୍ୱଚ୍ଛ ଭାରତ ମିଶନର ୯ ବର୍ଷ ପୂରଣ ହୋଇଛି। ୫୦% ଓଡିଏଫ୍ ପ୍ଲସ୍ ଗ୍ରାମ ଗୁଡିକର ସଫଳତା ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଣ୍ଟ ଅଟେ, କାରଣ ଏହା କେବଳ ଶୌଚାଳୟର ନିର୍ମାଣ ଏବଂ ବ୍ୟବହାର ମଧ୍ୟରେ ସୀମିତ ନରହି ଏହା ଠାରୁ ଆଗକୁ ଯାଇ ପୂର୍ଣ୍ଣତା ତଥା ସମ୍ପୂର୍ଣ୍ଣ ପରିଷ୍କାର ପରିଚ୍ଛନ୍ନତା ଯଥା ଓଡିଏଫ୍ ରୁ ଓଡିଏଫ୍ ପ୍ଲସ୍ ପର୍ଯ୍ୟନ୍ତ ଯାଉଛି। ଏସ୍‌ବିଏମ୍ (ଜି) ର ଦ୍ୱିତୀୟ ପର୍ଯ୍ୟାୟ ମୁଖ୍ୟ ଉପାଦାନ ଗୁଡ଼ିକ ହେଉଛି ବାହ୍ୟ ମଳମୁକ୍ତ ସ୍ଥିତି (ଓଡିଏଫ୍ - ଏସ୍), କଠିନ (ଜୈବ - ଅବକ୍ଷୟିଷ୍ଣୁ) ବର୍ଜ୍ୟ ବସ୍ତୁ ପରିଚାଳନା, ପ୍ଲାଷ୍ଟିକ୍ ବର୍ଜ୍ୟ ବସ୍ତୁ ପରିଚାଳନା (ପିଡବ୍ଲ୍ୟୁଏମ୍), ତରଳ ବର୍ଜ୍ୟ ବସ୍ତୁ ପରିଚାଳନା (ଏଲ୍‌ଡବ୍ଲ୍ୟୁଏମ୍), ମଳ ପଙ୍କ ପରିଚାଳନା (ଏଫ୍ଏସ୍ଏମ୍), ଗୋବର୍ଦ୍ଧନ, ସୂଚନା ଶିକ୍ଷା ଏବଂ ଯୋଗାଯୋଗ / ଆଚରଣ ପରିବର୍ତ୍ତନ, ଯୋଗାଯୋଗ (ଆଇଇସି / ବିସିସି) ଏବଂ ଦକ୍ଷତା ବିକାଶ। ଏସ୍‌ବିଏମ୍ - ଜି କାର୍ଯ୍ୟକ୍ରମ ସମଗ୍ର ଦେଶରେ ଲକ୍ଷ ଲକ୍ଷ ଲୋକ ମାନଙ୍କର ସ୍ୱାସ୍ଥ୍ୟ ଏବଂ କଲ୍ୟାଣରେ ଉନ୍ନତି ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।

# ରାଜ୍ୟରେ ୫୧ ହଜାରରୁ ଅଧିକ ସିମ୍ ଅଚଳ

## ୨୪୧୭ ଡିଲରଙ୍କୁ କଳା ତାଲିକାଭୁକ୍ତ କଲା ଟେଲିକମ୍ ବିଭାଗ

**ଭୁବନେଶ୍ୱର :** ଏଣିକି ମନ୍ଦ ଉଦ୍ଦେଶ୍ୟାରେ ସିମ୍ କାର୍ଡ ସଂଯୋଗ ନେବା ଆଉ ତାକୁ କାମରେ ଲଗାଇବା ସହଜ ହେବ ନାହିଁ। କିଛି ବି ଜାଲିଆତି ହୋଇଥିଲେ ଧରାପଡ଼ିବା ସୁନିଶ୍ଚିତ। ଏଥିପାଇଁ ଓଡ଼ିଶା ଟେଲିକମ୍ ବିଭାଗ 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଣ୍ଡ ଫେସିଆଲ ରେକଗନିସନ୍ ପାୱାରଡ୍ ସଲ୍ୟୁସନ୍ ଫର ଟେଲିକମ୍ ସିମ୍ ସବସ୍କ୍ରାଇବର୍ ଭେରିଫିକେସନ୍ (ଏଏସ୍‌ଟିଆର) ପଦ୍ଧତିର ବ୍ୟବହାର ଆରମ୍ଭ କରିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଅବା କୃତ୍ରିମ ବୁଦ୍ଧିମତା ନକଲି ମୋବାଇଲ୍ ଗ୍ରାହକଙ୍କୁ ଠାବ କରିବାରେ ସଫଳ ମଧ ହୋଇଛି। କିଛି ଦିନ ମଧ୍ୟରେ ଓଡ଼ିଶାରେ ୫୧୨୬୦ ସିମ୍ କାର୍ଡ ଅଚଳ କରାଯାଇଛି। ଅଚଳ ହୋଇଥିବା ସିମ୍ କାର୍ଡ ବିଭିନ୍ନ ମୋବାଇଲ୍ ସେବା ପ୍ରଦାନକାରୀ କମ୍ପାନୀ ଜାରି କରିଥିଲେ। ସେହିପରି ନକଲି ସିମ୍ ଯୋଗାଣ କରିବା ଅଭିଯୋଗରେ ଟେଲିକମ୍ ବିଭାଗ ପକ୍ଷରୁ ୨୪୧୭ ବିକ୍ରେତାଙ୍କୁ କଳା ତାଲିକାଭୁକ୍ତ କରାଯାଇ ସେମାନଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଛି। ସାଇବର ଅପରାଧ ନିଜର କାୟା ବିସ୍ତାର କରି ଚାଲିଥିବା ବେଳେ ମୋବାଇଲ୍ ଫୋନ୍ ଏଥିରେ ପ୍ରମୁଖ ଅସ୍ତ୍ର ସାଜିଛି। ତେଣୁ ନକଲି ସିମ୍ କାର୍ଡ ବିରୋଧରେ ଅଭିଯାନ ଆରମ୍ଭ ପାଇଁ ଓଡ଼ିଶା ଟେଲିକମ୍ ସର୍କଲ ପକ୍ଷରୁ ଏଏସ୍ଟିଆର କୌଶଳର ଉପଯୋଗ କରାଯାଉଛି। ଓଡ଼ିଶା ଟେଲିକମ୍ ସର୍କଲର ଅତିରିକ୍ତ ମହାନିର୍ଦ୍ଦେଶକ ବିକେ ନାୟକ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି ଯେ ସାଇବର ଅପରାଧ ଉପରେ ଅଙ୍କୁଶ ଲଗାଇବାକୁ ହେଲେ ଆମକୁ ନକଲି, ଅବୈଧ ସିମ୍ କାର୍ଡ ଧରିବା ଜରୁରୀ। ଏହି କ୍ରମରେ ଆମେ ଏଏସ୍‌ଟିଆର ବ୍ୟବହାର ଆରମ୍ଭ କରିଛୁ। ଏହି ବ୍ୟବସ୍ଥାରେ ମୁହଁ ଚିହ୍ନଟ ବ୍ୟବସ୍ଥା ରହିଛି ଯାହା ସବୁ କମ୍ପାନୀର ସିମ୍ କାର୍ଡ ବ୍ୟବହାରକାରୀଙ୍କ ଡାଟାବେସ୍‌କୁ ଅନୁଶୀଳନ କରିଥାଏ। ଜଣ ଜଣ କରି ପ୍ରତ୍ୟେକ ସିମ୍ ବ୍ୟବହାରକାରୀଙ୍କ ଫଟୋକୁ ଅନ୍ୟ ବ୍ୟବହାରକାରୀଙ୍କ ଫଟୋ ସହିତ ମେଳ କରାଯାଏ। ଯଦି ସମାନ ଗ୍ରାହକଙ୍କ ଫଟୋ ଏକାଧିକ ନାମ ସହିତ ସଂଯୋଗ ହୋଇଥାଏ ତା ହେଲେ ତୁରନ୍ତ ଧରାପଡ଼ିଯାଏ। ସନ୍ଦିଗ୍ଧ ସିମ୍ କାର୍ଡ ଗୁଡିକୁ ସମ୍ପୃକ୍ତ ସେବା ପ୍ରଦାନକାରୀ କମ୍ପାନୀ ଦ୍ୱାରା ଏକାଧିକ ବାର ଯାଞ୍ଚ କରିବା ପରେ ଅଚଳ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା। ବେଆଇନ୍ ଭାବେ ବ୍ୟବହୃତ ସିମ୍ ଯୋଗାଣ କରିଥିବା ଡିଲର୍ଙ୍କୁ ମଧ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

### ନଷ୍ଟ ହେବନି ଖଣ୍ଡିଏ ବି ହାଡ଼

# ଏସସିବିରେ ସ୍ଥାପନ ହେବ ବୋନ୍ ବ୍ୟାଙ୍କ୍

**କଟକ :** ବଡ଼ ମେଡିକାଲରେ ବଡ଼ ବ୍ୟବସ୍ଥା। ନଷ୍ଟ ହେବନି ଖଣ୍ଡିଏ ବି ହାଡ଼। ଫିଙ୍ଗା ହେବନି କାମରେ ଲାଗିବ। ଏସସିବିରେ ସ୍ଥାପନ ହେବ ବୋନ୍ ବ୍ୟାଙ୍କ୍। ଏଣିକି ଅସ୍ତ୍ରୋପଚାର ସମୟରେ କୌଣସି ହାଡ଼ ଫୋପଡ଼ା ହେବନି। ଏହାକୁ ଗଚ୍ଛିତ ରଖି ପରବର୍ତ୍ତୀ ସମୟରେ ଅନ୍ୟ ରୋଗୀଙ୍କ ଶରୀରରେ ପ୍ରତିରୋପଣ କରାଯିବ। ରାଜ୍ୟରେ ପ୍ରଥମ କରି କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ପ୍ରତିଷ୍ଠା ହେବ ବୋନ୍ ବ୍ୟାଙ୍କ। ଏଥିପାଇଁ ଭିତ୍ତିଭୂମି ପ୍ରସ୍ତୁତ କରାଯାଉଥିବାବେଳେ ଅନୁଧ୍ୟାନ କରିଛି ଡିଏମଇଟି କାର୍ଯ୍ୟାଳୟର ଅସ୍ଥିଶଲ୍ୟ ବିଭାଗ। ଆବଶ୍ୟକ ମେସିନ୍ ଆଣିବାକୁ ଟେଣ୍ଡର ଡକା ସରିଥିବା ଜଣାପଡ଼ିଛି। ଅତ୍ୟାବଶ୍ୟକ ହ୍ୟୁମାନ ଲ୍ୟୁକୋସାଇଟ ଆଣ୍ଟିଜେନ ତଥା ଏଚଏଲଏ ମ୍ୟାଚିଂ ଲାବୋରେଟୋରୀ ଖୋଲିବା ପାଇଁ ମଧ ଉଦ୍ୟମ କରାଯାଉଛି। ଏଭଳି ସ୍ଥଳେ ବୋନ୍ ବ୍ୟାଙ୍କ ପ୍ରତିଷ୍ଠା କରି ହାଡ଼ ପ୍ରତିରୋପଣ ପାଇଁ ପ୍ରସ୍ତୁତ ହେଉଛି ଏସସିବି। ଏଯାଏ ଓଡ଼ିଶାରେ ବୋନ୍ ବ୍ୟାଙ୍କ ନାହିଁ। ଟାଟା ମେମୋରିଆଲ, ଦିଲ୍ଲୀ ଏମ୍ସ, ଚେନ୍ନାଇର କିଛି ଘରୋଇ ହସପିଟାଲରେ ଏହି ବ୍ୟବସ୍ଥା ରହିଛି। ଦୁର୍ଘଟଣା, ଟ୍ୟୁମର କିମ୍ବା କର୍କଟ ରୋଗୀଙ୍କ ଶରୀରର ବିଭିନ୍ନ ଅଙ୍ଗରୁ ହାଡ଼କୁ ଅସ୍ତ୍ରୋପଚାରରେ କାଟି ବାହାର କରିଦିଆଯାଏ। ସାଧାରଣତଃ ଏହାକୁ ଫିଙ୍ଗି ଦିଆଯାଇଥାଏ। ମାତ୍ର ହାଡ଼କୁ ନଫୋପାଡ଼ି ସଦୁପଯୋଗ କରିବାକୁ ନିଆରା ପଦକ୍ଷେପ ନିଆଯାଇଛି। ହାଡ଼କୁ ବୋନ୍ ବ୍ୟାଙ୍କରେ ଗଚ୍ଛିତ ରଖି ପରବର୍ତ୍ତୀ ସମୟରେ ଅନ୍ୟ ରୋଗୀଙ୍କ ଶରୀରରେ ବ୍ୟବହାର କରାଯିବ। ଏସସିବିରେ ଏହା ପ୍ରତିଷ୍ଠା ହେଲେ ରୋଗୀଙ୍କୁ ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ।

### 'ଫ-ଟି' ହାଇସ୍କୁଲ ରୂପାନ୍ତରଣ

# ଶେଷ ପର୍ଯ୍ୟାୟରେ ବଦଳିବ ୨୭ଶହ ସ୍କୁଲର ଚେହେରା

**ଭୁବନେଶ୍ୱର :** ତିନିଟି ପର୍ଯ୍ୟାୟରେ ରାଜ୍ୟର ୬,୧୩୫ଟି ସରକାରୀ ହାଇସ୍କୁଲ୍‌କୁ 'ଫ-ଟି' ସ୍କୁଲ୍‌ରେ ରୂପାନ୍ତରିତ କରାଯାଇଥି ବା ବେଳେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ରୂପାନ୍ତରଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ସ୍କୁଲ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏହି ଯୋଜନାରେ ମୋଟ ୨ ହଜାର ୭ଶହ ସ୍କୁଲ ସାମିଲ୍ ପାଇଁ ବିଭାଗ ଲକ୍ଷ୍ୟ ରଖିଛି। ଚଳିତବର୍ଷ ଡିସେମ୍ବର ସୁଦ୍ଧା ଏହି ସ୍କୁଲଗୁଡ଼ିକର ରୂପାନ୍ତରଣ ପ୍ରକ୍ରିୟା ଶେଷହେବ। ଏହି ପର୍ଯ୍ୟାୟରେ ରାଜ୍ୟର ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟଗୁଡ଼ିକୁ ମଧ ସାମିଲ୍ କରାଯିବା ନେଇ ଲକ୍ଷ୍ୟ ରହିଛି। ପ୍ରଥମ ପର୍ଯ୍ୟାୟରେ ୧,୦୭୬ସ୍କୁଲ, ଦ୍ୱିତୀୟ ପର୍ଯ୍ୟାୟରେ ୨,୯୦୮ ଓ ତୃତୀୟ ପର୍ଯ୍ୟାୟରେ ୨୧୫୧ସ୍କୁଲକୁ ଲୋକାର୍ପଣ କରାଯାଇଥିବାବେଳେ ଶେଷ ପର୍ଯ୍ୟାୟ ହାଇସ୍କୁଲ ରୂପାନ୍ତରଣ ପାଇଁ ରୂପରେଖ ପ୍ରସ୍ତୁତ ହୋଇଛି। ସମୁଦାୟ ୮୮୬୪ଟି ବିଦ୍ୟାଳୟକୁ ରୂପାନ୍ତୟରଣ ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଜୁଲାଇ ସୁଦ୍ଧା ଚିହ୍ନଟ ପ୍ରକ୍ରିୟା ଶେଷ ଓ ଡିସେମ୍ବର ସୁଦ୍ଧା ରୂପାନ୍ତରଣ ପ୍ରକ୍ରିୟା ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ନୂଆ ବର୍ଷ ସୁଦ୍ଧା ଲୋକାର୍ପଣ ପ୍ରକ୍ରିୟା ସାରିବାକୁ ନିଷ୍ପତ୍ତି ହୋଇଛି। ସହରର ଚାକଚକ୍ୟ ଘରୋଇ ସ୍କୁଲ ଭଳି ଗ୍ରାମାଞ୍ଚଳର ବିଦ୍ୟାଳୟଗୁଡ଼ିକ ଭିତ୍ତିଭୂମି ସୁଦୃଢ଼ ହେଉଛି। ସରକାରୀ ହାଇସ୍କୁଲଗୁଡ଼ିକରେ ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ, କମ୍ପ୍ୟୁଟର ଲ୍ୟାବ, ସାଇନ୍ସଲ୍ୟାବ୍ ଭଳି ଉନ୍ନତ ମାନର ଶିକ୍ଷଣୀୟ ବ୍ୟବସ୍ଥା ଉପଲବ୍ଧ କରାଯାଉଛି। ରୂପାନ୍ତରଣ ଯୋଜନାରେ ସରକାରୀ ସ୍କୁଲଗୁଡ଼ିକର ନବଜାଗରଣ ହେଉଛି। ମୁଖ୍ୟତଃ ଆଲୁମିନି (ପୁରାତନ ଛାତ୍ରଛାତ୍ରୀ)ଙ୍କ ସହଯୋଗିତା, ବିଦ୍ୟାଳୟ ପରିଚାଳନା କମିଟି (ଏସ୍‌ଏମ୍‌ସି) ସଦସ୍ୟ ଓ ଜନସାଧାରଣଙ୍କ ସହଭାରିତା, ସ୍ଥାନୀୟ ଜନପ୍ରତିନିଧିଙ୍କ ସହଯୋଗ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ତଥା ପରୀକ୍ଷା ଫଳ ଆଧାରରେ ସ୍କୁଲ ଚୟନ କରାଯାଉଛି। ରୂପାନ୍ତରଣ ଯୋଜନାରେ ଉନ୍ନତ ମାନର ଶିକ୍ଷାଦାନ ସହିତ ଅଭିଜ୍ଞ ଶିକ୍ଷକ, ଅତ୍ୟାଧୁନିକ ଶିକ୍ଷଣୀୟ ଉପକରଣ ଯୋଗାଇ ଦିଆଯାଉଛି। ବିଶେଷତଃ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ପାଇଁ ସମସ୍ତ ଆବଶ୍ୟକ ଉପକରଣ ସହିତ ଉତ୍ତମ ଶୈକ୍ଷିକ ବାତାବାରଣ ଉପରେ ଧ୍ୟାନ ଦିଆଯାଉଛି। ଉନ୍ନତ ମାନର ଶ୍ରେଣୀ ଗୃହ, ଖେଳ ପଡ଼ିଆ ସହିତ ଖେଳ ସାମଗ୍ରୀ, ସ୍ମାର୍ଟ ଲାଇବ୍ରେରୀ, କମ୍ପ୍ୟୁଟର ଲ୍ୟାବ୍ ଆଦି ସ୍କୁଲଗୁଡ଼ିକରେ ପିଲାଙ୍କୁ ଯୋଗାଇ ଦିଆଯାଉଛି। ପିଲାମାନେ ବହି ବଦଳରେ ଏଣିକି ଇ-କଣ୍ଟେଟ ଓ ସ୍ମାର୍ଟ କ୍ଲାସରୁମର ପ୍ରୋଜେକ୍ଟରରେ ପାଠ ପଢୁଛନ୍ତି। ତେବେ ଏଥିପାଇଁ ଶିକ୍ଷକମାନଙ୍କୁ ମଧ ଦକ୍ଷ କରାଯାଉଛି। ବିଭାଗ ପକ୍ଷରୁ ସ୍କୁଲ ଶିକ୍ଷକମାନଙ୍କୁ ସ୍କୁଲ ପରିଚାଳନା ନେଇ ପ୍ରଶିକ୍ଷଣ ଦିଆଯାଉଛି। ଅତ୍ୟାଧୁନିକ ଯନ୍ତ୍ରାଂଶ ସାହାଯ୍ୟରେ ସେମାନେ କିପରି ଶିକ୍ଷାଦାନ କରିବେ ସେନେଇ ପ୍ରଶିକ୍ଷଣ ନେଉଛନ୍ତି। ଅପରପକ୍ଷେ ସ୍ମାର୍ଟ ସ୍କୁଲରେ ପଢ଼ିବା ପାଇଁ ପିଲାମାନଙ୍କ ମଧ୍ୟରେ ପୂର୍ବ ଅପେକ୍ଷା ଆଗ୍ରହ ବଢୁଛି। ଘରୋଇ ସ୍କୁଲ ଭଳି ସୁସଜ୍ଜିତ ଓ ଅତଥାଧୁନିକ ଶ୍ରେଣୀ ଗୃହ, ପାଠାଗାର ଆଦି ପିଲାଙ୍କୁ ସ୍କୁଲ ପ୍ରତି ଆକୃଷ୍ଟ କରୁଛି। ତେବେ ସ୍କୁଲଗୁଡ଼ିକର କେବଳ ଭିତ୍ତିଭୂମି ଉନ୍ନତିକରଣ ନୁହଁ, ସମ୍ପୃକ୍ତ ସ୍କୁଲଗୁଡ଼ିକରେ ଖାଲି ପଦ ପୂରଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ରକୁ ମଧ ବିଶେଷ ଧ୍ୟାନ ଦିଆଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି। ପର୍ଯ୍ୟାୟ କ୍ରମେ ରାଜ୍ୟର ପ୍ରାଥମିକ ଗୁଡ଼ିକର ମଧ ରୂପାନ୍ତରଣ କରାଯିବ ବୋଲି ଗଣଶିକ୍ଷା ବିଭାଗ କହିଛି।

# ସଫଳତା ପଥରେ ଓଡ଼ିଶା ମିଲେଟ୍ ମିଶନ

**ଭୁବନେଶ୍ୱର :** ୨୦୨୩ ମସିହାକୁ ମିଳିତ ଜାତିସଂଘ ଆନ୍ତର୍ଜାତିକ ମିଲେଟ ବର୍ଷ ଭାବରେ ସ୍ୱୀକୃତି ଦେବାର ୫ ବର୍ଷ ପୂର୍ବରୁ ଓଡ଼ିଶା ସରକାର 'ଓଡ଼ିଶା ମିଲେଟ ମିଶନ' ଜରିଆରେ କ୍ଷୁଦ୍ର ଶସ୍ୟ ବା ମିଲେଟକୁ ପ୍ରୋତ୍ସାହନ ଦେବା ଏବଂ ଏହାର ବ୍ୟବହାର ବୃଦ୍ଧି ପାଇଁ ଅବିରତ କାର୍ଯ୍ୟ କରି ଆସୁଛନ୍ତି। ସ୍ୱତନ୍ତ୍ର ରଣନୀତି ମାଧ୍ୟମରେ ଏହାର ପ୍ରଚାର ଓ ପ୍ରସାର ପାଇଁ ବିସ୍ତୃତ ଯୋଜନା ପ୍ରସ୍ତୁତ କରିଛନ୍ତି ରାଜ୍ୟ ସରକାର। କୋଦ, ବାଜରା, ରାଗି, କାଙ୍ଗୁ, ମାଣ୍ଡିଆ ଇତ୍ୟାଦି ମିଲେଟ ଭାବରେ ବେଶ ଜଣାଶୁଣା। ମିଲେଟ ପରିବେଶ ଅନୁକୂଳ, ସ୍ୱଳ୍ପ ପରିମାଣ ଜଳ ଓ ଯତ୍ନରେ ଚାଷ ହୋଇପାରୁଥିବା କାରଣରୁ ଚାଷୀମାନଙ୍କର ପ୍ରଥମ ପସନ୍ଦ ପାଲଟିଛି। ଏହା ଜିଙ୍କ, କ୍ୟାଲସିୟମ, ଫୋଲିକ ଏସିଡ ଆଦିରେ ସମୃଦ୍ଧ ଏବଂ ଚାଉଳ ଓ ଗହମଠାରୁ ଅଧିକ ପୁଷ୍ଟିକର। ମଧୁମେହ, ଉଚ୍ଚ ରକ୍ତଚାପ, କୋଲେଷ୍ଟ୍ରଲ ଭଳି ଶାରୀରିକ ଅସନ୍ତୁଳନକୁ ନିୟନ୍ତ୍ରଣ କରିବା ସହ କିଡନୀ, ଲିଭର ସୁସ୍ଥ ରଖିବା ଓ ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ସାଜିଥାଏ। ଜନସାଧାରଣଙ୍କୁ ଏହି କ୍ଷୁଦ୍ର ଶସ୍ୟ ସମୁହ ବାବଦରେ ସଚେତନ କରିବାପାଇଁ ରାଜ୍ୟ ସରକାର ୨୦୧୭ ମସିହାରେ 'ଓଡ଼ିଶା ମିଲେଟ ମିଶନ' ଆରମ୍ଭ କରିଥିଲେ। ୨୦ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ, ୮୪ କୃଷକ ସଙ୍ଗଠନ ଓ ୧୫୭୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ମିଶନର ଅଂଶ ବିଶେଷ ହୋଇ ସକ୍ରିୟ ଯୋଗଦାନ ଦେଇ ଆସୁଛନ୍ତି। ଏହି ମିଶନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ୫ ବର୍ଷ ମଧ୍ୟରେ ୨ହଜାର୮ଶହ କୋଟି ଟଙ୍କା ବ୍ୟୟ କରିବାର ଲକ୍ଷ୍ୟ ରଖିଛନ୍ତି। ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ମିଲେଟ ଶକ୍ତି ଆଉଟଲେଟ ଓ ମିଲେଟ ଶକ୍ତି କାଫେର ଉଦ୍‌ଘାଟନ ଏହାର ସଦ୍ୟତମ ସଫଳତା ଏବଂ ଏହିଭଳି ଆହୁରି ଅଧିକ କାଫେ ଖୋଲିବାର ବ୍ୟବସ୍ଥା ରହିଛି। ଆଗାମୀ ଦିନରେ ମିଲେଟ୍ ମିଶନ ମାଧ୍ୟମରେ ରାଜ୍ୟର ୩୦ଟି ଜିଲ୍ଲାରେ ମିଲେଟ୍ ମିଶନ୍ କାର୍ଯ୍ୟକାରୀ ହେବ ଓ ଏଥିରେ



ଅଧିକରୁ ଅଧିକ ଚାଷୀ ଓ ସଙ୍ଗଠନ ଏହାର ଅଂଶବିଶେଷ ହେବେ ବୋଲି ଗତ ବର୍ଷ ଓଡ଼ିଶା ମିଲେଟ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ମାଣ୍ଡିଆ ଅତ୍ୟନ୍ତ ପୁଷ୍ଟିକର ଶକ୍ତି। ଶିଶୁଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପୁଷ୍ଟି ଯୋଗାଇଥାଏ। କ୍ଷୁଦ୍ର ଏବଂ ଗରିବ ଆଦିବାସୀ ଚାଷୀମାନେ ମିଲେଟ ଚାଷ ସହ ଜଡିତ। ସେମାନଙ୍କ ଅବସ୍ଥାରେ ଉନ୍ନତି ଆଣିବା ଏବଂ ଲୋକଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ସୁନିଶ୍ଚିତ କରିବା ପାଇଁ ମିଲେଟ ମିଶନ ଆରମ୍ଭ କରାଯାଇଛି। ୫ ବର୍ଷ ମଧ୍ୟରେ ୨ହଜାର୮ଶହ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ରାଜ୍ୟରେ ମିଲେଟ ଉତ୍ପାଦନ ବୃଦ୍ଧି ସହିତ ଏହାର ବ୍ୟବହାରକୁ ପ୍ରୋତ୍ସାହିତ କରିବାପାଇଁ ଓଡ଼ିଶା ମିଲେଟ ମିଶନର ସୃଷ୍ଟି। ଏହି ପ୍ରକଳ୍ପ ୨୦୧୭ରେ ଆରମ୍ଭ କରାଯାଇ ତିନୋଟି ସ୍ତର ଯଥା ରାଜ୍ୟ, ଜିଲ୍ଲା ଓ ବ୍ଲକରେ କାର୍ଯ୍ୟକାରୀ କରାଯାଇଥିଲା। ୨୦୧୭ ପରଠାରୁ ୩୦ଟି ଜିଲ୍ଲା, ୧୭୭ ବ୍ଲକକୁ ଏହା ସମ୍ପ୍ରସାରିତ କରାଯାଇଛି।

# ଖାଦ୍ୟଶସ୍ୟ ଉତ୍ପାଦନରେ ଓଡ଼ିଶାର ସଫଳତା

## ୨୦୨୨-୨୩ରେ ୧୩୬ ଲକ୍ଷ ୬ ହଜାର ମେଟ୍ରିକ ଟନରୁ ଅଧିକ ପରିମାଣ ଖାଦ୍ୟଶସ୍ୟ ଉତ୍ପାଦନ

**ଭୁବନେଶ୍ୱର:** ଖାଦ୍ୟଶସ୍ୟ ଉତ୍ପାଦନରେ ଓଡ଼ିଶାର ସଫଳତା। ଗତ ବର୍ଷ ରାଜ୍ୟରେ ରେକର୍ଡ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ହୋଇଛି। ୨୦୨୨-୨୩ ବର୍ଷରେ ରାଜ୍ୟରେ ୧୩୬ ଲକ୍ଷ ୬ ହଜାର ମେଟ୍ରିକ୍ ଟନରୁ ଅଧିକ ପରିମାଣର ଖାଦ୍ୟ ଶସ୍ୟ ଉତ୍ପାଦନ ହୋଇଥିବା କୃଷି ବିଭାଗ କହିଛି। ୨୦୨୦-୨୧ ବର୍ଷରେ ରାଜ୍ୟରେ ୧୩୦ ଲକ୍ଷ ୩୮ ହଜାର ମେଟ୍ରିକ୍ ଟନରୁ ଅଧିକ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିଲା। ୧୧୫ ଲକ୍ଷ ମେଟ୍ରିକ୍ ଟନ ଚାଉଳ ଉତ୍ପାଦନ ହୋଇଥିବାବେଳେ ୮ ଲକ୍ଷ ୬୦ ହଜାର ମେଟ୍ରିକ୍ ଟନରୁ ଅଧିକ ମକା, ୧ ଲକ୍ଷ ୬୧ ହଜାର ମେଟ୍ରିକ୍ ଟନରୁ ଅଧିକ ମାଣ୍ଡିଆ ଏବଂ ୨୮ ହଜାର ମେଟ୍ରିକ ଟନରୁ ଅଧିକ ଗହମ, ବାଜରା, ଓ ଅନ୍ୟ ଲଘୁଶସ୍ୟ ଉତ୍ପାଦନ ହୋଇଛି। ସେହିପରି ୧୦ ଲକ୍ଷ ୫୫ ହଜାର ମେଟ୍ରିକ୍ ଟନରୁ ଅଧିକ ଡାଲିଜାତୀୟ ଶସ୍ୟ ଉତ୍ପାଦନ ହୋଇଛି। ଏହା ମଧ୍ୟରେ ୪ ଲକ୍ଷ ୨୧ ହଜାର ମେଟ୍ରିକ୍ ଟନ ଅଧିକ ମୁଗ, ୧ ଲକ୍ଷ ୯୭ ହଜାର ମେଟ୍ରିକ୍ ଟନରୁ ଅଧିକ ବିରି, ୧ ଲକ୍ଷ ୩୭ ହଜାର ମେଟ୍ରିକ ଟନରୁ ଅଧିକ ହରଡ଼, ୯୧ ହଜାର ମେଟ୍ରିକ୍ ଟନରୁ ଅଧିକ କୋଳଥ, ୨୯ ହଜାର ମେଟ୍ରିକ ଟନରୁ ଅଧିକ ମଟର, ୭ ହଜାର ମେଟ୍ରିକ ଟନରୁ ଅଧିକ ମସୁର, ୬୮ ହଜାର ମେଟ୍ରିକ ଟନରୁ ଅଧିକ ବରଗୁଡ଼ି ଏବଂ ଅନ୍ୟ ଡାଲିଜାତୀୟ ଫସଲ ୭୬ ହଜାର ମେଟ୍ରିକ ଟନ୍ ଅନ୍ତର୍ଭୁକ୍ତ ରହିଛି। ରେକର୍ଡ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିବାରୁ ଖୁସି ପ୍ରକାଶ କରିଛନ୍ତି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଏଥିପାଇଁ ସେ ଚାଷୀ ଓ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ରାଜ୍ୟ ସରକାର-ଏଚଏସଟିପି ମଧ୍ୟରେ ଚୁକ୍ତି

# ସୁଦୃଢ଼ ହେବ ସ୍ୱାସ୍ଥ୍ୟ ସେବା

**ଭୁବନେଶ୍ୱର :** ରାଜ୍ୟରେ ଆହୁରି ସୁଦୃଢ଼ ହେବ ସ୍ୱାସ୍ଥ୍ୟସେବା। ରାଜ୍ୟ ସରକାରଙ୍କ ପରିବାର କଲ୍ୟାଣ ବିଭାଗ ଓ ହେଲ୍ଥ ସିଷ୍ଟମ ଟ୍ରାନ୍ସଫରମେସନ ପ୍ଲାଟଫର୍ମ (ଏଚଏସଟିପି) ମଧ୍ୟରେ ମିଳିତ ସହମତିରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ସ୍ୱାସ୍ଥ୍ୟ ସେବାର ରୂପାନ୍ତରଣ ଏବଂ ସୁଦୃଢ଼ କରିବା ଦିଗରେ ଏହା ସହାୟକ ହେବ। ଏହି ଅବସରରେ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି ସମଗ୍ର ଜନସଂଖ୍ୟାକୁ ସାର୍ବଜନିକ ସ୍ୱାସ୍ଥ୍ୟ କଭରେଜ ଯୋଗାଇବାରେ ଓଡ଼ିଶା ଦ୍ରୁତ ଗତିରେ ଅଗ୍ରଗତି କରୁଛି। ଏଚଏସଟିପି, ଭାରତୀୟ ସ୍ୱାସ୍ଥ୍ୟକ୍ଷେତ୍ରରେ ଏକ ନନପ୍ରଫିଟ ସଂସ୍ଥା ଅଟେ ଯାହା ବ୍ୟବସ୍ଥା ପରିବର୍ତ୍ତନ କରିବାରେ ଲକ୍ଷ୍ୟ ରଖିଛି। ଏହି ସଂଗଠନ ଓଡ଼ିଶାର ଲୋକଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଫଳାଫଳ ବୃଦ୍ଧି ଦିଗରେ ବିଭାଗକୁ ସହଯୋଗ କରିବ। ଉପଲବ୍ଧ ରିପୋର୍ଟରେ ଦର୍ଶାଯାଇଛି ଯେ ସହଯୋଗର ମୁଖ୍ୟ



ବିଷୟବସ୍ତୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଯ୍ୟକାରିତାକୁ ଦୃଢ଼ କରିବା, ଜନସ୍ୱାସ୍ଥ୍ୟ ପ୍ରଦାନକାରୀଙ୍କ ଦକ୍ଷତା ବୃଦ୍ଧି, ପ୍ରାଥମିକ ସ୍ୱାସ୍ଥ୍ୟ ସୁବିଧାରେ ଔଷଧର ସୁବିଧା, ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଦୀର୍ଘକାଳୀନ ବିନିଯୋଗ ଯୋଜନା ପ୍ରସ୍ତୁତ କରିବା ଅନ୍ତର୍ଭୁକ୍ତ ରହିଛି। ସ୍ୱାସ୍ଥ୍ୟ ପ୍ରଣାଳୀର ଡିଜାଇନ୍, ରଣନୀତି, ଗବେଷଣା ଏବଂ ଉତ୍ସଗୁଡ଼ିକର ଉପଯୋଗକୁ ସର୍ବୋତ୍କୃଷ୍ଟ କରିବା ଉପରେ ଧ୍ୟାନ ଦିଆଯିବ। ଏହି ସହଭାଗୀତା ମଧ ପ୍ରମାଣ ସିନ୍ଥେସିସ୍ ସୃଷ୍ଟି କରିବ ଏବଂ ଧାରଣା ପ୍ରୋଟୋଟାଇପ୍ ମଡେଲଗୁଡିକ, ସର୍ବୋତ୍ତମ ଅଭ୍ୟାସ ଏବଂ ଉଦ୍ଭାବନରୁ ଶିକ୍ଷଣର ଡକ୍ୟୁମେଣ୍ଟେସନ୍ ବିକାଶ କରିବ। ଫଳରେ ଓଡିଶା ଏବଂ ଭାରତର ଅନ୍ୟାନ୍ୟ ରାଜ୍ୟ ପାଇଁ ମାପଯୋଗ୍ୟ ଏବଂ ସ୍ଥାୟୀ ମଡେଲ ଆଣିପାରେ।

# ଜଟଣୀରେ ହେବ କ୍ୟାନ୍ସର ହସ୍ପିଟାଲ



**ଭୁବନେଶ୍ୱର :** ଜଟଣୀରେ ହେବ କ୍ୟାନ୍ସର ହସ୍ପିଟାଲ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନସିଂରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଠି କ୍ୟାନ୍ସର ରୋଗୀଙ୍କ ଉତ୍ତମ ଚିକିତ୍ସା ଓ ନିରାକରଣ ଦିଗରେ କାର୍ଯ୍ୟ ହେବ। ୨୦୦ ଶହ ବେଡ୍ ବିଶିଷ୍ଟ ଏହି ହସ୍ପିଟାଲ ମୋଟ ୬୫୦ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହେବ। କେନ୍ଦ୍ର ଆଟୋମିକ୍ ଏନର୍ଜି ମୋଟ ବ୍ୟୟ ଅଟକଳର ୪୦୦ କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଓ ଟାଟା ଟ୍ରଷ୍ଟ ୨୫୦ କୋଟି ଟଙ୍କା ବ୍ୟୟ କରିବ। ଓଡ଼ିଶା ସରକାରଙ୍କ ପକ୍ଷରୁ ଏହି ହସ୍ପିଟାଲ କରିବା ନିମନ୍ତେ ୪୨ ଏକର ଜମି ଓ ଆବଶ୍ୟକ ଅନ୍ୟ ସହାୟତା କରାଯାଉଛି। ପୂର୍ବରୁ ଏହି ହସ୍ପିଟାଲ୍ ପାଇଁ ରାଜ୍ୟ ସରକାର ସହ ଟାଟା ଚୁକ୍ତି ସ୍ୱାକ୍ଷର କରିଛି। ଏବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୯ଟି ରାଜ୍ୟରେ ନୂଆ କ୍ୟାନ୍ସର ହସ୍ପିଟାଲ୍ ନିର୍ମାଣ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି।


# ୧୧୮୧ ଜଣ ଡାକ୍ତରଙ୍କୁ ନିଯୁକ୍ତି

**ଭୁବନେଶ୍ୱର :** ସଫଳ ସ୍ୱାସ୍ଥ୍ୟସେବାର ନୂଆ ଅଧ୍ୟାୟ। ୧୧୮୧ ଜଣ ଡାକ୍ତରଙ୍କୁ ବିଭିନ୍ନ ଡାକ୍ତରଖାନାରେ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ସମସ୍ତଙ୍କୁ ନିଯୁକ୍ତି ଦିଆଯାଇଛି। ରାଜ୍ୟରେ ରହିବେନି ଡାକ୍ତର ଅଭାବ। ଓଡ଼ିଶା ହେଉଛି ଡାକ୍ତର ବଳକା ରାଜ୍ୟ। ବର୍ତ୍ତମାନ ରାଜ୍ୟରେ ୧୦ଟି ସରକାରୀ ମେଡିକାଲ କଲେଜ ରହିଛି। ଏହା ସହିତ ୨ଟି ପୋଷ୍ଟ ଗ୍ରାଜୁଏଟ ଓ ଡେଣ୍ଟାଲ ମେଡିକାଲ କଲେଜ ରହିଛି। ୧୦ଟି ମେଡିକାଲ କଲେଜରେ ମୋଟ ୧୪୦୦ ଏମବିବିଏସ ସିଟ୍ ରହିଛି। ଚଳିତ ଶିକ୍ଷା ବର୍ଷରୁ କଳାହାଣ୍ଡିର ମେଡିକାଲ କଲେଜରେ ପାଠପଢା ହେବ। ଆସନ୍ତା ବର୍ଷ ଯାଜପୁର ଓ କନ୍ଧମାଳ ଜିଲ୍ଲାରେ ଦୁଇଟି ଓ ୨୦୨୬ ସୁଦ୍ଧା ତାଳଚେରରେ ମଧ ପ୍ରତିଷ୍ଠା ହେବ ମେଡିକାଲ କଲେଜ। ସବୁ ଜିଲ୍ଲାରେ ମେଡିକାଲ ଖୋଲିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଖୁବଶୀଘ୍ର ରାଜ୍ୟରେ ୫ ହଜାର ଡାକ୍ତର ନିଯୁକ୍ତି ପାଇବେ ବୋଲି ବିଧାନସଭାରେ ଘୋଷଣା କରିଥିଲେ।

### ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟିର ୧୧୭ତମ ବୈଠକ

# ୧୧ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ


**ଭୁବନେଶ୍ୱର :** ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ)ର ୧୧୭ତମ ବୈଠକ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏସଏଲଏସଡବ୍ଲ୍ୟୁସିଏ କମିଟି ଦ୍ୱାରା ୨୮୪୦.୭୩ କୋଟି ଟଙ୍କାର ୧୧ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି, ଯାହା ଓଡ଼ିଶାବାସୀଙ୍କ ପାଇଁ ୩୭୨୧ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ତନ୍ମଧ୍ୟରୁ ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୨ରେ ଅଂଶଗ୍ରହଣ କରି ରାଜ୍ୟରେ ପୁଞ୍ଜିନିବେଶ ପ୍ରସ୍ତାବନା ଦେଇଥିବା ୯ଟି କମ୍ପାନୀ ଅନ୍ତର୍ଭୁକ୍ତ ରହିଛି। ନିବେଶ ଉଦ୍ଦେଶ୍ୟକୁ ବାସ୍ତବରେ ପରିଣତ କରିବା ଦିଗରେ ରାଜ୍ୟ ସରକାର ନିରବଚ୍ଛିନ୍ନ ପ୍ରୟାସ କରୁଛନ୍ତି। ଆଲୁମିନିୟମ ଓ ଆଲୁମିନିୟମ ଉପରେ ନିର୍ଭରଶୀଳ ସଂପୃକ୍ତ ଇସ୍ପାତ ଏବଂ ଇସ୍ପାତ ସହ ସଂଯୁକ୍ତ ଶିଳ୍ପ, ରାସାୟନିକ ଓ ପ୍ଲାଷ୍ଟିକ, ଖାଦ୍ୟ ପ୍ରକ୍ରିୟାକରଣ ଓ ପ୍ୟାକେଜିଂ, ବୟନ ଓ ପୋଷାକ, ପର୍ଯ୍ୟଟନ ଏବଂ ଅକ୍ଷୟ ଶକ୍ତି ଭଳି ବିଭିନ୍ନ କ୍ଷେତ୍ରରେ ଥିବା ପ୍ରକଳ୍ପଗୁଡ଼ିକୁ ଅନୁମୋଦନ ମିଳିଛି। ବଲାଙ୍ଗୀର, ଗଞ୍ଜାମ, ଜଗତସିଂହପୁର, ଖୋର୍ଦ୍ଧା, ମୟୂରଭଞ୍ଜ, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁମୋଦିତ ପ୍ରକଳ୍ପ ପ୍ରତିଷ୍ଠା କରାଯିବ। ବୈଠକରେ ୮୯୬.୯୮ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଆର.ସି.ଆର ଷ୍ଟିଲ ୱାର୍କସ ପ୍ରାଇଭେଟ ଲିମିଟେଡର ପ୍ରସ୍ତାବକୁ ଏସଏଲଏସଡବ୍ଲୁସିଏ ଅନୁମୋଦନ କରିଛି। ଏଥିରେ ମୟୂରଭଞ୍ଜର ଜାମଦାଠାରେ ଏକ ଇସ୍ପାତ କାରଖାନା ସ୍ଥାପନ କରାଯିବା ସହ ରାଜ୍ୟରେ ପ୍ରାୟ ୭୫୦ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ସେହିପରି ରାୟଗଡ଼ା ଜିଲ୍ଲାରେ





ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ୍ ଏବଂ ସମ୍ବଲପୁରର ଲାପଙ୍ଗାସ୍ଥିତ ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ର ସମ୍ପ୍ରସାରଣ ପ୍ରସ୍ତାବକୁ କମିଟି ଅନୁମୋଦନ କରିଛି, ଯେଉଁଥିରେ ମୋଟ ପ୍ରାୟ ୧୦୦୦ କୋଟି ଟଙ୍କା ବିନିଯୋଗ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି ଏବଂ ଏହି ଜିଲ୍ଲା ଓ ଏହାର ଆଖପାଖ ଅଞ୍ଚଳରେ ୫୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ଗଞ୍ଜାମ ଜିଲ୍ଲାର ଚିଲିକା ହ୍ରଦ ସ୍ଥିତ ସୋମାଲୋ ଦ୍ୱୀପରେ ୨୨୮.୪୫ କୋଟି ଟଙ୍କା ବିନିଯୋଗରେ ଏକ ରିସୋର୍ଟ ପ୍ରତିଷ୍ଠା ପାଇଁ ମହିନ୍ଦ୍ରା ହୋଲିଡେଜ୍ ଆଣ୍ଡ ରିସର୍ଟସ୍ ଇଣ୍ଡିଆ ଲିମିଟେଡ୍ ପ୍ରକଳ୍ପ ପ୍ରସ୍ତାବକୁ ମଧ ଏସ୍‌ଏଲ୍‌ଏସ ଡବ୍ଲୁଏ ଅନୁମୋଦନ କରିଛି। ଏହି ପ୍ରକଳ୍ପ ଭାରତର ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଆହୁରି ମଧ ରସାୟନ କ୍ଷେତ୍ରରେ କମିଟି ଆୟନ ଏକ୍ସଚେଞ୍ଜ (ଇଣ୍ଡିଆ) ଲିମିଟେଡ୍‌ର ଏକ ପ୍ରକଳ୍ପକୁ କମିଟି ମଞ୍ଜୁରୀ ଦେଇଛି। ୩୦୩ କୋଟି ଟଙ୍କା ବିନିଯୋଗରେ ପାରାଦୀପରେ ୨୫୦୦୦ ମେଟ୍ରିକ୍ ଟନ୍ ଜଳ ବିଶୋଧନ କେମିକାଲ୍ ଏବଂ ୩୦,୦୦୦ ମେଟ୍ରିକ୍ ଟନ୍ ମନୋମର୍ ଓ ପଲିମର୍ସ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବାକୁ କମ୍ପାନୀ ପ୍ରସ୍ତାବ ଦେଇଛି, ଯାହା ଓଡ଼ିଶାର ୧୫୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବ। ବୟନ ଓ ପୋଷାକ କ୍ଷେତ୍ରରେ ଇଣ୍ଡିଆନ୍ ଷ୍ଟିଚେସ ପ୍ରାଇଭେଟ୍ ଲିମିଟେଡ୍ ୧୦୦ କୋଟି ଟଙ୍କା ବିନିଯୋଗରେ ଏକ ଫେବ୍ରିକ୍ ପ୍ରୋସେସିଂ ପ୍ଲାଣ୍ଟ ସ୍ଥାପନ କରି ରାଜ୍ୟରେ ୧୦୦୦ ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଖୋର୍ଦ୍ଧାରେ ଫୁଡ୍ ପ୍ରୋସେସିଂ ଓ ପ୍ୟାକେଜିଂ ୟୁନିଟ୍ ସ୍ଥାପନ ପାଇଁ ତାଜ୍ ସାଟସ୍ ଲିମିଟେଡ୍ ର ପ୍ରକଳ୍ପ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପରେ ୫୧ କୋଟି ଟଙ୍କା ବିନିଯୋଗ ହେବା ସହିତ ୨୦୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ରହିଛି। ଓଡ଼ିଶା ସରକାର ରାଜ୍ୟରେ ପୁଞ୍ଜିନିବେଶ ପାଇଁ ସର୍ବଦା ଶିଳ୍ପପତିମାନଙ୍କୁ ଉତ୍ସାହିତ ଓ ସ୍ୱାଗତ କରି ଆସୁଛନ୍ତି। ପୂର୍ବ ଭାରତରେ ପାଦ ଥାପିବା କିମ୍ବା ଏହି ଅଞ୍ଚଳରେ ନିଜର ପାଦ ବିସ୍ତାର କରିବାର ସୁଯୋଗକୁ ଅପେକ୍ଷା କରିଥିବା ନିବେଶକଙ୍କ ପାଇଁ ଏହାର ଶିଳ୍ପ ଅନୁକୂଳ ନୀତି ରାଜ୍ୟକୁ ଏକ ଅତ୍ୟନ୍ତ ଲାଭଦାୟକ ଗନ୍ତବ୍ୟସ୍ଥଳରେ ପରିଣତ କରିଛି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୫ - ୨୧ ମଇ, ୨୦୨୩

# ବେହାଲ ପାକିସ୍ତାନ,ସତର୍କ ଭାରତ

ପାକିସ୍ତାନର ପୂର୍ବ ପ୍ରଧାନମନ୍ତ୍ରୀଙ୍କ ଗିରଫ ପରେ ତାଙ୍କ ସମର୍ଥକ ଯେଉଁଭଳି ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି କରି ହିଂସା ଆରମ୍ଭ କରିଛନ୍ତି, ବର୍ତ୍ତମାନ ସେହି ନିଆଁରେ ଜଳୁଛି ପାକିସ୍ତାନ। ଇମ୍ରାନଙ୍କ ଗିରଫଦାରୀକୁ ବେଆଇନ ଦର୍ଶାଇବା ସହ ତାଙ୍କୁ ତୁରନ୍ତ ଖଲାସ କରିବାକୁ ଗୁରୁବାର ନିର୍ଦ୍ଦେଶ ଦେଇଥିଲେ ପାକ ସୁପ୍ରିମକୋର୍ଟ। ସୁପ୍ରିମକୋର୍ଟଙ୍କ ଆଦେଶକୁ ତତ୍କାଳ ପାଳନ କରିଛି ଏନଏବି। ସୁରକ୍ଷା ଦୃଷ୍ଟିରୁ ସେ ପୋଲିସ ହେପାଜତରେ ରହିବେ ଓ ନିଜ ବାସଭବନକୁ ଯାଇପାରିବେ ନାହିଁ। ପାକିସ୍ତାନ ସେନା ମଧ୍ୟ ହିଂସାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପଛଘୁଞ୍ଚା ଦେଉଛି। ଏହାର କାରଣ ଇମ୍ରାନଙ୍କ ଦଳ ପିଟିଆଇର ସମର୍ଥକ ଏତେ ଅଧିକ ଯେ, ସେମାନେ ସେନା ଉପରେ ହିଁ ଅଧିକ ଆକ୍ରମଣ କରିବସିବେ।କାରଣ ଇମ୍ରାନଙ୍କ ପାକିସ୍ତାନୀ ସେନାକୁ ଦେଶ ଦୁର୍ଗତିର କାରଣ ବୋଲି ବାରମ୍ବାର କହିଆସୁଛନ୍ତି।ଯେଉଁଥିପାଇଁ ପାକ ସେନା କ୍ରୋଧ ଜର୍ଜରିତ ହୋଇ ଜଣେ ପୂର୍ବ ପ୍ରଧାନମନ୍ତ୍ରୀଙ୍କୁ ଅପରାଧୀ ଭାବେ ଧକ୍କା ମାରି କୋର୍ଟ ପରିସରରୁ ନେଇଥିଲେ।ଯାହାକୁ ପାକିସ୍ତାନ ସୁପ୍ରିମକୋର୍ଟର ପ୍ରଧାନମନ୍ତ୍ରୀ ଆଶ୍ଚର୍ଯ୍ୟ ଘଟଣା ବୋଲି କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ପାକିସ୍ତାନର ପୂର୍ବ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଗିରଫ ପରେ ତାଙ୍କ ସମର୍ଥକ ମାନେ ସେଠାରେ ଉତ୍ପାତ ଆରମ୍ଭ କରିଦେଇଛନ୍ତି। ଗୋଟିଏ ଉଡାଜାହାଜରେ ନିଆଁ ଲଗାଇବା ସହିତ ପାକ ସେନାଧିକାରୀଙ୍କ ଘରେ ଭଙ୍ଗାରୁଜା ମଧ୍ୟ କରିଛନ୍ତି ବୋଲି ଖବର ସାମ୍ନାକୁ ଆସିଛି। ତେବେ ଇମ୍ରାନ ଏଭଳି ଘଟିବ ବୋଲି ଆଶଙ୍କା କରି ନିଜ ସମର୍ଥଙ୍କୁ ଯେଉଁ ଆଗୁଆ ଭିଡିଓ ବାର୍ତ୍ତାଟି ଦେଇଥିଲେ ଫଳସ୍ୱରୂପ ତାଙ୍କ ସମର୍ଥକ ପୂର୍ବରୁ ଉତ୍ପାତ ହେବାକୁ ପ୍ରସ୍ତୁତ ରହିଥିବା ଜଣାପଡିଲା। ପ୍ରଧାନମନ୍ତ୍ରୀ ପଦରୁ ହଟିବା ପରେ ଇମ୍ରାନ ନିଜର କାୟା ବିସ୍ତାର କରିବା ସାହାବାଜ ସରକାର ଓ ପାକ ସେନା ପାଇଁ ଅଡୁଆ ସୃଷ୍ଟି କରିଛି। ଉପନିର୍ବାଚନରେ ଇମ୍ରାନଙ୍କ ଦଳ ଭଲ ପ୍ରଦର୍ଶନ କରିବା ପରେ ତାଙ୍କର ମନୋବଳ ବୃଦ୍ଧି ପାଇଥିଲା।ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଇମ୍ରାନ ପୁଣି ଥରେ କ୍ଷମତା ଦଖଲ କରିବା ପାଇଁ ପ୍ରସ୍ତୁତି ଚଳାଇଥିଲେ। ଯାହାକି ବର୍ତ୍ତମାନର ସରକାର ପାଇଁ ବିପଦ ସାବ୍ୟସ୍ତ ହେଲା। କେବଳ ଏତିକି ନୁହେଁ,ଇମ୍ରାନ ପାକ ସେନାକୁ ନିଜ ଅକ୍ତିଆରରେ ରଖିବାକୁ ଉଦ୍ୟମ କରିଥିଲେ। ଏଥିସହିତ ସେ ଚାହୁଁଥିଲେ ଯେ, ଆର୍ମି ଚିଫ ତାଙ୍କ ଦ୍ୱାରା ନିଯୁକ୍ତି ଦିଆଯିବ। ଯାହାଫଳରେ ସେ ଯେମିତି ଚାହିଁବେ ସେନା ସେଭଳି କରିବ। ହେଲେ ସେଭଳି କିଛି ଘଟିବା ଆଗରୁ ପାକିସ୍ତାନୀ ରେଞ୍ଜର୍ସ ଇମ୍ରାନଙ୍କୁ କୋର୍ଟ ପରିସରରୁ ଗିରଫ କରି ଧକ୍କା ମାରି ଗାଡିରେ ବସେଇ ନେଇଗଲେ। ଏହାପରେ ଆରମ୍ଭ ହୋଇଯାଇଛି ତୁମୁଳକାଣ୍ଡ। ଲାହୋର ଠାରୁ ଆରମ୍ଭ କରି କରାଚି, ରାୱଲପିଣ୍ଡି ପର୍ଯ୍ୟନ୍ତ ଅଧିକାଂଶ ସହରରେ ହିଂସା ଘଟଣା ବଢିଚାଲିଛି। ଗୃହଯୁଦ୍ଧ ଭଳି ପରିସ୍ଥିତିରେ ଏବେ ପାକିସ୍ତାନ। ରାଜନୀତି ଚକ୍ରବ୍ୟୁହରେ ଫସି ଯାଇଛନ୍ତି ଇମ୍ରାନ। ଦିନେ ପାକିସ୍ତାନ ଶାସନ ଡୋର ନିଜ ହାତରେ ରଖି ବଡ଼ ବଡ଼ ବିବୃତି ରଖୁଥିବା ଇମ୍ରାନ ଅଡୁଆରେ। ଅତୀତର ଇତିହାସ ଦେଖିଲେ ପାକିସ୍ତାନର ପ୍ରଧାନମନ୍ତ୍ରୀ ପଦ ହିଁ ବଡ଼ ଅଭିଶାପ। ଜମାନ ପାର୍କ ନିକଟରେ ଥିବା ଇମ୍ରାନଙ୍କ ଘର ଚାରିପାଖେ ସେନା ତାରବାଡ଼ ଘେରାଇ ଜଗି ରହିଥଲା ବେଳେ ଇମ୍ରାନଙ୍କ ସମର୍ଥକ ସେଠାରେ ବିଭିନ୍ନ ନାରା ଦେଉଛନ୍ତି। ଇମ୍ରାନଙ୍କ ମୁକ୍ତି ଦାବିରେ ବିଦେଶରେ ଥିବା ତାଙ୍କ ସମର୍ଥକ ରାସ୍ତାକୁ ଓଲହାଇଛନ୍ତି। ସୂତ୍ର ଅନୁସାରେ ପଚରାଉଚରା ବାହାନାରେ ପାକସେନା ଇମ୍ରାନଙ୍କୁ ମାଡ଼ ମାରିଛି।

ଇମାନଙ୍କ ଗିରଫ ପରେ ସେଠାରେ ଦେଶବ୍ୟାପୀ ହିଂସାତ୍ମକ ବିକ୍ଷୋଭ ଜାରି ରହିଛି। ଇମ୍ରାନଙ୍କ ସମର୍ଥକମାନେ ଚାରିଆଡେ ଭଙ୍ଗାରୁଜା ଓ ପୋଡାଜଳା କରୁଛନ୍ତି। ଗତ ବୁଧବାର ସକାଳେ ବିକ୍ଷୋଭକାରୀ ପାକ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ଘରେ ଆକ୍ରମଣ କରିଛନ୍ତି। ପ୍ରାୟ ୫୦୦ ଲୋକ ଘରେ ପଶି ନିଆଁ ଲଗାଇଦେଇଛନ୍ତି। ସେଠାରେ ଉପସ୍ଥିତ ଥିଲେ ମଧ୍ୟ ଅସହାୟ ହୋଇ ଚାହିଁ ରହିଥିଲା। ଇମ୍ରାନଙ୍କ ସମର୍ଥକମାନେ ସେନା ମୁଖ୍ୟାଳୟ, ପୋଲିସ କୋଠା, ପୋଲିସ ଗାଡି ଏବଂ ବିଭିନ୍ନ ସରକାରୀ ସମ୍ପତ୍ତିକୁ ଟାର୍ଗେଟ କରି ନିଆଁ ଲଗାଇଦେଇଛନ୍ତି। ଆନ୍ଦୋଳନକାରୀମାନେ ପେଟ୍ରୋଲ ବୋମା ଏବଂ ପଥର ମାଡ଼ କରୁଛନ୍ତି। ହିଂସାଯୋଗୁ ବୁଧବାର ସୁଦ୍ଧା ୬ ଜଣଙ୍କ ମୃତ୍ୟୁ ହୋଇଛି। ଇମ୍ରାନଙ୍କ ଗିରଫ ନେଇ ମିଳିତ ବିବୃତି ଜାରି କରିଛନ୍ତି ଆମେରିକା ଓ ବ୍ରିଟେନ। ପାକିସ୍ତାନରେ ଯେଉଁ ହିଂସା ହେଉଛି ଏହା ବିଶ୍ୱକୁ ଚିନ୍ତିତ କରିଛି। ପାକିସ୍ତାନରେ ଗଣତନ୍ତ୍ର ଏବଂ ଆଇନ ଶୃଙ୍ଖଳାକୁ ସମ୍ମାନ ଦେବା ପାଇଁ ଆମେରିକା କହିଛି। ଇତିମଧ୍ୟରେ ଆମେରିକା, ବ୍ରିଟେନ ଓ କାନାଡ଼ା ସେମାନଙ୍କ ନାଗରିକଙ୍କ ପାଇଁ ଯାତ୍ରା ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଉଭୟ ଆମେରିକା ଓ ବ୍ରିଟେନ ସେମାନଙ୍କ ନାଗରିକଙ୍କୁ ପାକିସ୍ତାନର ହିଂସା ପ୍ରବଣ ସ୍ଥାନକୁ ନଯିବା ପାଇଁ କହିଛନ୍ତି। ବ୍ରିଟେନ ଏହାର ନାଗରିକଙ୍କୁ ସମସ୍ତ ରାଜନୈତିକ ବିରୋଧସ୍ଥଳ ଠାରୁ ଦୂରେଇ ରହିବାକୁ କହିଛି। ଏହାରି ମଧ୍ୟରେ ଇସ୍‌ଲାମାବାଦ ହାଇକୋର୍ଟରୁ ବିଭିନ୍ନ ମାମଲାରେ ଜାମିନ ପାଇବା ପରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମରାନ ଖାନ କୋର୍ଟରୁ ଲାହୋର ଜମାନ ପାର୍କ ସ୍ଥିତ ନିଜ ବାସଭବନକୁ ଫେରିଛନ୍ତି। ଇମ୍ରାନ ସଡକ ପଥ ଦେଇ ଫେରିବା ପରେ ପିଟିଆଇ କର୍ମୀ ଓ ସମର୍ଥକଙ୍କ ଦ୍ୱାରା ବାଟରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଦୁର୍ନୀତି ମାମଲାରେ ଇସଲାମାବାଦ ହାଇକୋର୍ଟ ଶୁକ୍ରବାର ଇମ୍ରାନଙ୍କୁ ୨ ସପ୍ତାହ ପାଇଁ ସୁରକ୍ଷାତ୍ମକ ଜାମିନ ପ୍ରଦାନ କରିଛନ୍ତି। ତେବେ ଆଗକୁ ଜାମ୍ମୁ-କାଶ୍ମୀରରେ ଜି-୨୦ ସମ୍ମିଳନୀ ହେବାକୁ ଥିବାରୁ ଭାରତ ସବୁ ଦୃଷ୍ଟିକୋଣରୁ ପାକିସ୍ତାନର ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖିଛି। ଏଥିସହିତ ପାକ ସେନା ଏବଂ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ଉପରେ ଭାରତୀୟ ସେନା ସମ୍ପୂର୍ଣ୍ଣ ସତର୍କ ରହିଛି।

ସମ୍ପାଦକୀୟ



ତାରକ ମହାନ୍ତି

# ଆମ ଭାଷା ଆମ ଅଦାଲତ ଆମ ଦେଶ



ଗଜାନନ ମିଶ୍ର

ଆମ ଭାଷା ଆଭ ପରିଚୟ, ଆମ ଅଦାଲତ ଆମ ରକ୍ଷକ, ଆମ ଦେଶ ଆମ ସ୍ୱାଭିମାନ ଆମ ଜୀବନ ପ୍ରବାହ। ଦେଶକୁ ଠିକ୍ ଭାବରେ ଚଳେଇବାକୁ ପ୍ରସ୍ତୁତ କରାଯାଇଛି ଜ୍ଞାନୀଗୁଣିଙ୍କ ଦ୍ୱାରା ଏକ ସମ୍ବିଧାନ। ସମ୍ବିଧାନର ପ୍ରଥମରେ ହିଁ କୁହାଯାଇଛି ଦେଶର ସାର୍ବଭୌମ କ୍ଷମତା ରହିଛି ଲୋକଙ୍କ ପାଖରେ। ଲୋକପ୍ରତିନିଧିଗଣ ଲୋକଙ୍କ ମଙ୍ଗଳ ନିମନ୍ତେ ଆଇନ ତିଆରି କରିବେ, ଯାହାକୁ କାର୍ଯ୍ୟକାରୀ କରିବେ କାର୍ଯ୍ୟପାଳିକା ସୁଚାରୁ ରୂପରେ ଲୋକଙ୍କ ପାଇଁ। ସମ୍ବିଧାନମତେ ସବୁ ଠିକ୍ ଚାଲିଛି କି ନାହିଁ ଦେଖିବାକୁ ରହିଛି ବିଚାରବିଭାଗ, ନ୍ୟାୟିକ ଅଦାଲତ। ଲୋକାଭିମୁଖି ଆମର ସକଳ ବ୍ୟବସ୍ଥା। ଏହି ବ୍ୟବସ୍ଥାରେ ବ୍ୟକ୍ତିଗତ ସୁବିଧା ଅସୁବିଧା ପାଇଁ ଲୋକ ସମୂହ ବା ଦେଶ କ୍ଷତିଗ୍ରସ୍ତ ହେବେ ନାହିଁ। ସତ୍ୟମେବ ଜୟତେ ବଜାୟ ରହିବ। ଲୋକବିରୋଧୀ କୌଣସି କାର୍ଯ୍ୟ କେହି କରିପାରିବେ ନାହିଁ। ଯଦି କରିବେ, ତାହା ହେବ ଦଣ୍ଡନୀୟ। ଚିରନ୍ତନ ଆମ ଦେଶ, ଏହି ଦେଶର ସଂସ୍କୃତି ପରଂପରା ସମଗ୍ର ବିଶ୍ୱକୁ ଶାନ୍ତି ପଥରେ ପ୍ରଗତିରଥକୁ ଆଗେଇନେବାକୁ ଯୁଗେ ଯୁଗେ ଚେଷ୍ଟା କରି ଚାଲିଛି। ବସୁଧୈବ କୁଟୁମ୍ବକମ୍ ଆମ ଡାକରା ଓ ଲକ୍ଷ୍ୟ। ସନ୍ଥକବି ଭୀମଭୋଇଙ୍କ ଭାଷାରେ – ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।

ଆମ ଅଦାଲତ ରକ୍ଷକ ଭୂମିକାରେ ଥିଲେ ମଧ୍ୟ ଆମ ସମ୍ବିଧାନର ଉପରେ ନୁହେଁ। ସମ୍ବିଧାନ ଲାଗୁ ହୋଇଛି ୧୯୫୦ରୁ। ସମୟର ଡାକରାରେ ସଂଶୋଧିତ ହେଉଛି ଥରକୁ ଥର ଲୋକଙ୍କ ବା ଦେଶର ହିତ ପାଇଁ। ସମ୍ବିଧାନର ଆଧାରରେ ବିଭିନ୍ନ ରାଜ୍ୟରେ ଓ କେନ୍ଦ୍ରରେ ଆଇନ ତିଆରି ଚାଲିଛି। ଦୁଃଖ ଓ ପରିତାପର ବିଷୟ ଯେ ଏ ଯାଏ ଆମ ପାଇଁ ରହିଛି ସେହି ପୁରୁଣା ଦଣ୍ଡ ସଂହିତା, ଦେବାନୀ ଓ ଫୌଜଦାରୀ କାର୍ଯ୍ୟବିଧି ସହିତ ଅନେକାନେକ ଆଇନ। ସେହି ପୁରୁଣାଡାଞ୍ଚାରେ ପଢା ଚାଲିଛି ଆଇନ ପାଠ। ସ୍ୱାଧୀନତାର ଅମୃତମହୋତ୍ସବ ପାଳନ ପରେ ବି ବିଚାର ପ୍ରକ୍ରିୟାରେ ବିଲାତି ଭାଷା ପ୍ରୟୋଗ ହେଉଛି, ଅଦାଲତକୁ ଭଲ ଭାବରେ ଜଣା ଏହା ଠିକ୍ ହେଉ ନାହିଁ। ଆଉ ଏଇଥିପାଇଁ ସାଧାରଣ ଲୋକେ କ୍ଷତିଗ୍ରସ୍ତ ନ ହେଉଛନ୍ତି ନୁହେଁ। ଆମ ଭାରତୀୟ ଭାଷା ସବୁ ଅଦାଲତରେ ଏ ଯାଏ କାହିଁକି ବ୍ୟବହାର କରାଯାଉ ନାହିଁ! ଆମ ଭାରତୀୟ ସମ୍ବିଧାନ କୌଣସି ବିଦେଶୀ ଭାଷାକୁ ସ୍ୱୀକୃତି ପ୍ରଦାନ କରି ନାହିଁ, ଅଷ୍ଟମ ସୂଚୀରେ ସ୍ଥାନୀତ କରି ନାହିଁ। ଆମ ନ୍ୟାୟିକ ଅଦାଲତଗୁଡିକ, ସମ୍ବିଧାନ ରକ୍ଷକ ହିସାବରେ ଦେଶର ଭାଷାକୁ ଗୁରୁତ୍ୱ ଦେବା ସମୟ ଆସିଛି। ଖୁସିର କଥା, ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟରେ ଆପଣା ଆପଣା ରାୟ/ଆଦେଶାଦି ଭାରତୀୟ ଭାଷାରେ ଦେବା ଆରମ୍ଭ କଲେଣି। କିନ୍ତୁ ଆମ ଓଡିଶାର ଅଧସ୍ତନ ଅଦାଲତଗୁଡିକ ଏ ଯାଏ ଓଡିଆ ନକଲ ଦେଉ ନାହାନ୍ତି, ଫଳରେ ଓଡିଆ ମହକିଲଗୁଡିକ ଅନ୍ଧାରରେ ରହୁଛନ୍ତି। ଦୁର୍ଭାଗ୍ୟ, ଓଡିଆ ନକଲ ଯୋଗାଇଦେବାକୁ ପ୍ରାର୍ଥନା କଲେ ମଧ୍ୟ ନାକଚ ହେଉଛି।

ବିଦେଶୀ ଶାସନାଧୀନବେଳେ ଓଡିଶା ଏକ ରାଜ୍ୟ ନ ଥିଲା। ଆଜିର ଏ ଓଡିଶାର କିଛି କିଛି ଅଂଶ ମାଡ୍ରାସ ପ୍ରେସିଡେନ୍ସି, କଲିକତା ଓ ମଧ୍ୟ ପ୍ରଦେଶ ସହିତ ମିଶି ରହିଥିଲା। ଆଉ ବଲାଙ୍ଗିର ଭଳି ଅଞ୍ଚଳ ଗଡଜାତ ରାଜାଙ୍କ ଶାସନରେ ଥିଲା। ଓଡିଆ ଯେ ଏକ ଭାଷା, ଏଇଟାକୁ ପଡୋଶୀ ଲୋକେ ଗ୍ରହଣ କରି ପାରୁ ନ ଥିଲେ। ବ୍ୟଙ୍ଗ ବିଦ୍ରୂପ ଶବ୍ଦ ଉଚ୍ଚାରଣ କରୁଥିଲେ। ଆମ ସ୍ୱାଭିମାନ ଜାଗ୍ରତ ହେଲା, ଓ ଆମେ ଭାଷାର ଅସ୍ତିତ୍ୱ ପାଇଁ ଆନ୍ଦୋଳନମୁଖୀ ହେଲେ। ୧୯୦୨ରେ ଉତ୍କଳ ସମ୍ମିଳନୀ ଗଠନ ହେଲା ମଧୁସୂଦନ ଦାସ, କୃଷ୍ଣଚନ୍ଦ୍ର ଗଜପତିଙ୍କ ନେତୃତ୍ୱରେ। ଏହି ଉତ୍କଳ ସମ୍ମିଳନୀ ଦାବୀ କରିବାରୁ ବ୍ରିଟିଶ ସରକାର ଓଡିଆ ଭାଷାକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କଲେ ୧୯୩୬ ମସିହା ଏପ୍ରିଲ ୧ରେ। ଓଡିଆ ଭାଷା ହେଲା ରାଜ୍ୟର ଆତ୍ମା, ବିଭିନ୍ନ ଅଞ୍ଚଳ ପାଇଁ ଯୋଗସୂତ୍ର, ମାନକ। ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀରେ ଓଡିଆ ଭାଷା ପ୍ରଥମରୁ ସ୍ଥାନ ପାଇଲା। ଭାରତୀୟ ସମ୍ବିଧାନକୁ ଅନୁସରଣ କରି ଓଡିଶା ସରକାର ୧୯୫୪ରେ ଏକ ଭାଷା ଆଇନ ତିଆରି କଲେ ଯୋଉଥିରେ ଲେଖାଗଲା ସବୁ ବା ଯେ କୌଣସି ଉଦ୍ଦେଶ୍ୟରେ ଓଡିଆ ଭାଷା ବ୍ୟବହାର କରାଯିବ। ୧୯୭୨ ମସିହାରେ ଅଦାଲତର ଭାଷା ଓଡିଆ ବୋଲି ଓଡିଶା ଗେଜେଟରେ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କଲେ। ଆମ ମାନ୍ୟବର ଅଦାଲତଗୁଡିକ ଏସବୁକୁ ନଜର ଅନ୍ଦାଜ କରି ପାରିବେ ନାହିଁ।

ଓଡିଶାର ଉଚ୍ଚ ନ୍ୟାୟାଳୟ ଜୁଲାଇ ୨୬ ତାରିଖ ୧୯୪୮ରୁ ଆରମ୍ଭ ହେଲା। ଉଚ୍ଚ ନ୍ୟାୟାଳୟକୁ ଭଲଭାବରେ ଜଣା ଯେ ଓଡିଆ ଭାଷାକୁ ନେଇ ଓଡିଶା ଗଠିତ। ବଲାଙ୍ଗୀର ସମେତ ଆଉ କେତେକ ରାଜୁଡା ଶାସନାଂଚଳ ମିଶିଲା ୧୯୪୮ ଜାନୁଆରୀରେ ଓଡିଶା ସହିତ। ତେଣୁ କୁହାଯାଇପାରେ ଓଡିଆ ଭାଷା ହେଉଛି ସଂଯୋଗକାରୀ। ନ୍ୟାୟିକ ଅଦାଲତ ଏଇ ଘଟଣାକୁ ଧ୍ୟାନରେ ରଖିଲେ ରାଜ୍ୟର ମଙ୍ଗଳ ହେବ। ଅପରପକ୍ଷରେ ଗୁଜରାଟ ଉଚ୍ଚ ନ୍ୟାୟାଳୟ ୧୯୬୦, ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ୧୯୬୬, କେରଳ ଉଚ୍ଚ ନ୍ୟାୟାଳୟ ୧୯୫୬ରେ ଚାଲି ବି ସେଠାକାର ସ୍ଥାନୀୟ ଭାଷାରେ ଅଧସ୍ତନ ନ୍ୟାୟାଳୟ ସବୁ କାର୍ଯ୍ୟରତ। ଆମ ଓଡିଶା ଉଚ୍ଚ ନ୍ୟାୟାଳୟ ନିଜ ପ୍ରଣୀତ ଫୌଜଦାରୀ ଓ ଦେବାନୀ ସାଧାରଣ ନିୟମ ଓ ନିର୍ଦ୍ଦେଶାବଳୀରେ କେମିତି କାହା ସ୍ୱାର୍ଥରେ ପୂରେଇଲେ ବୁଝି ହେଉ ନାହିଁ। ଏମିତି କରିବା ଦ୍ୱାରା ଏହା ସମ୍ବିଧାନ ବିରୋଧୀ ଓ ଓଡିଶାର ସ୍ୱାଭିମାନ, ସ୍ୱତନ୍ତ୍ରତା ତଥା ଲୋକବିରୋଧୀ ନିର୍ଦ୍ଦେଶ। ସନ୍ଥକବି ଭୀମଭୋଇ ବହୁତ ଆଗରୁ କହି ସାରିଛନ୍ତି- ରାଜାର ପରଜା ନୋହୁ ସିନା ଆମ୍ଭେ ନୋହୁ ସାହୁର ଖାତକ ଯହିଁ ଗୁରୁ ନେବେ ତହିଁ ଯାଉ ଆମ୍ଭେ କେ ଅବା କରୁ ଅଟକ? ଓଡିଆ ଲୋକଟିଏକୁ କିନ୍ତୁ ଓଡିଆ ଭାଷାରେ ଅର୍ଜୀଦତଖଲ କରିବାକୁ, ଓଡିଆ ଭାଷାରେ ନକଲ ଯୋଗାଣକୁ ଏଠାକାର ନ୍ୟାୟାଳୟ ଅଟକ ରଖୁଛନ୍ତି ଲୋକଙ୍କୁ ଯେଉଁ ଲୋକ ସାର୍ବଭୌମ। ନ୍ୟାୟାଳୟ ଓଡିଶା ଲୋକଙ୍କ ପାଇଁ ନୁହଁ କି! ଓଡିଶାର ଅଦାଲତରେ ସବୁ କାର୍ଯ୍ୟ ଓଡିଆରେ ନ ଚାଲିବା ଯାଏ, ଆଇନ ପାଠ ଓଡିଆ ଭାଷାରେ ପଢା ନ ଯିବା ଯାଏ ଏଠି ଗଣତନ୍ତ୍ର ଚାଲିଛି, ଜନଗଣର ସରକାର ରହିଛି ବୋଲି କୁହାଯାଇ ପାରିବ ନାହିଁ।

ଆମ ଦେଶର ସମ୍ବିଧାନକୁ ଆହୁରି ଗଭୀର ଭାବରେ ଅଧ୍ୟୟନ କରିବାକୁ ହେବ ଜନସାଧାରଣ ସ୍ୱାର୍ଥକୁ ଆଖିଆଗରେ ରଖି। ଏପଟେ ଆମେ ବିଶ୍ୱରେ ଏକ ନମ୍ବର ହେବାକୁ ଯାଉଥିବାବେଳେ ନିଜ ଦେଶର ଭାଷାକୁ ବ୍ୟବହାର କରିବାକୁ ଆମେ କୁଣ୍ଠାବୋଧ କରୁଛୁଁ, ଏହାଠୁ ବଳି ଲଜ୍ଜାକର ଘଟଣା ଆଉ କିଛି ନାହିଁ। ନିଜ ଭାଷା ନିଜ ଅଦାଲତ ନିଜ ଦେଶ ସବୁ ସବୁ ଆମର ମାନ ମର୍ଯ୍ୟାଦାର ପ୍ରତୀକ।ଏସବୁର ମାଧ୍ୟମରେ ଆମେ ବିଶ୍ୱ ଦାଣ୍ଡରେ ସଗର୍ବେ ଚାଲି ପାରିବା ଯୋଉଥିରେ ଝଲସି ଉଠୁଥିବ ଆମ ପ୍ରିୟ ଭାରତବର୍ଷ।

*ତପୋବନ, ଟିଟିଲାଗଡ*

# 'କେରଳ ଷ୍ଟୋରି' କ'ଣ ସତ୍ୟ ଉପରେ ଆଧାରିତ ?




ଅସିତ ମହାନ୍ତି

ନିକଟରେ 'କେରଳ କାହାଣୀ' ନାମକ ଏକ ଚଳଚ୍ଚିତ୍ର ୫ ଜୁନ୍‌ରେ ରିଲିଜ୍ ହୋଇଛି ଏବଂ ସେହି ଫିଲ୍ମ ବିଷୟରେ ଚାରିଆଡେ ଆଲୋଚନା ଚାଲିଛି। ପ୍ରଧାନମନ୍ତ୍ରୀ କର୍ଣ୍ଣାଟକରେ ନିର୍ବାଚନ ଭାଷଣରେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି। ଏବେ ପ୍ରଶ୍ନ ହେଉଛି, ଏହି ଚଳଚ୍ଚିତ୍ରଟି ପ୍ରକୃତରେ ସତ କି ଏହା କେବଳ ପ୍ରଚାର? ଏହି ବିଷୟ ଉପରେ ଏକ ଗଭୀର ଆଲୋଚନା ହେବା ଉଚିତ୍। କାରଣ ଏହି ଚଳଚ୍ଚିତ୍ର ଦେଖିବା ପରେ ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଠିଛି, ଯାହା ଗୁରୁତ୍ୱପୂର୍ଣ୍ଣ। ବାସ୍ତବରେ ଏହି ଚଳଚ୍ଚିତ୍ର ରିଲିଜ ହେବା ପୂର୍ବରୁ ଏହା ଅନେକ ପ୍ରଶ୍ନର ଘେରରେ ଆସିଥିଲା ଏବଂ କିଛି ଲୋକ ଏହି ଚଳଚ୍ଚିତ୍ରକୁ ବନ୍ଦ କରିବା ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ, କିନ୍ତୁ କୋର୍ଟ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ବାସ୍ତବରେ, ଆବେଦନକାରୀମାନେ କହିଥିଲେ ଯେ ଏହି ଚଳଚ୍ଚିତ୍ର କଳ୍ପନା ଉପରେ ଆଧାରିତ ଏବଂ ମିଥ୍ୟାକୁ ସତ୍ୟ ବୋଲି କହିବାକୁ ଚେଷ୍ଟା କରାଯାଇଛି। ଫିଲ୍ମର ଟିଜର ୨ ନଭେମ୍ବରରେ ମୁକ୍ତିଲାଭ କରିଥିଲା ଏବଂ ଏହାର ଟ୍ରେଲର ୨୭ ଏପ୍ରିଲରେ ମୁକ୍ତିଲାଭ କରିଥିଲା। ଏହାପରେ ଲୋକମାନେ ଭାବିଲେ ଯେ ଏହି କେବୁଲ୍ କେବଳ କଳ୍ପନା ଏବଂ ଏହା ପ୍ରକୃତ ଘଟଣାଠାରୁ ବହୁ ଦୂରରେ। ଟିଜର ଏବଂ ଟ୍ରେଲରକୁ ଆଧାର କରି ଏହି ଫିଲ୍ମ ଦାବି କରିଛି ଯେ ୩୨,୦୦୦ ହିନ୍ଦୁ ଏବଂ କେତେକ ଖ୍ରୀଷ୍ଟିଆନ ଝିଅ ଇସଲାମ ଧର୍ମ ଗ୍ରହଣ କରିଛନ୍ତି, (ମୁସଲିମ ଧର୍ମ-ଲଭ୍ ଜିହାଦ୍ ମାଧ୍ୟମରେ) ଏବଂ ବିଶ୍ୱର ସବୁଠାରୁ ବିପଦପୂର୍ଣ୍ଣ ଆତଙ୍କବାଦୀ ସଂଗଠନ, ଇସଲାମିକ୍ ଷ୍ଟେଟ୍ କୁ ଏହି ବାଳିକା ମାନଙ୍କୁ ସିରିଆ, ଆଫଗାନିସ୍ତାନ ଏବଂ ପଶ୍ଚିମ ଏସିଆର ଅନ୍ୟ ଦେଶଗୁଡିକରେ ଏଥିରେ କାର୍ଯ୍ୟ କରିବାକୁ ପଠାଯାଇଛି। ବର୍ତ୍ତମାନ ଯାହା ୩୨ ହଜାର ମହିଳା ବୋଲି ଦାବି କରାଯାଇଛି, ଯେଉଁଥିରେ ଜଣେ ଝିଅ, ଶାଲିନି ଉନିକ୍ରିଷ୍ଣନ୍, ଯାହାର ନାମ ଫାତିମାକୁ ବଦଳାଯାଇଛି, ତାଙ୍କ ଜୀବନ ବିଷୟରେ କୁହନ୍ତି ଏବଂ ସେ କୁହନ୍ତି, ମୋ ଭଳି ୩୨ ହଜାର ଝିଅ ଜେଲରେ ଅଛନ୍ତି କିମ୍ବା ସେମାନଙ୍କୁ କବର ଦିଆଯାଇଛି, କିମ୍ବା ସେମାନେ ଅଛନ୍ତି। ସେମାନଙ୍କୁ ଖରାପ କାମ କରିବା ପାଇଁ ପ୍ରସ୍ତୁତ କରାଯାଉଛି ଏବଂ ଆତଙ୍କବାଦୀ ସଂଗଠନରେ ଯୋଗ କରାଯାଇଛି। ଏହି ଚଳଚ୍ଚିତ୍ରର ନିର୍ମାତା ଏବଂ ନିର୍ଦ୍ଦେଶକ – ସେ ଲେଖିଥିବା ସ୍କ୍ରିପ୍ଟର କୌଣସି ମୁଣ୍ଡ କିମ୍ବା ଗୋଡ ନାହିଁ। କେରଳରେ ଲଭ୍ ଜିହାଦ୍ ପ୍ରସଙ୍ଗରେ – ଦୁଇ ପୋଲିସ କମିଶନର ଅନୁସନ୍ଧାନ କରିଥିଲେ, ଲଭ୍ ଜିହାଦ୍ ପ୍ରସଙ୍ଗରେ କୌଣସି ସତ୍ୟତା ନାହିଁ ବୋଲି ଜଣାପଡିଛି। ଆନ୍ତଧର୍ମ – ବିଶ୍ୱାସ ବିବାହ ଏତେ ବଡ ରାଜ୍ୟରେ ବଡ କଥା ନୁହେଁ। ବର୍ତ୍ତମାନ ପ୍ରଶ୍ନ ହେଉଛି – ୩୨ ହଜାର ଝିଅଙ୍କ ପ୍ରଶ୍ନ, ଚଳଚ୍ଚିତ୍ର ନିର୍ମାତାମାନେ ଏହି ହିସାବ କେଉଁଠୁ ପାଇଲେ? ଏହା ଉପରେ ଦୁଇଟି କଥା ଅଛି – ୨୦୧୨ ମସିହାରେ କେରଳର ମୁଖ୍ୟମନ୍ତ୍ରୀ ଓମେନ ଚଣ୍ଡୀ କହିଥିଲେ ଯେ ୨୦୦୬ ରୁ ୨୦୧୨ ପର୍ଯ୍ୟନ୍ତ ପ୍ରାୟ ୩ ହଜାର ଲୋକ ଇସଲାମ ଧର୍ମ ଗ୍ରହଣ କରିଛନ୍ତି, ଯେଉଁଥିରେ ଝିଅଙ୍କ ସଂଖ୍ୟା ଅଧିକ। ଏବଂ ସମାନ ସଂଖ୍ୟକ ହିନ୍ଦୁ ମଧ୍ୟ ଧର୍ମ ପରିବର୍ତ୍ତନ କରିଥିଲେ। ଚଳଚ୍ଚିତ୍ର ନିର୍ମାତାମାନେ ୧ ବର୍ଷର ହିସାବରେ ସେହି ୬ ବର୍ଷର ତଥ୍ୟର ୧୦ ଗୁଣ ବୃଦ୍ଧି କରି ୩୨ ହଜାରର ଚିତ୍ର ଉପସ୍ଥାପନ କରିଥିଲେ। ବର୍ତ୍ତମାନ ଏଥିରେ କୌଣସି ସତ୍ୟତା ନାହିଁ। ଇନଷ୍ଟିଚ୍ୟୁଟ୍ ଅଫ୍ ଡିଫେନ୍ସ ଷ୍ଟଡିଜ୍ ଆନାଲିସିସ୍ ର ତଥ୍ୟ ଦର୍ଶାଏ ଯେ ଆଜି ବିଶ୍ୱରେ ୪୦,୦୦୦ ଇସଲାମିକ୍ ଷ୍ଟେଟ୍ ଆତଙ୍କବାଦୀ ସକ୍ରିୟ ଅଛନ୍ତି ଏବଂ ଏହି ୪୦,୦୦୦ ଲୋକ ପ୍ରାୟତଃ ପଶ୍ଚିମ ଏସିଆ, ସିରିଆ ଏବଂ ଆଫଗାନିସ୍ତାନ ଭଳି ଦେଶରୁ ଆସିଛନ୍ତି। ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତର ମୁସଲମାନମାନଙ୍କ ଉପରେ ଇସଲାମିକ୍ ଷ୍ଟେଟର ପ୍ରଭାବ ହ୍ରାସ ପାଇଛି ଏବଂ ଏଥିରେ ସମ୍ପୃକ୍ତ ଥିବା ଲୋକଙ୍କ ସଂଖ୍ୟା ମାତ୍ର ୮୬ ଅଟେ। ଅର୍ଥାତ୍ ଏହି ୮୬ ଜଣଙ୍କ ମଧ୍ୟରେ ଉଭୟ ପୁରୁଷ ଏବଂ ମହିଳା ଅନ୍ତର୍ଭୁକ୍ତ ହେବେ। ତେବେ ୩୨,୦୦୦ ଝିଅ କେଉଁଠୁ ଆସିଲେ? ଏହା ଦର୍ଶାଏ ଯେ ଏହା କାଳ୍ପନିକ, କାରଣ ଏହାର ତଥ୍ୟ ଭୁଲ ଅଟେ। କଳ୍ପନା କିମ୍ବା ପ୍ରଚାର କିମ୍ବା ଏଜେଣ୍ଡା ଦୃଷ୍ଟିକୋଣରୁ ଆମେ ଏହାକୁ ଏକ ଚଳଚ୍ଚିତ୍ର ବୋଲି କହିବୁ। ସେଥିପାଇଁ ଏହି ତଥ୍ୟକୁ ଚ୍ୟାଲେଞ୍ଜ କରାଯାଇଥିଲା। ସେଥିପାଇଁ ରାଜ୍ୟସଭା ସାଂସଦ ଡକ୍ଟର ଶଶି ଥରୁର କହିଛନ୍ତି ଯେ ଯଦି କେହି କେରଳ କାହାଣୀରେ ଉଲ୍ଲେଖ କରାଯାଇଥିବା ୩୨,୦୦୦ ବାଳିକାଙ୍କ ବିଷୟରେ ଏହାର ପ୍ରମାଣ ଦିଅନ୍ତି ତେବେ ତାଙ୍କୁ ସେ ୧ କୋଟି ଟଙ୍କା ଦିଆଯିବ। ସେ କହିଛନ୍ତି ଯେ ଏହି ପ୍ରକାର ଘଟଣା ଆମ କେରଳରେ ହୁଏ ନାହିଁ। ଏସବୁ ଶୁଣିବା ପରେ ଚଳଚ୍ଚିତ୍ର ନିର୍ମାତାମାନେ ଏହି ଚିତ୍ରରେ କିଛି ପରିବର୍ତ୍ତନ କରିବା ଆରମ୍ଭ କରିଥିଲେ ଏବଂ କହିଥିଲେ ଯେ କେବଳ ୩ ଟି ମାମଲା ଆମ ରେକର୍ଡରେ ଅଛି। ଏହାର ଅର୍ଥ ହେଉଛି ମିଛର ଆବରଣ ପ୍ରକାଶ ପାଇବାରେ ଲାଗିଛି ଏବଂ ଚଳଚିତ୍ର ନିର୍ମାତା ଧୀରେ ଧୀରେ ପଛଘୁଞ୍ଚା ଦେଉଛନ୍ତି। କିନ୍ତୁ ଦେଶରେ ଯେଉଁ କ୍ଷତି ହୋଇସାରିଛି ତାହା କେମିତି ଲୋକମାନଙ୍କର ମସ୍ତିଷ୍କ ରୁ ଅଲଗା କରାଯିବ। ଲୋକମାନେ ଏହି ଫିଲ୍ମକୁ ଦେଖିଛନ୍ତି, ଯେଉଁମାନେ ନିଜ ମନରେ ଭୁଲ ଜିନିଷ ନେଇଛନ୍ତି ଏବଂ ଏହାକୁ ଠିକ୍ ବୋଲି ବିଶ୍ୱାସ କରିବା ଆରମ୍ଭ କରିଛନ୍ତି। ବାସ୍ତବରେ ଏହି ଚଳଚ୍ଚିତ୍ରଟି କାଶ୍ମୀର ଫାଇଲ୍ ସହିତ ସମାନ ପ୍ରକାରର ଚଳଚ୍ଚିତ୍ର। ଗୋଆରେ ଅନୁଷ୍ଠିତ ହୋଇଥିବା ଫିଲ୍ମ ଫେଷ୍ଟିଭାଲରେ ଜୁରୀର ଅଧ୍ୟକ୍ଷ କାଶ୍ମୀର ଫାଇଲକୁ କହିଥିଲେ – କାଶ୍ମୀର ଫାଇଲ ଏକ ହାସ୍ୟାସ୍ପଦ ଚଳଚ୍ଚିତ୍ର ଏବଂ ଏହା ପ୍ରକୃତରେ ଏକ ପ୍ରଚାର ଚଳଚ୍ଚିତ୍ର। ଏହା ଉପରେ କେରଳର ସିଏମ୍ କହିଛନ୍ତି ଯେ ସୃଜନଶୀଳ ସ୍ୱାଧୀନତା ଉପରେ କୌଣସି ପ୍ରତିବନ୍ଧକ ନାହିଁ, କିନ୍ତୁ ଯଦି ସୃଜନଶୀଳତା ପ୍ରସଙ୍ଗରେ ଯଦି ସମାଜରେ ନକାରାତ୍ମକ ଭାବନା ସୃଷ୍ଟି ହୁଏ, ତେବେ ଏହି ସୃଜନଶୀଳତା ସମାଜ ପାଇଁ ସାଂଘାତିକ ଅଟେ। ଲୋକମାନେ କାଶ୍ମୀର ଫାଇଲରେ ଦେଖିଥିଲେ ଯେ ଫିଲ୍ମରେ କେତେ ମିଥ୍ୟା ମିଶ୍ରିତ ହୋଇଛି ଏବଂ ସମାଜ ପାଇଁ କେତେ କ୍ଷତି ହୋଇଛି। ଏହି ଚଳଚ୍ଚିତ୍ରଟି ସମାନ ଧାଡ଼ିରେ ନିର୍ମିତ ହୋଇଛି ଯାହା ସମାଜରେ ମୁସଲମାନ ବିରୋଧୀ ମାନସିକତା ସୃଷ୍ଟି କରୁଛି। ଏହା ପ୍ରକୃତରେ ଏହି ସିରିଜର ଦ୍ୱିତୀୟ ଚଳଚ୍ଚିତ୍ର, ଯେଉଁଥିରେ ଏହି ଘଟଣା ଅତ୍ୟଧିକ ଢଙ୍ଗରେ ପ୍ରଦର୍ଶିତ ହୋଇଛି ଏବଂ ଲୋକମାନେ, ବିଶେଷକରି ଯୁବକମାନେ ଏହାକୁ ସତ୍ୟ ବୋଲି ବିଶ୍ୱାସ କରନ୍ତି ଏବଂ ନିଜ ଭିତରେ ଏକ ବିରୋଧୀ ମାନସିକତା ସୃଷ୍ଟି କରନ୍ତି। ଯେତେ ଦୂର ଜାତୀୟ ମହିଳା ଆୟୋଗର ପ୍ରଶ୍ନ ଉଠେ, ଏହି ବିଷୟରେ ସେମାନଙ୍କ ଦ୍ୱାରା ଅନୁସନ୍ଧାନ କରାଯାଇଥିଲା, ସେତେବେଳେ କେରଳରେ ଏପରି ଘଟଣା ଘଟି ନ ଥିବା ଜଣାପଡିଛି। ନିକଟରେ ମହାରାଷ୍ଟ୍ରରେ 'ସକଳ ହିନ୍ଦୁ ସମାଜ' ନାମକ ଏକ ସଂଗଠନ ଲଭ୍ ଜିହାଦ୍ ସମ୍ବନ୍ଧରେ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରିଛି ଏବଂ ସମାଜର ପରିବେଶକୁ ନଷ୍ଟ କରାଯାଇଛି। ପ୍ରେମ ଜିହାଦର ବିଷୟ ସଂପୂର୍ଣ୍ଣ କଳ୍ପନା ଅଟେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗୋଟିଏ ପଟେ ମୁସଲମାନ ଯୁବକମାନଙ୍କ ପ୍ରତି ଘୃଣା ସୃଷ୍ଟି କରିବା ଏବଂ ଅନ୍ୟ ପଟେ ହିନ୍ଦୁ ମହିଳାମାନଙ୍କ ଉପରେ ପିତୃ-ସତ୍ତ୍ୱାତ୍ମକ ନିୟନ୍ତ୍ରଣ କରିବା। କୌଣସି ପ୍ରକାରେ ମହିଳାମାନଙ୍କୁ ନିୟନ୍ତ୍ରଣ କରିବାର ଅର୍ଥ, ସେ କେଉଁଠାରେ କାହାକୁ ଭେଟନ୍ତି, ସେ କୁଆଡେ ଯାଆନ୍ତି ଏବଂ କାହାକୁ ଡାକନ୍ତି ଇତ୍ୟାଦି। ତାହା ହେଉଛି, ସାମଗ୍ରିକ ଭାବେ, ମହିଳାଙ୍କ ଉପରେ ଦବ-ଦବା ଜାରି ରଖିବା। ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ବିଷୟ ହେଉଛି, ଯେହେତୁ କେରଳ ରାଜ୍ୟ ସମସ୍ତ କ୍ଷେତ୍ରରେ ଭାରତରେ ପ୍ରଥମ (ଶିକ୍ଷାଠାରୁ ଆରମ୍ଭ କରି ପ୍ରତି ବ୍ୟକ୍ତି ଆୟ ପର୍ଯ୍ୟନ୍ତ) ଭାବେ ବିବେଚିତ ହେଉଛି, ସେହି ହେତୁ ସେହି ରାଜ୍ୟକୁ ବଦନାମ କରିବାର ଏକ ଚକ୍ରାନ୍ତ କେନ୍ଦ୍ର ସରକାରଙ୍କ ଦ୍ୱାରା ଚାଲିଛି। କେନ୍ଦ୍ର ସରକାରଙ୍କ ପ୍ରତ୍ୟକ ଘଟଣାର କେନ୍ଦ୍ରବିନ୍ଦୁ ହେଉଛି – ଜାତୀୟତା, ହିନ୍ଦୁ -ମୁସଲମାନ ଏବଂ ଆତଙ୍କବାଦ। ବାସ୍ତବରେ ଏହି ୩ଟି ବିଷୟ ହେଉଛି ଲୋକମାନଙ୍କ ପାଇଁ ହେଉଛି ଭାବପ୍ରବଣତାର ବିଷୟ, ଯାହାକୁ ସରକାର ବ୍ୟବହାର କରୁଛନ୍ତି। ଏଠାରେ ଦୁଇଜଣ ମହାନ ମହାପୁରୁଷଙ୍କର ଉଦ୍ଧରଣରୁ ଶିକ୍ଷା ନିଆଯାଇପାରେ। ମହାନ ଉପନ୍ୟାସକାର, ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଅନୁସାରେ – ମିଥ୍ୟା କହିବା ପାପ ଅଟେ, କିନ୍ତୁ ସତ୍ୟ ସହିତ ମିଥ୍ୟାକୁ ସମ୍ମିଳିତ କରି କହିବା ଜଘନ୍ୟ ଅପରାଧ ଅଟେ। ଠିକ ସେହିଭଳି ଗୁରୁଦେବ ରବୀନ୍ଦ୍ରନାଥ ଠାକୁର କହିଛନ୍ତି – ଯେପର୍ଯ୍ୟନ୍ତ ମୁଁ ବଞ୍ଚିଛି, ମୁଁ ଦେଶପ୍ରେମକୁ ମାନବିକତାଠାରୁ ଅଧିକ ରହିବାକୁ ଦେବି ନାହିଁ. ବାସ୍ତବରେ 'କେରଳ ଷ୍ଟୋରି' ସହିତ ଏପରି ହୋଇଛି। ଆଗାମୀ ଦିନରେ ଅନ୍ୟାନ୍ୟ ଚଳଚିତ୍ର ଗୁଡିକ ମଧ୍ୟ ଏହି ପ୍ରକାର ନିର୍ମାଣ ପାଇଁ ଚେଷ୍ଟା ଚାଲିଛି।

*ସୁଜନପୁର, ଯାଜପୁର*
*ଦୂରଭାଷ : ୯୩୪୮୭୬୮୮୧୨*

# ସୀମା ପାଖ ବାସିନ୍ଦା



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଏ ପାଖେ ଚତ୍ୱରା ସେପାଖେ ମଥୁରା ମଧ୍ୟରେ ଗୁଂଜରେ ନଈ। ଏ ନଈ ଯମୁନା ନିଶ୍ଚୟ, ପ୍ରକୃତରେ କେବଳ ଯମୁନା ନୁହେଁ ପ୍ରତି ନଦୀର ଏକ ପଟ ଧୋୟା। ଆରପଟ ନିଧୋୟା। ବନ୍ୟା ସମୟରେ ଆକ୍ରାନ୍ତ ହୁଅନ୍ତି ଧୋୟା ପଟ। ଯଦିବା ମନୁଷ୍ୟ ତ୍ରାଣ ପାଇଁ ବହୁ ବିଧ ଉପାୟ ବାହାର କରି ଧୋୟା ପଟରେ ବନ୍ଧ ବ୍ୟବସ୍ଥା କରିଛି କେନାଲ ଖୋଲାଇଛି ସାଇଫନ କରିଛି ପୁଣି ଉପରୁ ଜଳ ନିୟନ୍ତ୍ରଣ ଧାରା କରିଚି ତଥାପି ଜଳ ଭୟ ବନ୍ୟା ସମୟରୁ ଯାଇନାହିଁ।

ଜୁଆରିଆ ସମୁଦ୍ରରେ ପଡୁଥିବା ମୁହାଣ ପାଖ ନଦୀ ଗୁଡ଼ିକରେ ଜଳରେ ଜୀବିକାକାରୀ ଡଙ୍ଗାବାଲା ଜୁଆର ଓ ଭଟ୍ଟା ବେଳେ କେମିତି ତାଙ୍କର ଡଙ୍ଗାକୁ ନେଇ ଜୀବିକା କରିବେ ଚିନ୍ତାରେ ଥାନ୍ତି। ଜୁଆର ଭଟ୍ଟା ପ୍ରତ୍ୟେକ ଦିନ ୬/୬ଘଣ୍ଟା ଅନ୍ତରରେ ହୁଏ। ଏହା ତିଥି ବିଶେଷରେ ଓ ସୂର୍ଯ୍ୟ ସଂକ୍ରମଣ ସ୍ଥାନ ଦୃଷ୍ଟେ ନିରୀକ୍ଷଣ ଦ୍ୱାରା ଏକ ସ୍ଥିର ମତରେ ଧରାଯାଏ। ଯହିଁରେ ଜୁଆର ଭାରତରୁ ଜଳଜୀବମାନେ ନଦୀରେ ରକ୍ଷା ପାଆନ୍ତି। ଏପରି ବନ୍ୟା ଓ ଜୁଆର ପରି ଲୋକମ୍ପତ ମଧ୍ୟରେ ମଧ୍ୟରେ ଅନେକ ଧନ ସମ୍ପତ୍ତି ଜୀବନ ହାନିକରେ। ଲୋକ ମତରେ ଗୁଜବ ତାଣ୍ଡବ କରେ, ଧର୍ମମତରେ ଅଗ୍ନିଅସ୍ତ୍ର ପ୍ରୟୋଗ ହୋଇ ଅନେକ କ୍ଷୟକ୍ଷତି। ଗଣତନ୍ତ୍ରରେ ଭୋଟବ୍ୟାଙ୍କ ଧନ, ଟଙ୍କା ରଖିବା ବ୍ୟାଙ୍କ ଠାରୁ ଅଧିକ ମୂଲ୍ୟବାନ ହୋଇପଡ଼ିଛି। ଏଣୁ ସରକାରଙ୍କ ଦମନ ନୀତି ସବୁବେଳେ ସମସ୍ତଙ୍କ ପାଇଁ ସମାନ ତତ୍କାଳ ହୋଇ ଉଠେ। ଏ ସମୟରେ ଯେମିତିଆ ଯୁଗ ମୁହୂର୍ତ୍ତରେ ଖବର ଦାବାଗ୍ନୀ ପରି ବ୍ୟାପିଯାଇ ନିରୀହ ଅସ୍ତ୍ରହୀନଙ୍କର ସଂସାର ଉଜାଡ଼ି ଦେବା ଦେଖାଯାଉଛି। ଏ ସବୁର ସୀମା ଅଞ୍ଚଳ ହିଁ ପ୍ରଥମେ କଷ୍ଟ ପାଆନ୍ତି। ଦୁଇ ଗୋଷ୍ଠୀର ଝଗଡ଼ା ମାମଲା ଏ ମଧ୍ୟରେ ସୀମା ଅଞ୍ଚଳ ଲୋକେ କଷ୍ଟ ଭୋଗୁଛନ୍ତି। ଏ ସମୟରେ ସୀମା ମାଟି ଉପରେ ପାଖକୁ ପାଖ ଲାଗିବା ସ୍ଥାନ ପୁଣି ଉଚ୍ଚତର ଟାୱାର କୋଠାରେ ଏକ କୋଠାର ଉପର ତଳ ବାସ ଘର। ଏକ ସମ୍ପ୍ରଦାୟ ଏକ ଧର୍ମ, ଏକ ଭାଷା, ଏକ ସଂସ୍କୃତିର ବାସ ଗୁଡ଼ିକରେ ପ୍ରଥମେ ସନ୍ଦେହ, ଅବିଶ୍ୱାସ ପ୍ରବେଶ ପରେ ପରେ ଆଗ୍ନେୟଗିରିର ଉଦଗୀରଣ। ଏ ସମୟରେ ଚାଷ ଜମି ସଠିକ ଚାଷ ଅନେକ ଚାଷୀ କରିପାରୁନାହାଁନ୍ତି ମୂଲିଆ ଶ୍ରମ ବଳ ଅଭାବ ଅର୍ଥ ଅଭାବକୁ ମନବଳ ପୂର୍ଣ୍ଣ ଅଭାବ। ଏ ପାଇଁ ଜମି ପଡ଼ିଆ ନପକାଇ ତାକୁ ବିକ୍ରୟ ଅନେକ କରିଦେଉଛନ୍ତି। ଅନେକ ସମ୍ପତ୍ତି ଜମି ଏକଧର୍ମର ଲୋକ ଅନ୍ୟ ଧର୍ମୀୟ ଲୋକଙ୍କ ଠାରୁ ବହୁ ପଇସାର ମୂଲ୍ୟ ପାଇ ବିକ୍ରୟ କରୁଛନ୍ତି ଏଥିରେ ଆସୁଛି ଜମି ପାଖ ଜମିର କ୍ଷତିଧାରା, ଚାଷ ଜମିକୁ ଜଳ ଜମିକୁ କିସମ ବଦଳାଇବା କାର୍ଯ୍ୟ ସରକାରୀ ଦପ୍ତରର ଏମାନେ ଘରବାରୀ କରିଦେବାରୁ ସର୍ବତ୍ର ଚାଷ ଜମିରେ, ଫାର୍ମ ହାଉସ, ରାସ୍ତା ବା କୋଠାଘର ସମୂହ ଚାଷ ଜମିରେ ମଧ୍ୟରେ ମଧ୍ୟରେ ଗଢ଼ି ଉଠୁଛି। ଜଳ ଅମର ସ୍ଥାନକୁ ମାଟିତଳୁ ଜଳ ଉଠାଇ ହୁଏ ମାତ୍ର ପ୍ରତିଗୃହରୁ ନିଷ୍କାସିତ ଜଳ ପୁଣି କୁଆଡ଼େ ଯିବ ତାହା ପାଖ ଜମିକୁ ହିଁ ଯିବ। ଫଳରେ କାନ୍ଥ ପାଚେରୀକୁ ଲାଗିଥିବା ବାହାର ଜମିଟି ଆକ୍ରାନ୍ତ ହେବା ସ୍ୱାଭାବିକ ଏହା ସୀମା ପର ପର ଜମି ଏତେ ଆକ୍ରାନ୍ତ ହୁଏନାହିଁ। ରାସ୍ତାକଡ଼ ଓ କେନାଲ ବନ୍ଧ କଡ଼କୁ ରାସ୍ତା ଓ କେନାଲର ଭବିଷ୍ୟତ ନିର୍ମାଣ ବା ଖୋଦେଇ ପାଇଁ କିଛି ସ୍ଥାନ ରାସ୍ତା କେନାଲ ପାଖ ଜମିକୁ ସରକାରୀ ଆବାଦରେ ରଖାଯାଇଥାଏ। ଏମିତି କି ରେଳପଥ କଡ଼ରେ ଏପରି ସ୍ଥାନ ଚିହ୍ନଟ ଥାଏ। ପୁଣି ଏ ସ୍ଥାନକୁ ଲାଗି ଅନେକ ବ୍ୟକ୍ତିଙ୍କର ଚାଷ ଜମି ରହିଥାଏ। ଚାଷ ଜମି ଧାନ ଆଦି ଶସ୍ୟ ବୃକ୍ଷ ଛାୟା ଓ ଅଧିକ ଜଳରେ ଉଧେଇ ନପାରେ ହେଲେ ପଥ କେନାଲର ବନ୍ଧ କଡ଼ ଜମି ହେଉଛି ଚିରକାଳ ଏହା ବର୍ଷକୁ ବର୍ଷ ବା କିଛି ବର୍ଷ ପାଇଁ ସରକାରୀ ନିଲାମ ଡକାଯାଏ। ନିଲାମ ଧାରକ ଚାଷ ସାର୍ବଜନୀନ କଲେ ମାତ୍ର ଯଦି ଉଚ୍ଚ ଧରଣର ବୃକ୍ଷ ଯଦି ଲଗାଏ ତେବେ ପାଖ କୃଷକ କ୍ଷତି ସହିବାକୁ ବାଧ୍ୟ। ବର୍ତ୍ତମାନ ମନ୍ଦିରର ସେବା ପାଇଁ ଦିଆଯିବା ଭୂମି ସବୁ ସେବା ଆଇନକରି ତାର ପଟ୍ଟାଦାର ଭିନ୍ନ ଜାତି ଧର୍ମୀୟ ଲୋକଙ୍କୁ ବିକ୍ରୟ କରି ଦେଉଛନ୍ତି। ଯାହା ପର୍ଯ୍ୟାପ୍ତ ଧନ ଅଛି ସେ ସରକାରୀ କାଗଜକୁ ଅପେକ୍ଷା ନକରି ବ୍ୟାଙ୍କ ଋଣ ନକରି ସ୍ଥାନରେ ମନୋଜ୍ଞ ନିର୍ମାଣ ସ୍ୱପୁଞ୍ଜିରେ କରୁଛନ୍ତି ଫଳତଃ ଏପରି ସୀମାର ଲୋକେ ମହାହଇରାଣରେ ପଡ଼ିବା ଜଣାପଡୁଛି ଏପରିକି ଦେବସ୍ଥାନର ବହୁ ହାନି ଘଟୁଛି। ବର୍ତ୍ତମାନ ଲୋକେ ଚାକିରୀ ପ୍ରିୟ। ସରକାରୀ ଧାରାରେ କର୍ମ ନିଯୋଗ ଯଥେଷ୍ଟ ନୁହେଁ। ଲୋକେ ଦୂରାନ୍ତ ରାଜ୍ୟ ଦେଶରେ ଅର୍ଥ ଅଳ୍ପ ଦିନରେ ପାଇ ସ୍ୱଗ୍ରାମରେ ପହଞ୍ଚି ଅର୍ଥଦେଇ ଅନେକ ସମ୍ପତ୍ତି କିଣିବାକୁ ପ୍ରୟାସ କରି ସଫଳ ହେଉଛନ୍ତି। ଲୋକେ ସ୍ୱପରିବାର, ସ୍ୱଜାତି, ସ୍ୱଧର୍ମର ଲୋକଙ୍କୁ ଏବେ ଜମି ବିକ୍ରୟକୁ ରାଜି ନୁହଁନ୍ତି। କାହାକୁ ଜମି ବିକ୍ରୟ ହସ୍ତାନ୍ତର ଅଶାନ୍ତି ଭବିଷ୍ୟତକୁ କରାଇବ ନାହିଁ। ଏହା ଜମି ବିକ୍ରେତା ବାୟାଙ୍କର ଓ ସରକାରୀ କାନୁନ କର୍ତ୍ତାଙ୍କର ରହିବା କଥା। କାଶ୍ମୀରରେ ଅନ୍ୟ ସ୍ଥାନର ବ୍ୟକ୍ତି ଜମି କିଣିବା ଏବେ ବି ଅସମ୍ଭବ। ସେ ରାଜ୍ୟର କାନୁନ ଅତି କଠୋର। ବର୍ତ୍ତମାନ ଏକ ଭୟଙ୍କର ବିପତ୍ତି ଏହି ଜମି କ୍ରୟ ବିକ୍ରୟ ପାଇଁ ଭବିଷ୍ୟତ ପାଇଁ ଲାଗିବାକୁ ଯାଉଛି। ଏହାର ସୁଚିନ୍ତିତ ଯୋଜନା ନକଲେ, ରକ୍ତପାତ, ଅଗ୍ନିଦାହ, ଗୁଳିଗୋଳା ଚାଲିବ, ମାରପିଟ ବଢ଼ି ବଢ଼ି ଚାଲିବ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ*
*ଦୂରଭାଷ : ୯୪୩୭୦୩୧୨୫୩*

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


## ଧାରାବାହିକ ଉପନ୍ୟାସ

## ବିଶୃଙ୍ଖଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୫୯




*(ପୂର୍ବପ୍ରକାଶ ଉତ୍ତାରୁ)*

ସେଇ ଅଲଗୁଣିରେ ପଡିଛି ତା ଲୁଗାତକ। ସେଇ ମଳିଗନ୍ଧରେ ସେ ଶୋଇଯାଏ ନିଶ୍ଚିନ୍ତରେ। ଲାଗେ ସେ ଅଛି ତା ଆଖପାଖରେ! ତା ସ୍ମୃତିକୁ ନେଇ ସେ ନିବିଡ ଭାବେ ବଂଚିପାରେ।

ଝର୍କା ପଟେ ଦିଶୁଛି ସାନବାବୁଙ୍କ ଛାଇ। ଏତେ କଣ ଭାବୁଛନ୍ତି? ସହିନପାରିଲେ ସାନ ମାଲିକାଣୀଙ୍କୁ ସେଠାରୁ ନେଇ ଆସୁନାହାନ୍ତି କାହିଁକି! ଭଲପାଇବାରେ କେତେ ତ୍ୟାଗ ଥାଏ। ସାନମାଲିକାଣୀ କଣ ତାଙ୍କର ଏଇ ସାମାନ୍ୟ ଅନୁରୋଧକୁ ରକ୍ଷାକରି ପାରିବେନି? ନହେଲେ ନିଜେ ସାନବାବୁ ଚାଲିଯା'ନ୍ତୁ ଦିଲ୍ଲୀ। ସେ ବି କଣ ତାଙ୍କ ପ୍ରକୃତ ପ୍ରେମ ପାଇଁ ଏତିକି କରି ପାରିବେନି? ଜଣେ ଆରଜଣକୁ ଅସୀମ ପ୍ରେମ କରୁଥିବ। ଅଥଚ ତା ପାଇଁ କିଛି ତ୍ୟାଗ କରିବାକୁ ଅକ୍ଷମତା ପ୍ରକାଶ କରିବ! କିପରି?

ଅନ୍ୟକୁ ସୁଖୀ ଦେଖିଲେ ସେ ପ୍ରେମର ପ୍ରଗାଢତା କଣ ବୃଦ୍ଧିପାଏନି? ସେ ପ୍ରେମ କଣ ପ୍ରାପ୍ତିରେ ପରିଣତ ହୋଇପାରେନି? ଇଏ ପୁଣି କେମିତିକା ପ୍ରେମ? ଯାହାଭିତରେ ଆତ୍ମା ହିଁ ନାହିଁ ଅଛି କେବଳ ନିଜର ଅହଂ। କେବଳ ନିଜର ସୁଖ, ନିଜର ଅଧିକାର, ପୁଣି ନିଜର ପ୍ରାପ୍ତି..ଏଇ କଣ ପ୍ରେମ ଆଜିକାଲି ଯୁଗର? ନା କିଛି ମଣିଷମାନଙ୍କର? ଲୀନା ଏସବୁକୁ ଭାବି ଭ୍ରମରେ ପଡିଲା। ଭାବିଲା- ସେ ଏସବୁ ବୁଝିପାରିବ ନାହିଁ। ସେ କ୍ଷମତା ତା ପାଖରେ ନାହିଁ।

ହଠାତ୍ କିଛି ଭାଙ୍ଗିବାର ଶବ୍ଦ..ଲୀନାର ଛାତି ଥରୁଛି ଭୟରେ। କଣ ହେଲା ସାନ ବାବୁଙ୍କର? ସେ ଭଲ ଅଛନ୍ତି ତ? ମନର ବଳ ଖଟାଇ ଦ୍ରୁତ ଗତିରେ ସେ ଚାଲିଗଲା ସାନବାବୁଙ୍କ ରୁମ୍ ଭିତରକୁ। କିଛିକ୍ଷଣ ପାଇଁ ଆଶ୍ୱସ୍ତ ହେଲେ ବି ତାର ଚିନ୍ତା ସଂପୂର୍ଣ୍ଣ ଭାବେ କଟିନଥିଲା ମନତଳୁ। ସାନବାବୁଙ୍କ ହାତରୁ କ୍ଷୀର ଗ୍ଲାସ୍ ପଡି ଖଣ୍ଡ ବିଖଣ୍ଡିତ ହୋଇଯାଇଛି। ସେ କାଚ ଖଣ୍ଡମାନଙ୍କୁ ଗୋଟାଇବା ବେଳେ ତାଙ୍କ ହାତରେ ପଶି ରକ୍ତ ଝରୁଛି। ଲୀନା ବ୍ୟସ୍ତହୋଇ ମେଡିସିନ୍‌ବାକ୍ସରୁ ମଲମ ଲଗାଇ ପଟି ବାନ୍ଧି ଦେଲା। ଘରର ଚଟାଣ ସଫା କରିପକାଇଲା। ଛୋଟବଡ କାଚଖଣ୍ଡମାନଂକୁ ଗୋଟେ ଅଲଗା କାଗଜରେ ଅପହଞ୍ଚ ଜାଗାରେ ରଖିଦେଲା। ତାର ଦାୟିତ୍ୱ ସେ ନିର୍ବାହ କଲା ପୂର୍ବବତ୍। ମନେମନେ ଭାବୁଥିଲା- କଣ ଯତ୍ନର ସହିତ ଗ୍ଲାସଟି ଉଠାଇଥିଲେ ହୋଇ ନଥାନ୍ତା! ଏତେ ହଡବଡ ଭାବରେ କାହିଁକି ଉଠାଇ ସେ ରକ୍ତାକ୍ତ ହେଲେ?

ଏତେ ଅନ୍ୟମନସ୍କ? ସେ କଣ ଏତେ ଦୁର୍ବଳ? ସେ କଣ ପରାଜୟ ବରଣ କରି ସାରିଛନ୍ତି ଜୀବନଯୁଦ୍ଧରେ? ସେ କଣ ସ୍ୱୈଣ? ପୁରୁଷତ୍ୱର ଅହଂକାର ନାହିଁ ତାଙ୍କ ଭିତରେ? ନିଜ ଦୁଃସ୍ଥିତିର ମୁକାବିଲା କରିବାର କ୍ଷମତା ନାହିଁ ତାଙ୍କର? ଜୀବନରେ ସେ କାହିଁକି କିଛି ସାଲିସ୍ କରିପାରୁନାହାନ୍ତି? କାହିଁକି ସେ ଜୀବନକୁ ଠିକ୍ ସେହି ଭଳି ଭାବେ ଗ୍ରହଣ କରିପାରୁ ନାହାନ୍ତି? ସେ ଖୋଜୁଛନ୍ତି ନିଜକୁ ସୁହାଉଥିବା ପୃଥିବୀଟିଏ, ଯେଉଁଠି ତାଙ୍କ ହିସାବରେ ଚାଲିବ ଦୁନିଆଁର ନୀତିନିୟମ। ସେ ଚାହିଁଲେ ସକାଳ ହେବ, ଗଛରେ ଫୁଲ ଫୁଟିବ ଆଉ ସେ ଚାହିଁଲେ ଫୁଲ ମଉଳିଯିବ, ରାତି ଆସିବ। ସେ ତ ଆଗରୁ ଏମିତି ବଢିଆସିଛନ୍ତି। ଆଉ ଆଜି ବି ସେ ତାଙ୍କ ନିଜ ଭିତରେ ସଂକୁଚିତ। ସାଲିସ୍ ବିହୀନ ଜୀବନଟିଏ ଜୀଇଁବାର ଲୋଭ ତାଙ୍କୁ ସର୍ବଦା କବଳିତ କରିରଖିଛି। ଆଉ ସେ ତା ଭିତରେ ଗୋଟେ ବାରମାସୀ ଚଢେଇପରି ବାରବାର ରଙ୍ଗ ବଦଳାଇ ଚାଲିଛନ୍ତି। ତାଙ୍କ ନଜରରେ ସେ ଜୀବନକୁ ରଙ୍ଗାଉଛନ୍ତି। ପୁଣି ବେରଙ୍ଗ କରିଦେଉଛନ୍ତି।

କାହିଁକି ସାନବାବୁ ସବୁବେଳେ ଆତ୍ମମଗ୍ନ? ଗଭୀର ପ୍ରତ୍ୟଶା ଜୀବନର ସ୍ୱାଭାବିକତାକୁ ନଷ୍ଟ କରିଚାଲିଛି ଅବିରତ। ଅଥଚ ସେ କିଛି କରୁନାହାନ୍ତି, ଜୀବନ ପାଇଁ କିଛି ସନ୍ଧି..କିମ୍ବା ସାଲିସ୍। ନହେଲେ ଅନ୍ୟ କିଛି। କିନ୍ତୁ ଏଥିରୁ କିଛି ବି ତ ସେ କରୁନାହାନ୍ତି ନା!

ଏତେ ସବୁ ଭାବିଗଲେ ବି ସେ କିଛି କହି ପାରିନଥିଲା ତାଙ୍କୁ। ଏମିତିକି ମୁହଁ ଉଠାଇ ସ୍ୱଷ୍ଟ ଭାବରେ ଚାହିଁ ବି ପାରୁନଥିଲା। ତାଙ୍କ ମୁହଁରେ ବିଷାଦର କାଳିମା ଦେଖିଲେ ସେ କଣ ଶାନ୍ତିରେ ଶୋଇପାରିବ? ଆଜିଯାଏଁ କଣ ପାରିଛି? ସାନବାବୁ ଚାହିଁଥିଲେ ତାକୁ ଅପଲକ ନୟନରେ। ସତେଯେପରି ସେ ଆଜି ଲୀନା ନୁହେଁ, ଆଉ କେହି! ଯାହାକୁ ସାନବାବୁ ଜାଣିନାହାନ୍ତି କି ଦେଖିନାହାନ୍ତି ଆଗରୁ! ଏବଂ ସେ ଯେପରି ଆଜି ତାର ପରିଚୟ ଖୋଜୁଛନ୍ତି ନିଜ ଭିତରେ! ତାର ନୂଆ ଏକ ରୂପରେଖ ସତେଯେପରି ସେ ପାଇଯାଇଛନ୍ତି ହଠାତ୍।

ସେ ଆବିଷ୍କୃତ କରିଛନ୍ତି ନୂଆ ଏକ ଲୀନାକୁ। ତା ଭିତରର ବ୍ୟାକୁଳ ଅନୁରାଗକୁ! ତା ନିଷ୍କଳଙ୍କ ପ୍ରେମ ଓ ଜୀବନର ତ୍ୟାଗକୁ! ରାତି ବଢୁଥିଲା ଉଛୁଳା ନଈଟିଏ ପରି ହେଲେ ବନ୍ଧ ଭାଙ୍ଗିବାକୁ ନୁହେଁ। ତା କାଳିମାର ଗହନତା ବଢାଇବାକୁ। ସେ ବହଳିଆ ଅନ୍ଧାର ଭିତରେ ସାରା ସଂରାରକୁ ବୁଡାଇ ରଖିବାକୁ, ଆଶ୍ଳେଷି ନେବାକୁ। କାକରର କୁନିକୁନି ବୁନ୍ଦାମାନ ଲାଖି ଯାଇଥିଲେ ପତ୍ରଧାରରେ ହୁଏତ ଖୋଜୁଥିଲେ ଆଶ୍ରୟ..।

ସେପଟେ ଉଲ୍‌କାଟିଏ ଖସୁଥିଲା ସାମୟିକ ଭାବେ ନିଜ ଅସ୍ତିତ୍ୱକୁ ଜାହିର୍ କରି। ପୁଣି ମିଶିଯାଉଥିଲା ଅନ୍ଧକାରର ବହଳତା ଭିତରେ। ହୁଏତ ସେତିକି ମାତ୍ର ତାର ଆୟୁଷ! ତାରାମାନେ ଆଖି ମିଟି ମିଟି କରି ଗପରେ ମାତିଯାଇଥିଲେ ପରସ୍ପର ଭିତରେ। ଲାଗୁଥିଲା ଯେମିତି ସେମାନେ ଓଠ ଚିପି ହସୁଛନ୍ତି। ସେମାନଙ୍କର କଣ ଦୁଃଖ ନାହିଁ,ଅସହାୟତା ନାହିଁ? ସେମାନେ କଣ ସବୁବେଳେ ହସିବାର ଅଧୀକାର ପାଇଛନ୍ତି ଈଶ୍ୱରଙ୍କଠାରୁ? ଖୁବ୍ ଈର୍ଷାହୁଏ ଏଇ ତାରାମାନଙ୍କ ଉପରେ। ଏମାନେ ସବୁବେଳେ ଏମିତି ନିର୍ଲ୍ଲଜ..ଉଦ୍ଦଣ୍ଡ। ଯେତେ ଯାହା ହେଲେ ବି ସବୁବେଳେ ଓଠ ଚିପା ହସ..। ଏତେ ହସ କଣପାଇଁ!

ଜେଜେ ମାଆ କହେ- ଏତେ ହସିଲେ କୁଆଡେ ସମୟ ବି କ୍ଷୁବ୍ଧ ହୁଏ, ସେଥିପାଇଁ ଠିକ୍ ତା ପର ମୁହୂର୍ତ୍ତରେ ଦୁଃଖ ଅଜାଡିଦିଏ। ସେଇଥିପାଇଁ ତ ଜହ୍ନ ମଉଳିଯାଏ। ପୁଣି ଅପେକ୍ଷା କରିବାକୁ ପଡେ ପକ୍ଷଟିଏ। ଏମିତି ଅନେକ ମୁହୂର୍ତ୍ତ ଅପସରି ଯାଉଥିଲେ। ହେଲେ ସେଇ ରାତିଥିଲା..କେବଳ ମାତ୍ର ବୟସ ବଢୁଥିଲା। ବୟସ କାହାର ବଢେ ନାହିଁ ଯେ! ଭିନ୍ନ ଏକ ରୂପରେ ପରିବର୍ତ୍ତିତ ସାନବାବୁ ତନ୍ମୟ ହୋଇ ପଚାରୁଥିଲେ- ଲୀନା ତୋପରି ମନୀଷା କାହିଁକି ହେଲାନି? ସେ କାହିଁକି ମୋ ଫେରିବାର ପ୍ରତିଟି ମୁହୂର୍ତ୍ତକୁ ପ୍ରତୀକ୍ଷା କରି କରି ନୀରବ ଅଭିମାନରେ ଜର୍ଜରି ଉଠିଲାନି? କିଛି ନକହି ବି ଅସଂଖ୍ୟ ଅଭିଯୋଗରେ ମୋତେ କ୍ଷତବିକ୍ଷତ କଲାନି? ରାତିନ ପାହୁଣ୍ଣୁ, ଆଖି ନ ଖୋଲୁଣୁ ଫୁଲଟିଏ ମୋପାଇଁ ତୋଳିବାକୁ ବ୍ୟାକୁଳ କାହିଁକି ହେଲାନି?

ମୋ ସୁଖର ପ୍ରତ୍ୟାଶା କରିକରି ସେ କାହିଁକି ମୋ ଭିତରେ କିଛି ମୁହୂର୍ତ୍ତ ହଜିଯାଇପାରିଲାନି? ମୋର ସବୁ ସୁଗୁଣ ଓ ଦୁର୍ଗୁଣକୁ ଆପଣେଇ ନେଇ ମୋ ଉପରେ ଅନୁରାଗର ଧାରେ ବର୍ଷା ଝରାଇ ପାରିଲାନି? ତୋ ଭଳି ସେ କାହିଁକି ମୋର ଯତ୍ନ ନେଇ ଆତ୍ମହରା ହୁଏ ନାହିଁ? କିମ୍ବା ମୋ କଷ୍ଟରେ ନୀରବରେ ବିଳପି ଉଠେନି? ସେ କାହିଁକି ମୋ ଭିତରେ ତାକୁ ଖୋଜିପାରେନି? ମୋଠାରୁ ସେ ମୋତେ କାଇଁ ବେଶୀ ବୁଝେନି କି ବେଶୀ ଭଲ ପାଇ ପାରେନି? ସେ କଣ ଚରମ ସ୍ୱାର୍ଥପର? ତୋ ଗୁଣରୁ ଗୋଟିଏ ଗୁଣ ବି ତା ପାଖରେ ଥିଲେ ମୁଁ ସୁଖୀ ହୋଇପାରିଥାନ୍ତି ଲୀନା! ହେଲେ ତୋର କିଛି ଗୋଟାଏ ବି ଗୁଣ ନାହିଁ ତା ପାଖରେ।

ତା ଭିତରେ ମୁଁ ସବୁବେଳେ ତୋତେ ଖୋଜିଖୋଜି ବୋଧହୁଏ ଆଜି ଜୀବନର ବାଜି ହାରିଯାଇଛି। *(କ୍ରମଶଃ)*

## ମହତ ଭାବନା ଫଳ ମଧୁର

### ବିନୟ ଭୂଷଣ ପାଣିଗ୍ରାହୀ





*(ପୂର୍ବପ୍ରକାଶ ଉତ୍ତାରୁ)*

ଡାଳ ଭାଙ୍ଗିଲେ ନୂଆ ଡାଳପତ୍ର ବାହାରୁନାହିଁ। ଥୁଣ୍ଟା ଗଛ ବୋଲି କାଉ କି କୋଇଲିଟିଏ ମଧ ବସା ବାନ୍ଧୁନାହାନ୍ତି। ଗଛ ହେଇ ଯଦି ଫଳ, ଛାଇ କିମ୍ବା ଆଶ୍ରୟ ପ୍ରଦାନ କରି ନପାରୁଛି ତେବେ ମୋ ବଞ୍ଚି ରହିବାର କିଛି ମୂଲ୍ୟ ନାହିଁ। ତେଣୁ,ଆସନ୍ତା ବଉଳ ପୁନେଇଁ ଆଗରୁ ଦୟାକରି ମୋତେ ମୃତ୍ୟୁ ଦେଇ ଏ ଅଲୋଡା ଜୀବନରୁ ମୁକ୍ତ କରିଦେ ମା।'

ଯେଉଁମାନଙ୍କର ଆତ୍ମା ପବିତ୍ର ଏବଂ ଭାବନା ମହାନ ସେମାନଙ୍କ ପ୍ରାର୍ଥନା କେବେହେଲେ ବୃଥା ଯାଏନାହିଁ। ଠିକ ତା'ର ଦୁଇଦିନ ପରେ ବଗିଚା ମାଲିକଙ୍କ ଏକମାତ୍ର ଅଲିଅଳି ଝିଅର ବିବାହ ପାଖ ଗ୍ରାମ ଜମିଦାରଙ୍କ ପୁଅ ସହ ଧାର୍ଯ୍ୟ ହେଇଗଲା। ବିବାହରେ ଯାନିଯୌତୁକ ଦେବାପାଇଁ ମାଲିକ ପୂର୍ବରୁ ସବୁକିଛି ପ୍ରସ୍ତୁତ କରି ରଖିଥିଲେ। କେବଳ କାଠ ନିର୍ମିତ ଆସବାବପତ୍ର ତିଆରି ଚାଲିଥିଲା। ସେଇ ସମୟରେ କାଠମିସ୍ତ୍ରୀ ଆଉକିଛି ଅଧିକ କାଠ ପଟାର ଆବଶ୍ୟକତା ପଡୁଛି ବୋଲି କହିବାରୁ ସେଇଦିନ ଉପରଓଳି ବଗିଚା ମାଲିକ ତାଙ୍କ ବଗିଚାରେ ଥିବା ଖଟା ଆମ୍ବଗଛଟିକୁ କାଟିବା ପାଇଁ ମନରେ ସ୍ଥିର କରି ଜଣେ କାଟୁରିଆକୁ ସାଙ୍ଗରେ ନେଇ ବଗିଚାରେ ପହଞ୍ଚିଗଲେ। ଏସବୁ ଦେଖି, ତାର ଇଛା ପୂରଣ ହେବାକୁ ଯାଉଛି ଭାବି ଖଟା ଆମ୍ବଗଛ ବହୁତ ଖୁସି ହେଇଗଲା। ମାତ୍ର, ଉପରକୁ ମୁହଁ ଶୁଖାଇ ମିଛ ଦରଦଭରା ସ୍ୱରରେ ମିଠା ଆମ୍ବଗଛକୁ କହିଲା, 'ମୁଁ ସିନା ମିଛରେ ତୋ ଉପରେ ରାଗେ ଆଉ ଇଆଡୁସିଆଡୁ କଥା କହେ ହେଲେ, ସତରେ ମୋ ମନ ଭିତରେ ସେମିତି କିଛି ମନ୍ଦ ଉଦ୍ଦେଶ୍ୟ ନଥାଏ। ମୁଁ ଯଦି ଜାଣିଥା'ନ୍ତି ଯେ ମୋ ମିଛିମିଛିକା ଅଭିଶାପ ସତ ହେଇଯିବ ବୋଲି ତାହେଲେ ମୁଁ କେବେବି ତୋତେ ଅଭିଶାପ ଦେଇନଥା'ନ୍ତି।'

ଯେଉଁମାନେ ନିଃସ୍ୱାର୍ଥପର ଭାବେ ଅନ୍ୟର ମଙ୍ଗଳ କାମନା କରୁଥାନ୍ତି ସେମାନେ ତାଙ୍କପ୍ରତି ଅନ୍ୟ ମାନଙ୍କର ନିନ୍ଦା-ପ୍ରଶଂସା ଓ ମାନ-ଅପମାନ ଇତ୍ୟାଦିକୁ ଦେହକୁ ନିଅନ୍ତି ନାହିଁ। ଯେଉଁଥିପାଇଁ ତାଙ୍କର ନିନ୍ଦୁକମାନେ ଭୁଲବଶତଃ ସେମାନଙ୍କୁ ନିର୍ବୋଧ ବୋଲି ଭାବିନିଅନ୍ତି। ମିଠା ଆମ୍ବଗଛ ଏଥର ମଧ ସବୁକଥା ଶୁଣି ନିରୁତ୍ତର ରହିବା ଦେଖି ନିର୍ବୋଧ ଖଟା ଆମ୍ବଗଛ ମନେମନେ ଖୁବ୍ ହସିଲା।

କିଛି ସମୟ ପରେ ବଗିଚାରୁ ଘେରାଏ ବୁଲି ଆସି ଗଛ କଟାଳି ଓ ବଗିଚା ମାଲିକ ମିଠା ଆମ୍ବଗଛ ମୂଳେ ଠିଆହେଲେ। ତାପରେ, ମାଲିକ ଖଟା ଆମ୍ବଗଛ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରି ସେଇ ଗଛଟିକୁ କାଟିଦେବାପାଇଁ କହିବାଦେଖି ଖଟା ଆମ୍ବଗଛର ପିଳେହି ପାଣି ହେଇଗଲା। ସେ ଭୟରେ ଥରିବାକୁ ଲାଗିଲା । ଏବେ ସେ ବୁଝିପାରିଲା ଯେ ଅକାରଣରେ ମିଠା ଆମ୍ବଗଛ ର ଅମଙ୍ଗଳ କାମନା କରି ତାକୁ ଦେଇଥିବା ଅଭିଶାପ ତା ନିଜ ଆଡକୁ ଫେରିଆସିଛି। ତେବେ, ମୃତ୍ୟୁ ସୁନିଶ୍ଚିତ ଜାଣି ସେ ପଶ୍ଚାତାପ କରିବା ସହିତ ତା ଅକ୍ଷମଣୀୟ ପାପର ଯଥାସମ୍ଭବ ପ୍ରାୟଶ୍ଚିତ କରିବାକୁ ଯାଇ ଯୋଡହସ୍ତ ରେ ମିଠା ଆମ୍ବଗଛକୁ କହିଲା,' ବନ୍ଧୁ,ମୁଁ ଏବେ ମୋ ଭୁଲକୁ ବୁଝିପାରିଛି। ଅଯଥାରେ ଅନେକ ସମୟରେ ଅନେକ କଷ୍ଟଦାୟକ କଥାମାନ କହି ତମ ମନରେ ଗଭୀର ଆଘାତ ଦେଇଛି। ତମେ ସବୁ ଶୁଣିଛ ହେଲେ କେବେ ଦିନେ ପ୍ରତିବାଦ କରିନାହଁ କିମ୍ବା ମୋର ଅମଙ୍ଗଳ କାମନା କରିନାହଁ। ପ୍ରକୃତରେ ତମେ ମହାନ। ମୃତ୍ୟୁ ପୂର୍ବରୁ ମୁଁ ତମର ମହାନତା ଆଗରେ ମୁଣ୍ଡ ନୁଆଁଇ କ୍ଷମା ପ୍ରାର୍ଥନା କରୁଛି, ପାରିଲେ ତମ ବଡପଣରେ ମୋତେ କ୍ଷମା କରିଦେବ।'

ପୂର୍ବର ପ୍ରତିଥର ପରି ଏଥର ମିଠା ଆମ୍ବଗଛ ନୀରବ ନରହି ଶାନ୍ତ ଏବଂ ମଧୁର ସ୍ୱରରେ କହିଲା,'ପ୍ରିୟବନ୍ଧୁ ମୋର, ତମେ ମୋଠାରୁ କାହିଁ କେତେ ସାନ। ପୁନଶ୍ଚ, ମୁଁ ତମ ମନ ତଳର ଦୁଃଖକୁ ଭଲକରି ବୁଝିପାରେ।ତେଣୁ ମୁଁ ତମର କୌଣସି ଆକ୍ଷେପ କିମ୍ବା ଅଭିଶାପ କୁ ନେଇ ବ୍ୟସ୍ତ-ବିବ୍ରତ କିମ୍ବା ପ୍ରତିକ୍ରିୟାଶୀଳ ହେଇନାହିଁ। ସାନ ମାନେ ସର୍ବଦା ସ୍ନେହ ଓ ଶୁଭେଛାର ପାତ୍ର। ତେଣୁକରି ତମ ପ୍ରତି ମୋର କିଛି କର୍ତ୍ତବ୍ୟ ରହିଛି ବୋଲି ମୁଁ କେମିତି ପାଶୋରି ଦେଇଥାନ୍ତି ! ମୁଁ ତ ମୋ ଜୀବନକୁ ବେଶ ବଂଚିସାରିଛି, ତମର ଜୀବନ ମୋରି ଆଖି ଆଗରେ ଏଇମାତ୍ର ଆରମ୍ଭ ହେଇଛି। ମୁଁ ବଂଚି ଥାଉଥାଉ ଆଖି ସାମ୍ନାରେ ମୁଁ କଣ ତମର ଅକାଳ ମୃତ୍ୟୁ ଦେଖି ସହ୍ୟ କରିପାରିବି ? ଜୀବନସାରା ଗ୍ରାମ ଦେବତୀଙ୍କୁ ସୁମିଷ୍ଟ ଆମ୍ବ ସେବା କରାଇ ଥିବାରୁ ସେ ମୋ ଉପରେ ପ୍ରସନ୍ନ ଥିଲେ ଜାଣି ତମ ଉପରେ ଥିବା ବିପଦରୁ ତମକୁ ରକ୍ଷା କରିବା ନିମନ୍ତେ ତାଙ୍କୁ ପ୍ରାର୍ଥନା କରିଥିଲି। ମୋ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ମୋ ପ୍ରାଣ ବିନିମୟରେ ଆଜି ତମର ପ୍ରାଣ ନିଶ୍ଚୟ ରକ୍ଷା କରିବେ ବୋଲି ଭରସା ଦେଇଛନ୍ତି। ମୁଁ ଉପୁଡି ପଡିଲେ ମାଲିକଙ୍କର ଆବଶ୍ୟକତା ପୂରଣ ହେଇଯିବ। ତେଣୁ,ବିନା ଆବଶ୍ୟକତାରେ ସେ ତମକୁ କାଟିଦେଇ ବଗିଚାକୁ ଆମ୍ବଗଛ ଶୁନ୍ୟ କରିବାକୁ କଦାପି ଚାହିଁବେନାହିଁ। ଏଇମାତ୍ର ଅଳ୍ପ କେଇ ମୁହୂର୍ତ୍ତ ଭିତରେ ମୋର ପ୍ରାର୍ଥନା ଫଳବତୀ ହେବାକୁ ଯାଉଛି। ତେବେ, ସ୍ୱଇଛାରେ ପ୍ରାଣ ତ୍ୟାଗିବା ପୂର୍ବରୁ ତମକୁ ମୋର ଗୋଟିଏ ଛୋଟିଆ ଅନୁରୋଧ ରହିଛି, ପାଳନ କରିବ ବୋଲି ସତ୍ୟକଲେ କହିବି।'

ମିଠା ଆମ୍ବଗଛ ମୁହଁରୁ ଏଇସବୁ କଥା ଶୁଣୁଥିବାବେଳେ ଖଟା ଆମ୍ବଗଛ ପଶ୍ଚାତାପର ଯନ୍ତ୍ରଣା ସହ୍ୟ କରି ନପାରି ଦୟନୀୟ ଭାବେ ରୋଦନ କରୁଥିଲା। ସମ୍ମାନ ଓ ଭକ୍ତିରେ ଶିର ନତ କରି ସମ୍ମତି ପ୍ରଦାନ କଲାରୁ ମିଠା ଆମ୍ବଗଛ ଆଶ୍ୱସ୍ତି ସୂଚକ ସ୍ୱରରେ କହିଲା,' ଆଜିଠାରୁ ଶପଥ ନିଅ ଯେ ବାକି ଜୀବନକାଳ ଭିତରେ ମନରେ ସର୍ବଦା ମଧୁର ଭାବନା ପୋଷଣ କରିବା ସହ ନିଜ ସବୁବେଳେ ନିଃସ୍ୱାର୍ଥପର ଭାବରେ ତମଠାରୁ କିଛି ଭଲ ଆଶା ରଖୁଥିବା ପ୍ରତ୍ୟେକଙ୍କ ମନୋବାଞ୍ଛା ପୂରଣ କରିବାପାଇଁ ଆପ୍ରାଣ ଚେଷ୍ଟା କରିବ। ଫଳ ସ୍ୱରୂପ ତମର ସର୍ବାଙ୍ଗ ଓ ଆତ୍ମା ରେ ଭରି ରହିଥିବା ଖଟାପଣ ଦୂରରେ ଯିବ ଏବଂ ତମର ପ୍ରତ୍ୟେକ ଫଳ ମହୁପରି ମିଠା ହେଇଯିବ। ତାପରେ, ତମେ ମିଠା ଆମ୍ବଗଛ ହୋଇ ମାଲିକଙ୍କର ପ୍ରିୟପାତ୍ର ହୋଇ ତାଙ୍କ ହୃଦୟ ଭିତରେ ମୋ ଅଭାବ ଜନିତ ଦୁଃଖକୁ ମଧ ଦୂର କରିପାରିବ।'

ଆକାଶର ଉତ୍ତର-ପୂର୍ବ କୋଣରୁ ଉପରକୁ ଉଠି ସାରା ଆକାଶକୁ କବଳିତ କରିବାକୁ ଦ୍ରୁତ ଗତିଶୀଳ ହେଉଥିବା ଘନ କଳାବାଦଲକୁ ଦେଖିବା ସହ ସୁ-ସୁ ଗର୍ଜନ କରି ମାଡି ଆସୁଥିବା ପବନର ଭୟଙ୍କର ଶବ୍ଦ ଶୁଣି ଖଟା ଆମ୍ବଗଛଟି ମିଠା ଆମ୍ବଗଛ କଥାର ସତ୍ୟତାକୁ ହୃଦୟଙ୍ଗମ କରି ସାମାନ୍ୟତମ କାଳ ବିଳମ୍ବ ନକରି ମିଠା ଆମ୍ବଗଛର ଉପଦେଶ କୁ ଅକ୍ଷରେ ଅକ୍ଷରେ ପାଳନ କରିବା ପାଇଁ ସତ୍ୟ କରିବାର ଠିକ ପରମୁହୂର୍ତ୍ତରେ ହଠାତ ଅତି ଦ୍ରୁତ ବେଗରେ ପବନ ବୋହିବା ଆରମ୍ଭ କରିଦେଲା। ଅଦିନିଆ ମେଘ-ପବନକୁ ଦେଖି ବଗିଚା ମାଲିକ ଓ କାଠ କଟାଳି ଅତର୍ଛିଆ ଘରମୁହାଁ ଧାଇଁଲେ। ଖଟା ଆମ୍ବଗଛ ଦେଖିଲା , ମହାନ ସେଇ ମିଠା ଆମ୍ବଗଛ ପବନର ବେଗକୁ ପ୍ରତିହତ କରିବାର କୌଣସି ପ୍ରୟାସ କରିବା ପରିବର୍ତ୍ତେ ଗ୍ରାମଦେବତୀଙ୍କ ଉଦ୍ଦେଶ୍ୟରେ କରଯୋଡିଲା ଏବଂ ଧପାସ କରି ଉପୁଡି ପଡି ଭୁଇଁରେ ଲୋଟିଗଲା।

ମିଠା ଆମ୍ବଗଛଟି ଉପୁଡି ପଡିବାର କେଇ କ୍ଷଣ ପରେ ନିଆଁରେ ପାଣି ଢାଳିଦେଲା ପରି ଶାନ୍ତ ହେଇଗଲା ତୋଫାନ, ସାରା ଆକାଶକୁ ମୁକ୍ତ କରି ଅପସରିଗଲା କଳାମେଘ ଏବଂ ମାଟିକୁ ଆଦରି ଶୋଇଯାଇଥିବା ମିଠା ଆମ୍ବଗଛର ଡାଳ ଓ ପତ୍ର ଉପରେ ଲେପି ହେଇଗଲା ଅସ୍ତଗାମୀ ସୂର୍ଯ୍ୟର ମେଞ୍ଚାଏ ଈଷତ ଲାଲ କିରଣ । ଶ୍ରଦ୍ଧାଞ୍ଜଳି ସ୍ୱରୂପ ଖଟା ଆମ୍ବଗଛର ଆଖିରୁ ବୋହିଚାଲିଥିଲା ଅନୁତାପର ଅବାରିତ ଅଶ୍ରୁଧାର।

*ହରସିଂହ ପୁର,ପୀରହାଟ ବଜାର*
*ଭଦ୍ରକ-୭୫୬୧୩୧*
*ଦୂରଭାଷ :୯୯୩୭୫୪୮୪୩୧*

## କବିତା

## ମୋ ଗାଁରେ ଖରାଦିନ

### କମଳିନୀ ମଲ୍ଲିକ



ଯେତେ ଅସହ୍ୟ ହୁଏ
ଝାଞ୍ଜି ପବନ, ଖରା ତାତି
ସେତେ ମନେପଡେ ମୋ ଗାଆଁ
ତା ଖୋଲା ଆକାଶ ତଳେ
ଛାଇଢଙ୍କା ଓସାରିଆ ଦାଣ୍ଡ
ଆଉ ଯେତେ ଶୀତଳ ସବୁଜ ସ୍ମୃତି।
ମନେପଡେ ନଈକୂଳ
ଛଳଛଳ କାଚକେନ୍ଦୁ ଜଳ
ବିଲବାଡି, ଆମ୍ବତୋଟାମାଳ
ବହଳ ଛାଇତଳେ
ବଇଁଶୀ ଫୁଙ୍କୁଥିବ ଗାଈଆଳ
ମହକୁଥିବ ଝରା ବଉଳ
କଷିଆମ୍ବ ଗୋଟାଇଲାବେଳେ
କେମିତି ଚଇତାଳି ଟାଣିନିଏ
ପିନ୍ଧାବାସ,ବନ୍ଧାକେଶ
ତାକୁ ଭିଡି ସଜାଡି ରଖିବାକୁ
ସିଏ ଖାଲି ଏକ ଅନିଚ୍ଛୁକ ପ୍ରୟାସ।
ସେଇ ଅଭୁଲା ଅନୁଭବ
ଏବେ ବି ବାରମ୍ବାର କରେ ଆକର୍ଷଣ
ମୋ ଗାଆଁ ଖରାବେଳର
ଯେତେ ନିରତା ନିରବତାରେ ଥାଏ
କେଉଁ ଏକ ନିଆରା ସମ୍ମୋହନ
ପତ୍ର ଗହଳରୁ ରହି ରହି ଶୁଭୁଥାଏ
କୋଇଲିର ମିଠା କୁହୁ
ଦାଣ୍ଡଘରେ ପିଟି ହେଇ ପଶୁଥାଏ
ସୁଲୁସୁଲିଆ ଦକ୍ଷିଣା ପବନ
ଟିକେ ଛାଇ ନିଦରେ
ଆଖିପତା ଲାଗି ଯାଉ ଯାଉ
ନେସି ହେଇଯାଏ ଅସରା ସପନ।

ଏବେ ବି ମନେ ପଡିଗଲେ
ଅବେଳରେ ଲାଗେ ଭୋକ
ବୋଉ ହାତବଢା ଶାଗଭଜା,ବଡିଚୂରା
ବାସି ପଖାଳ ତୋରାଣି ସୁଆଦ
ଛାଇ ଲେଉଟାଣି ବେଳେ
କେମିତି ସଜଫୁଲ ପରି
ଚହଟି ଉଠେ ଗାଁ ଦାଣ୍ଡ
ସାହି ଝିଅଙ୍କ ହସମଜା,ଖୁସି ଗପ
ଆଉ କେତେ ଲୁଚାଛପା ଆଖି ଠାରର
ଅକୁହା ସେ ଲାଜ ଲାଜ ଭାବ।
ଜାଣିଛି ମୁଁ, ଏଇ ସମୟଟା
ଆଉ ଫେରିବନି ପଛକୁ
ହେଲେ, ମୁଁ ଫେରିଯାନ୍ତି କି ମୋ ଗାଁକୁ
ଏଇ ମାପଚୁପ ଜୀବନରୁ
ସେଇ ଅନ୍ତରଙ୍ଗ ଉନ୍ମୁକ୍ତ ଅତୀତକୁ
ଯେଉଁଠି ନ ଥିବ ଧୂଆଁଳିଆ ଆକାଶ
କଂକ୍ରିଟ୍ ଚଟାଣର ଉତ୍ତାପ
କ୍ଲାନ୍ତ ପାଦ, ଝାଳୁଆ ଦେହର ଗନ୍ଧ
ରଡନିଆଁରେ ଝାମ୍ପୁ ଚାଲୁଥିବେ ପାଟୁଆ
ନଥିବ ମୁଣ୍ଡବିନ୍ଧା, ଅଂଶୁଘାତ
ପବନରେ ହଲୁଥିବ ଗଛପତ୍ର
ଛାଇତଳେ ମେଣ୍ଟୁଥିବ ଥକ୍କା ଓ ବିଷାଦ
ଯେଉଁଠି ବିଷୁବ ରେଖାରେ ଥାଇ
ସୂର୍ଯ୍ୟ ଜଳୁଥିଲେ ବି
ମୋ ଗାଁ ପଣାହାଣ୍ଡି ପାଖରେ
ହୁଅନ୍ତି କେତେ ଶୀଥିଳ,କେତେ ନିର୍ବେଦ।

*ଭୁବନେଶ୍ୱର*
*ଦୂରଭାଷ: ୯୮୫୩୫୨୩୮୮୩*

## ଓଃ ! କି ଭୀଷଣ ଖରା

### ଦୀନବନ୍ଧୁ ସାହୁ




ଓଃ ! ଏ କି ଭୀଷଣ ମୁଣ୍ଡଫଟା ଖରା !
ଏଠି କୋଉଠି ଗଛତଳ ଦେଖି ଥକି ଯିବା
ନା,ଏଇ ବ୍ୟାଂକ ଭିତରେ ପଶି ଯିବା;
ଖାଲି ପାଣି ମୁନ୍ଦେ ପି' ଶୋଷ ମାରିବା !
ହେଲେ,
ଶୋଷ କ'ଣ ଏଡ଼େ ସହଜରେ ମରେ ?
ଏଇନେ, ଏଇଠି ଥିଲେ !
କୁଆଡ଼େ ଗଲେ ସେ
ସ୍କୁଲ୍ ମାଷ୍ଟ୍ରାଣୀ, ସଂଜୁ ଦିଦି ?
ପଛେପଛେ ଥିଲେ ତ, ପୁଣି
ଛାଇ ଭଳି ନା ଚୋରା ଚଇତାଳି ଭଳି
ପବନରେ ମିଳେଇ ଗଲେ ?
ଏ ଛାଇର ଛଇ ଦେଖ,
ଖରା ସ' ମିଶି ଆଖିକୁ ଜଳକା କରେ;
ଆଉ ନିଏ , କେତେକେତେ ରୂପ !
କେତେ ଭାବେ ଡରାଏ ଚମକାଏ
ପୁଣି କୋଳେଇ ଧରେ, ଆଉ କେବେ
ଚୁପ୍ ଚାପ୍ ଶୋଇ ଯାଏ ଦେହର ଭିତରେ !
ବାସ୍ତବ ଦୃଶ୍ୟ ସବୁ ସ୍ୱପ୍ନ ଭଳି ଏମିତି !
ଆଖି ଆକାଶରେ ଘୋଟି ଆସେ, ଛାଇନିଦ
ଏ ବ୍ୟାଙ୍ଗ ଏ ଜଗୁଆଳି,
କୋଣ ବେଞ୍ଚରେ ଢୁଳଉ ଥିବା
ସ୍ୱୀଲୋକ, ଧିମା ଫ୍ୟାନ୍
ପବନରେ ଫଡ୍ ଫଡ୍ ଉଡୁଥିବା
କିଛି କାଗଜ, ବାହାର ବାରଣ୍ଡାରେ
ଶୋଇଥିବା କୁତୀ
ସବୁ ଲାଗେ ନିର୍ଜନ ନିର୍ଜନ,ଖୁବ୍ ଶୂନ୍ ଶାନ୍,
ସବୁ ଲାଗେ ମିଛ ଖାଲି ମିଛ;
ଖରାର ପହରା ଓ ଛାଇଛାଇ ନରମ ନିଦର
ମୃତ୍ୟୁଲୋକ ପରି ପୃଥିବୀଟା
କାହିଁକି ବା ନୀରବ ନୀରବ ? ?

ଏତେବେଳେ,
କଳାହାଣ୍ଡିଆ ମେଘଖଣ୍ଡେ ଭଳି, କିଏ ଜଣେ
ତା' ଚଞ୍ଚଳ ଆଙ୍ଗୁଳିରେ
ଫୁର୍ ଫୁର୍ କେଶ ମୋର
ଆଣଇ ସାଉଁଳି ?
ଆଉ ତାଗିଦ୍ ଗଳାରେ କହେ,
ଏଇ ଶୁଣ, ଶୁଣ କବି ! ଦେଖ
ନିଆଁ ଧୂଆଁ ବିଷାକ୍ତ ଗୋଳାବରୁଦ
ଓ ମିସାଇଲ୍ ମାଡ଼ରେ ଆଜି
କଂପିତ ସାରା ଆକାଶର ଛାତି,
ଲୁହ ରକ୍ତ ମହାମାରୀ
ଅନାହାର ଭଳି ବିପର୍ଯ୍ୟୟରେ
କାଂଦିଉଠେ ଧର୍ଷିତା ଏ ମା' ଆଉ ମାଟି !
ଏକ କରୁଣ ଗୀତର ଧୂନ୍ ଶୁଣି ପାରୁଚ କି ?
ହଁ, ଶୁଣ ! କେହି ଯଦି
ଡ଼ାଳରେ ଡ଼ାଳରେ ଯାଏ,
ତମେ ଯାଅ ପତ୍ରରେ ପତ୍ରରେ
ଆଉ ଶିରାପ୍ରଶିରାରେ !
ନିଃଶ୍ୱାସପ୍ରଶ୍ୱାସ ପରି ଆତ୍ମବିଶ୍ୱାସରେ ଗଢ଼
ଅସହାୟ ମଣିଷର ବାଞ୍ଛିତ ପୃଥିବୀ !
ଏବେ ଜାଣିଲ ତ, ମୁଁ କିଏ ଓ କାହିଁକି ?
ମୁଁ ଖରା, ମୁଁ ଛାଇ, ମୁଁ ଇଁ ସେ ସଞ୍ଜୁ ଦିଦି !
ମୁଁ ବି ଏ ଚଳମାନ ସମୟର ଟିକ୍ ଟିକ୍ ଘଡ଼ି;
ଯିଏ ଦିନେ ହେଇପାରେ,
ତମ କବିତାର ସବାଶେଷ ସ୍ମରଣୀୟ ଧାଡ଼ି ! !

*ସା/ପୋ:ପଦ୍ମାବତୀ, ଜି:ନୟାଗଡ଼-୬୩*
*ଫୋନ୍:୮୨୪୯୬୯୨୮୯୪*

## ପ୍ରେମ ନଅର

### ପ୍ରଣତି ତ୍ରିପାଠୀ ଦାଶ



ବୟସର ରାଜ ଉଆସରେ
ଇଛା ମାନେ ଯେବେ
ରତ୍ନ ପଲଙ୍କରେ ଋତୁ ମାନଙ୍କୁ ବିଛେଇ
ଅଳସ ଭାଙ୍ଗନ୍ତି
ହଳଦୀ ବସନ୍ତ ମାନେ
ଷୋରିଷ ଫୁଲର କ୍ଷେତ ଉଜାଡି
ବସନ୍ତକୁ ଖତେଇ ହୁଅନ୍ତି।
ଗବାକ୍ଷର ତିର୍ଯ୍ୟେକ ଫାଙ୍କରେ
ଜହ୍ନ ଝାଳଉ ଥାଏ ନରମ ଉତ୍ତେଜନାରେ
ରାଜ କୁମାରୀର ଅଙ୍ଗ ସୌଷ୍ଠବର ସନ୍ଧିରେ
କୋଉ ଅଜଣା ରାଜ କୁମାରର
ତୃଷାର୍ଥ ଆଖି ଦି' ଟା ଝୁଲୁ ଥିବାର ଦେଖି।
ଦାସୀ ମାନଙ୍କ ମୁହଁରେ
ରାଜାଙ୍କ ଓଠର ଅଧା ଭାଷା
ଯେ ...ଗଡଜାତ୍ ରାଜ୍ୟର
ରାଜ କୁମାରଙ୍କ ସହିତ ରାଜ କୁମାରୀଙ୍କ
ଶୁଭ ପରିଣୟ ହବ।
ଗୋଲାପ କଣ୍ଟାଟା
ଟପ୍ କିନା ଫୁଟିଯାଏ
ରାଜ କୁମାରୀଙ୍କ ଛାତିରେ
ଆଖିରୁ ଝରିଯାଏ ଅଳତା ରଙ୍ଗର ଲୁହ
ହୃଦୟ ଭାସେ କୋହ'ର ଭଉଁରୀରେ
ସମୟ ଯେମିତି ଝୁଣ୍ଟି ପଡିଚି ମୁହଁ ମାଡି
ଏମିତି ଏକ ଅପ୍ରତ୍ୟାଶିତ ଖବରରେ।
ରାଜାଙ୍କ ଇଛାର ଧାରରେ
ବଳି ପଡିଯାଏ
ରାଜ କୁମାରୀଙ୍କ ଅନ୍ତଃସତ୍ତ୍ୱ। ପ୍ରେମ
ବିବେକ୍ ର ବରଗଛରେ ଝୁଲି ପଡେ
ବୟସ୍କା ଦାସୀର ଏକ ମାତ୍ର ପୁଅ
ଏ ଖବରେ ରାଜ କୁମାରୀଙ୍କ
ଦେହ ମନର କୁଆଁରୀପଣଟା
ହୃଦୟର ବାଡି କୂଅ ମୂଳେ
କେଇ ଗରା ପାଣି ଢ଼ାଳି ହେଇ
ସଫା ସିଚ୍ଛିଟାରୁ ଅନୁଭବର
ସିନ୍ଦୂରକୁ ଧୋଇଦିଏ
ଆତ୍ମା ହେଇଯାଏ ବିଧବା
ଆବେଗର ଶଙ୍ଖା ଭାଙ୍ଗି ଯାଏ।

ତା' ପରେ
ଗଡଜାତ୍ ରାଜ କୁମାରର
ଟିପି ଟିପି ଚନ୍ଦନର ରୋଷଣୀ
ହୋମ ନିଆଁ ରୁ ଦୀପ ନିଆଁର
ମିଠା ଶିଠା କାହାଣୀ
ହେଲେ ରାଜକୁମାର'ର ମନ ବୈଧବ୍ୟର
ଅସରନ୍ତି ଜାମିନୀ।
ଦିନ କେଇଟା ଅତିକ୍ରାନ୍ତେ
ରାଜ୍ କୁମାରଙ୍କ ଦେହ ମନରୁ
ଧୋଇଯାଏ ବିଧବାର
ଦେହ ସିନ୍ଦୂରୀ ସୁଖର ରଙ୍ଗ।
ଗୋଟେ ଛାତିର ଗୋଟେ ପଟେ
ପ୍ରେମର ବିଭୋର ବିରହ
ଆର ପଟେ ରାଜ କୁମାରଙ୍କ
ବାସରାତି ବିଷ ଜଅ...ଜଅ
ସାଇତା ଭ୍ରୁଣର କଅଁଳ କାୟା
ସମୟ କ୍ରମେ ଡାକେ ଡାକେ କୁଆଁ କୁଆଁ।
ଦୀର୍ଘ ସମୟର ଲମ୍ବା ବ୍ୟବଧାନ
ପଳାସ ଫୁଲରେ ଖୁବ୍ ଲାଲ୍
ଆତ୍ମହତ୍ୟା କରିଥିବା ପ୍ରେମିକର ମନ।
ଯିଏ ବୁଲୁଥାଏ ଜହ୍ନକୁ ମାତ ଦେଇ
ଯାଯାବର ସାଜି ଏ ନଅର ରୁ ସେ ନଅର।
ଜହ୍ନ ଉଇଁଲେ ସେ ବନିଯାଏ
ଦଗ୍ଧ ଚକୋର
କୋଟିଏ ଜନ୍ମର ଅପେକ୍ଷା ଆଖିରେ ତା'ର
ମଝିରେ ଝୁଲୁଚି ରାଜ କୁମାରୀର
କଳଙ୍କି ଲଗା ଯୌବନର ପାହାନ୍ତି ପହର
ସେଇ ନୀରବତା ମାନେ କରୁଥାନ୍ତି ଚିତ୍କାର
ଯାହା ଭିତରୁ ପ୍ରତିଧ୍ୱନିତ ହଉଥାଏ।
ଜୀବନ ବନ୍ଦିନୀ ନୁହେଁ
ଯୌବନ ନୁହେଁ ଋତୁର କାହାଣୀ
ହୃଦୟ ସଦା ବସନ୍ତ
ବୟସରୁ ଆୟୁଷ ଲାଗେ ଇନ୍ଦ୍ରଧନୁ
ଯଦି ଇଛାରେ ନାହିଁ
ଆସକ୍ତି କି ଆବିଳତା ପୁଣି।

*ଗୋଠପାଟଣା, ଭୁବନେଶ୍ୱର*



# ଯୁବଗୋଷ୍ଠୀଙ୍କ ପାଇଁ ପ୍ରେରଣା ସୋନାଲି ଗଡ଼ନାୟକ



**ଅନୁଗୁଳ :** ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଗିରାଙ୍ଗ ନାମକ ଏକ ଛୋଟ ଗ୍ରାମରେ ଜନ୍ମ, ବାପା ସନ୍ତୋଷ ଗଡ଼ନାୟକ ଏବଂ ମା ବାସନ୍ତୀ ଗଡ଼ନାୟକ ଏକ ମାତ୍ର କନ୍ୟା ସନ୍ତାନ। ବର୍ତ୍ତମାନ ସେ ଗୋପାଳ ପ୍ରସାଦ ନିବାସୀ ରାଜେନ୍ଦ୍ର ସିଂହଙ୍କ ପୁତ୍ର ବଧୂ। ଛୋଟ ବେଳୁ ସୋନାଲି ଜଣେ ମେଧାବୀ ଛାତ୍ରୀ ଥିବା ବେଳେ ବର୍ତ୍ତମାନ ସେ ଗଣିତରେ ଏମ୍. ଏ. ସି ସରାଙ୍ଗ ସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ମହାବିଦ୍ୟାଳୟ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗଣିତ ସହ ସାହିତ୍ୟ କ୍ଷେତ୍ରରେ ମଧ୍ୟ ପାରଦର୍ଶିତା ହାସଲ କରିଛନ୍ତି, ସେ ଜଣେ ଉତ୍ତମ ଲେଖିକା ଭାବରେ ଆଜି ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ସଦାସର୍ବଦା ସେ ସାହିତ୍ୟ ପ୍ରତି ସମର୍ପିତ, ଅନୁଗୁଳ ସ୍ଥିତ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକତା କଲା ବେଳେ ସେ ତାଙ୍କରି ରକ୍ତରେ ଅନୁଭବ କରିଥିଲେ ସାହିତ୍ୟର ବାସ୍ନା, ଆଉ ସେହି ସମୟରେ ତାଙ୍କରି ଲେଖନୀରୁ ନିସୃତ ହୋଇଥିଲା ନୂଆବୋହୂ, ଅନେକ ସମୀକ୍ଷା ପରେ ସେ ପୁସ୍ତକର ରୂପ ନେବା ସହ ଜନାଦୃତ ହୋଇଥିଲା ଏବଂ ସେଥିନିମନ୍ତେ ସେ ପ୍ରୀତିର ପ୍ରୟାସ ତରଫରୁ ଭାଗିରଥ ଯୁବ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଏହାପରେ ସାହିତ୍ୟର ଯାତ୍ରାକୁ ଆହୁରି ଦୃଢ଼ିଭୂତ ନିମନ୍ତେ ସେ ପ୍ରତିଲିପି ଏବଂ ଷ୍ଟୋରୀ ମୀରର ଭଳି ଆପରେ ନିଜ ଲେଖା ପ୍ରକାଶ କରିଥିଲେ। ତାପରେ ଧାଡିକୁ ଧାଡି "ହୃଦୟେ ମୋ ଜଗନ୍ନାଥ" (କ୍ଷୁଦ୍ର ଗଳ୍ପ ସଂକଳିକା), "ଉପାସନା" (ଏକ ଉପନ୍ୟାସ)ର ପୁସ୍ତକ ପ୍ରକାଶନ ହୋଇଥିଲା। ତାପରେ ନାରୀ ଜନ୍ମର ଦ୍ୱିତୀୟ ପାହାଚ ମାନେ ଶାଶୁ ଘରେ ପାଦ ଦେବା ପରେ "ତୁମ ଅପେକ୍ଷାରେ" (ପ୍ରେମ ଉପନ୍ୟାସ) ଜନ୍ମ ହୋଇଥିଲା ଏବଂ ପୁସ୍ତକ ପ୍ରକାଶିତ ହୋଇଥିଲା। ଧୀରେ ଧୀରେ ଏ ଯାତ୍ରା ଆଗକୁ ବଢିବା ସହ ହିନ୍ଦୁସ୍ତାନ ରାଇଟର ଆୱାର୍ଡ, ଫମେ ଇନ ଫମେ ଆୱାର୍ଡ, ଆୱାହନ ଇ-ପତ୍ରିକା ଆୱାର୍ଡ, ନବଭାରତ ରାଷ୍ଟ୍ରୀୟ ଜ୍ଞାନପୀଠ ଆୱାର୍ଡ, ଏମ୍‌ଟିଟିଭି ଆୱାର୍ଡର ହକଦାର ହୋଇପାରିଛନ୍ତି। ସବୁଠୁ ବଡ଼ କଥା ହେଲା ସେ ନୂଆ ବୋହୂ ଏବଂ ହୃଦୟେ ମୋ ଜଗନ୍ନାଥ ନିମନ୍ତେ ଇଣ୍ଡିଆ ବୁକ ଅଫ ରେକର୍ଡରେ ମଧ୍ୟ ସ୍ଥାନ ପାଇଥିଲେ। ନିଜ ଲେଖା ପାଇଁ ମଧ୍ୟ ସେ ଷ୍ଟୋରୀ ମୀରର ତରଫରୁ ଅଥର ଅଫ୍ ଦ ୱିକ୍ ଏବଂ ଲିଟେରାରି କୋଲାରି, ପେନ -ଇନ -ବୁକ ତରଫରୁ ଯୁବ ଲେଖକ ପୁରସ୍କାର ଓ ଦିଲ୍ଲୀର ୱେଲଫ୍ୟାରେ ତରଫରୁ ଓଡ଼ିଆ ଶ୍ରେଷ୍ଠ ଯୁବ ଲେଖିକା ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ବର୍ତ୍ତମାନ ଏକ ପତ୍ରିକା ସୌଦାମିନୀ ଓଡ଼ିଆ ହୃଦୟର ପ୍ରତିଷ୍ଠାତ୍ରୀ, ଯାହା ଦ୍ୱାରା ଲୁଚି ରହିଥିବା ସମସ୍ତ ଲେଖକ ଓ ଲେଖିକାଙ୍କୁ ତାଙ୍କ ଲେଖା ନିମନ୍ତେ ଆହ୍ୱାନ କରୁଛନ୍ତି। ତାଙ୍କ କହିବା ଅନୁଯାୟୀ ପ୍ରତିଷ୍ଠିତ ପତ୍ରିକା ମାନେ କେବଳ ଭଲ ଲେଖା ସ୍ଥାନ ଦିଅନ୍ତି କିନ୍ତୁ ସେ ତାଙ୍କ ପତ୍ରିକାରେ ସମସ୍ତ ଲେଖା ଗ୍ରହଣ କରୁଛନ୍ତି ଯାହା ଫଳରେ ଆହୁରି ଓଡ଼ିଆ ଭାଷାକୁ ନେଇ ଯୁବ ଗୋଷ୍ଠୀଙ୍କ ଆଗ୍ରହ ବଢିବ ଓ ଓଡ଼ିଆ ଭାଷା ଲୋକାଦୃତ ହେବ। ସତରେ ତାଙ୍କ ଏ ମହତ୍ୱ କର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ।

# ମରଣଯନ୍ତା ପାଲଟିଛି ଖୁଟୁବାଇ-ମାଲେକୋଟ ରାସ୍ତା



**ନବରଙ୍ଗପୁର :** ରାଜ୍ୟ ସରକାର ଯୋଜନା ଉପରେ ଯୋଜନା କରୁଛନ୍ତି , କେଉଁଠି ପିଇବା ପାଣି ପାଇଁ ତ କେଉଁଠି ରାସ୍ତା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି , କିନ୍ତୁ ଏମିତି କିଛି ଗ୍ରାମ ରହିଛି କି ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହେଉନାହିଁ, ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ଖୁଟୁବାଇ ପଞ୍ଚାୟତରେ। ଗତ ୩୦ ବର୍ଷରୁ ଅଧିକ ସମୟ ପୂର୍ବେ ଖୁଟୁବାଇ ଗ୍ରାମ ଠାରୁ ମଲେକୋଟ ପର୍ଯ୍ୟନ୍ତ ପ୍ରାୟ ୭କିଲୋମିଟର ରାସ୍ତା କୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇ ରାସ୍ତା ନିର୍ମାଣ କରାଯାଇଥିଲା। ସେହଦିନଠାରୁ ଏହି ରାସ୍ତା ଉପରେ ଖୁଟୁବାଇ, ଦାମାପାଲା, ସାନ ଦାମାପାଲା, ଶିରାଗୁଡ଼ା, ଜଲକୋଟଗୁଡା,ଫୁଲପଦର ସହ ଡଙ୍ଗରା ପଞ୍ଚାୟତ ର ପାଖାପାଖି ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି । ସ୍କୁଲ, କଲେଜ, ଗର୍ଭବତୀ ମହିଳା, ରୋଗୀ ତଥା ସାଧାରଣ ଜନତା ପ୍ରତିଦିନ ଏହି ରାସ୍ତା ଦେଇ ବ୍ଲକ ସଦମହକୁମା କିମ୍ବା ଜିଲ୍ଲା ସଦମହକୁମା କୁ ଯିବା ଆସିବା କରିଥାନ୍ତି । କିନ୍ତୁ ଗତ ୧୫ ବର୍ଷରୁ ଉର୍ଦ୍ଧ ସମୟ ହେଲା ଉକ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି, ସ୍ଥାନେ ସ୍ଥାନେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇ ବର୍ତ୍ତମାନ ଏହି ୭ କିଲୋମିଟର ରାସ୍ତା ମରଣ ଯନ୍ତା ପାଲଟିଛି। ଏହି ରାସ୍ତାର ଅବସ୍ଥା ଏମିତି ହେଉଛି କି ଚାଲି ଯିବା ମୁସ୍କିଲ ହୋଇପଡିଛି । ଅନେକ ସମୟରେ ଏହି ରାସ୍ତାରେ ଛୋଟ ବଡ ଦୁର୍ଘଟଣା ଘଟିଥିବା ନଜର ମଧ୍ୟ ରହିଛି। ଏହି ରାସ୍ତା ଦେଇ ଆମ୍ବୁଲାନ୍ସ ଆସିବା ମୁସ୍କିଲ ହେଇପଡିଛି । ଅଞ୍ଚଳ ର କୌଣସି ରୋଗୀ ଡାକ୍ତରଖାନା ଯିବାକୁ ହେଲେ କିଛି ଦୂର ଚାଲିବାକୁ ପଡ଼ିଥାଏ ବୋଲି କହିଛନ୍ତି ଅଞ୍ଚଳବାସୀ । ଏନେଇ ଅଞ୍ଚଳବାସୀ ବାରମ୍ବାର ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ, ସ୍ଥାନୀୟ ବିଧାୟକ, ସାଂସଦ, ସରପଞ୍ଚ ଙ୍କୁ ରାସ୍ତା ମରାମତି ପାଇଁ ଗୁହାରି କରିଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ ବୋଲି କହିଛନ୍ତି ଅଞ୍ଚଳବାସୀ । କିଛି ଦିନ ତଳେ ଉକ୍ତ ରାସ୍ତାର କିଛି ଦୂର ମାଟି ଢାଳି ଦେଇଥିବା ଦେଖିବାକୁ ମିଳିଛି , ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି କି ଗାଁ ଗାଁରେ ମାଟି ରାସ୍ତା ଗୁଡ଼ିକୁ ସରକାର ପିଚୁ ରାସ୍ତାରେ ପରିଣତ କରୁଥିବା ବେଳେ ଆମ ରାସ୍ତା ପୂର୍ବରୁ ପିଚୁ ରାସ୍ତା ଥିଲା, କିନ୍ତୁ ବର୍ତ୍ତମାନ ଏହି ରାସ୍ତା ମାଟି ରାସ୍ତା ହେଇଗଲା କେମିତି.... ? ଆଗକୁ ସାଧାରଣ ନିର୍ବାଚନ , ପୁଣି ନେତା ମନ୍ତ୍ରୀ ଗାଁ ମୁହାଁ ହେବେ , ପୁଣି ଲୋକଙ୍କୁ ପ୍ରତିଶ୍ରୁତି ଦିଅନ୍ତି , ଏପରି ନିର୍ବାଚନ ପରେ ନିର୍ବାଚନ ହେଇଚାଲେ କିନ୍ତୁ ଲୋକଙ୍କ ସମସ୍ୟା କେହି ହେଲେ ଦୂର କରନ୍ତି ନାହିଁ । ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଏହି ସବୁ ସମସ୍ୟା ରହିଥିଲେ ମଧ୍ୟ କେହି ହେଲେ ସମସ୍ୟା ଦୂର କରିବାକୁ ଉଦ୍ୟମ କରୁନଥିବାରୁ ସାଧାରଣ ଜନତା ବହୁତ ହଇରାଣ ହେଉଛନ୍ତି । ଯଦି ଯଥା ଶୀଘ୍ର ଏହି ୭ କିମି ରାସ୍ତା ମରାମତି କରାନଯାଏ ତେବେ ଆଗାମୀ ନିର୍ବାଚନରେ କୌଣସି ନେତା ମନ୍ତ୍ରୀଙ୍କୁ ଗ୍ରାମ ଗୁଡିକରେ ପଶିବାକୁ ଦେବୁନାହିଁ , ଦରକାର ପଡିଲେ ଅଞ୍ଚଳବାସୀ ସାଧାରଣ ନିର୍ବାଚନ ବର୍ଜନ କରିବୁ ବୋଲି ଚେତାବନୀ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଘୃଣାର ବଜାର ...

ଏମାନଙ୍କ ଭୋଟ ୭୮ଟି ଆସନର ଫଳାଫଳକୁ ପ୍ରଭାବିତ କରିଥାଏ। ୭୮ଟି ଆସନରୁ କଂଗ୍ରେସ ୫୪ଟିରେ ଜିତିଥିବା ବେଳେ ବିଜେପି କେବଳ ୧୯ଟି ଆସନ ହାତେଇବାକୁ ସକ୍ଷମ ହୋଇଛି। ୨୦୧୮ ତୁଳନାରେ ଏଠାକାର ୭୮ଟି ଆସନରୁ ବିଜେପି ୨୮ଟି ହରାଇଥିବା ବେଳେ କଂଗ୍ରେସ ୨୧ଟି ଆସନ ଅଧିକ ପାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗଦୀଶ ଶେଟ୍ଟାର କଂଗ୍ରେସରେ ମିଶିବା ଦଳକୁ ସିଧାସଳଖ ପାଇଦା ଦେଇନି ସତ, ହେଲେ କିଛି ମାତ୍ରାରେ ଲିଙ୍ଗାୟତ ଦଳ ପାଖକୁ ଆସିଛି। ଜଗଦୀଶ ଶେଟ୍ଟାର ବିଜେପିର ମହେଶ ତେଙ୍ଗିନାକାଇଙ୍କ ନିକଟରୁ ପ୍ରାୟ ୩୦ ହଜାର ଭୋଟରେ ପରାସ୍ତ ହୋଇଛନ୍ତି। ଜଗଦୀଶ ଶେଟ୍ଟାର ବିଜେପିରେ ଥିଲେ। କିନ୍ତୁ ଦଳ ଏଥର ତାଙ୍କୁ ଟିକେଟ ଦେଲା ନାହିଁ। ତେଣୁ ସେ ବିଜେପି ଛାଡ଼ି କଂଗ୍ରେସରେ ଯୋଗ ଦେଲେ। କଂଗ୍ରେସ ତାଙ୍କୁ ହୁବଲୀ-ଧରୱାଡ ସେଣ୍ଟ୍ରାଲ ଆସନରୁ ପ୍ରାର୍ଥୀ କରିଥିଲା। ସେ ଜଣେ ଲିଙ୍ଗାୟତ ନେତା ଭାବେ ପରିଚିତ। ଅନ୍ୟପକ୍ଷରେ କର୍ଣ୍ଣାଟକାରେ ରାହୁଲ ଗାନ୍ଧି କରିଥିବା ଭାରତ ଯୋଡ଼ୋ ଯାତ୍ରାରୁ ଅନେକ ଫାଇଦା ହାସଲ ସ୍ପଷ୍ଟ ଭାବେ ଅନୁମେୟ ହୋଇଛି। ଭାରତ ଯୋଡ଼ୋ ଯାତ୍ରା ପୂର୍ବରୁ ବିଭିନ୍ନ ସଂସ୍ଥା କରିଥିବା ସର୍ଭେରେ କଂଗ୍ରେସ କ୍ଷମତାକୁ ଫେରିବା ସହଜ ନୁହେଁ ବୋଲି କହିଥିଲେ। ହେଲେ ଭାରତ ଯୋଡ଼ୋ ଯାତ୍ରା ପରେ କଂଗ୍ରେସର ଲୋକପ୍ରିୟତା ବଢ଼ିଥିବା ସେହିସବୁ ସର୍ଭେ ସଂସ୍ଥା କହିଥିଲେ।

କଂଗ୍ରେସ ବେକାରୀ, ମାଗଣା ଯୋଜନା ଓ ଦୁର୍ନୀତି କଥା ଉଠାଇଥିଲା। ୪୦% କମିସିନ ସରକାର କଥା କହି ବିଜେପିକୁ ଘନଘନ ଆକ୍ରମଣ କରିଥିଲା। ଏହାର ଫାଇଦା ଦଳକୁ ମିଳିଥିବା କୁହାଯାଉଛି। ବିଜୟ ପରେ ରାହୁଲ ଗାନ୍ଧି କହିଛନ୍ତି ଯେ କର୍ଣ୍ଣାଟକରେ ଘୃଣାର ବଜାର ବନ୍ଦ ହୋଇଛି। ପ୍ରେମର ଦୋକାନ ଖୋଲିଛି। ଏହା ସମସ୍ତଙ୍କର ବିଜୟ। ପ୍ରଥମେ ଏହା କର୍ଣ୍ଣାଟକର ଲୋକଙ୍କ ବିଜୟ। ନିର୍ବାଚନ ବେଳେ ମୁଁ ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଦେଇଥିବା ୫ଟି ପ୍ରତିଶ୍ରୁତି ଦେଇଥିଲୁ। ସେହି ୫ ପ୍ରତିଶ୍ରୁତିକୁ ଆମେ ପ୍ରଥମ କ୍ୟାବିନେଟରେ ଅନୁମୋଦନ ଦେବୁ। କର୍ଣ୍ଣାଟକବାସୀଙ୍କୁ ଧନ୍ୟବାଦ। ଜୟ ହିନ୍ଦ। କଂଗ୍ରେସ ଗୃହ ଜ୍ୟୋତି ଯୋଜନାରେ ସମସ୍ତଙ୍କୁ ୨୦୦ ୟୁନିଟ ଯାଏ ମାଗଣା ବିଜୁଳି, ଗୃହ ଲକ୍ଷ୍ମୀ ଯୋଜନାରେ ପ୍ରତି ପରିବାରର ମହିଳା ମୁଖ୍ୟଙ୍କୁ ମାସିକ ୨ ହଜାର ଟଙ୍କାର ଭତ୍ତା, ଅନ୍ନ ଭାଗ୍ୟ ଯୋଜନାରେ ପ୍ରତି ବିପିଏଲ ପରିବାରର ସଦସ୍ୟଙ୍କୁ ୧୦ କେଜି ଲେଖାଏ ଚାଉଳ, ୧୮ରୁ ୨୫ ବର୍ଷ ବୟସ ମଧ୍ୟରେ ଥିବା ଗ୍ରାଜୁଏଟ ମାନଙ୍କୁ ମାସିକ ୩ ହଜାର ଓ ଡିପ୍ଲୋମାଧାରୀଙ୍କୁ ମାସିକ ୧୫ଶହ ଟଙ୍କାର ଭତ୍ତା ଏବଂ ମହିଳାମାନଙ୍କୁ ସକ୍ଷୀ ଯୋଜନାରେ ମାଗଣା ବସ୍ ଯାତ୍ରାର ସୁବିଧା ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଏକଜିଟ୍ ପୋଲ ପରେ କୁହାଯାଉଥିଲା ଯେ ରାଜ୍ୟରେ କୌଣସି ଦଳକୁ ସରକାର ଗଠନ ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ୧୧୩ ମିଳିବ ନାହିଁ। ତେଣୁ ଜେଡିଏସ ୨୦୧୮ ଭଳି ଏଥର ମଧ୍ୟ କିଙ୍ଗ ମେକର ସାଜିବ। ହେଲେ କଂଗ୍ରେସର ବିପୁଳ ବିଜୟ ଜେଡିଏସ କ୍ୟାମ୍ପରେ ମଧ୍ୟ ନିରାଶା ଭାବ ଖେଳାଇ ଦେଇଛି।

### ମା'ମାନଙ୍କୁ ଅସମ୍ମାନ ...

ତରୁଣ ପାଣ୍ଡେ ଅମାନତ ହରାଇଛନ୍ତି। ବିଜୁ ଜନତା ଦଳ ପ୍ରାର୍ଥୀ ଦୀପାଳିଙ୍କୁ ମୋଟ ୬୦.୯୩% (୧,୦୭,୧୯୮) ଭୋଟ ମିଳିଥିବା ବେଳେ ବିଜେପିର ଟଙ୍କଧରଙ୍କୁ ୩୩.୨୪% (୫୮,୪୭୭) ଭୋଟ ମିଳିଛି। କଂଗ୍ରେସକୁ ମାତ୍ର ୨.୫୬% (୪୪୯୬) ଭୋଟ ମିଳିଛି ଏବଂ ୧.୧୮% (୨୦୭୪) ଭୋଟର ନୋଟାରେ ନିଜ ମତ ସାବ୍ୟସ୍ତ କରିଛନ୍ତି। ଝାରସୁଗୁଡାରେ ବିଜୟ ପରେ ଶଙ୍ଖ ଭବନରେ ବିଜୟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ବିଜୟ ଉତ୍ସବରେ ବିରୋଧୀଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସ୍ୱର ଯେତିକି ଶାଣିତ ଥିଲା ଶବ୍ଦ ସେତିକି ତଗଡ଼ା ବି ଥିଲା। ନିଜ ଭିତରେ ଥିବା ଅସନ୍ତୋଷକୁ ଖୋଲାଖୋଲି ଜାହିର କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିରୋଧୀଙ୍କ ଉପରେ ସିଧା ହମଲା କରି କହିଲେ- ବିଜେଡି ମା'ମାନଙ୍କୁ ହାଣ୍ଡିଶାଳରୁ ବାହାରକୁ ଆଣି ସଶକ୍ତ କରିଛି। ବିରୋଧୀ କିନ୍ତୁ ମା' ଭଉଣୀ ମାନଙ୍କୁ ଗାଳିଗୁଲଜ କରୁଛନ୍ତି। ଅସମ୍ମାନ କରୁଛନ୍ତି। ପଦ୍ମପୁର ଉପନିର୍ବାଚନ ବେଳେ ବିରୋଧୀ ନକରାତ୍ମକ ରାଜନୀତିର ଫର୍ମୁଲା ଆପଣାଇ ଗୋଟିଏ ଝିଅକୁ ଯେମିତି ଗାଳି କରୁଥିଲେ ଝାରସୁଗୁଡାରେ ସମାନ ଆଚରଣ ପ୍ରଦର୍ଶନ କରିଥିଲେ। ଲୋକ ଏହାର ଜବାବ ଦେଲେ, ମା'ମାନଙ୍କୁ ଅସମ୍ମାନକୁ ଓଡିଶାବାସୀ କେବେ ହେଲେ ବରଦାସ୍ତ କରିନାହାଁନ୍ତି କି କରିବେ ନାହିଁ। ନବୀନ ପୂରା ଆକ୍ରମଣ ମୁଦ୍ରାରେ ବିରୋଧୀଙ୍କୁ ଶକ୍ତ ପ୍ରହାର କରି କହିଲେ- ବିକାଶ ଡବଲ ଇଞ୍ଜିନ କି ସିଙ୍ଗଲ ଇଞ୍ଜିନ ବୁଝେ ନାହିଁ। ସୁଶାସନ ଓ ଇଚ୍ଛାଶକ୍ତି ଯେଉଁଠି ବିକାଶ ହିଁ ସେଇଠି। ଝାରସୁଗୁଡା ଉପନିର୍ବାଚନ ବିଜୟ ବିଜେଡିର ବିଜୟ ନୁହେଁ ଏହା ଝାରସୁଗୁଡାବାସୀଙ୍କର ଓ ମହିଳା ସଶକ୍ତିକରଣର ବିଜୟ। ମୁଁ କଥା ଦେଉଛି, ଝାରସୁଗୁଡ଼ା ଅଞ୍ଚଳର ଉନ୍ନତି ପାଇଁ ବିଜୁ ଜନତା ଦଳ ତାର ଉଦ୍ୟମକୁ ଆହୁରି ଜୋରଦାର କରିବ। ଝାରସୁଗୁଡ଼ା ପାଇଁ ନବ ବାବୁ ଆରମ୍ଭ କରିଥିବା ବିକାଶର ଧାରାକୁ ଆହୁରି ଆଗକୁ ନିଆଯିବ। ଏହି ଅବସରରେ ସେ କର୍ମକର୍ତ୍ତାଙ୍କୁ ସମ୍ବୋଧନ କରି ଆହୁରି ମଧ୍ୟ କହିଛନ୍ତି, ମୁଁ ଝାରସୁଗୁଡାବାସୀଙ୍କ ନିକଟରେ ଋଣୀ। ଏ ବିଜୟ ଝାରସୁଗୁଡାବାସୀଙ୍କର, ମହିଳା ସଶକ୍ତିକରଣର ବିଜୟ। ନବ ଦାସଙ୍କ ବିକାଶ କାର୍ଯ୍ୟକୁ ଆହୁରି ଆଗକୁ ନିଆଯିବ। ଓଡ଼ିଶାର ଲୋକମାନଙ୍କ ପାଖରେ ବିଜେଡି ସବୁବେଳେ ଠିଆ ହୋଇଛି। ମହିଳାଙ୍କ ପାଇଁ କାର୍ଯ୍ୟ କରୁଛି ବିଜେଡି। ସେମାନଙ୍କୁ ହାଣ୍ଡିଶାଳର ଚାରିକାନ୍ଥ ମଧ୍ୟରୁ ବାହାରକୁ ଆଣିବା ସହ ମିଶନ ଶକ୍ତି ସେମାନଙ୍କୁ ସଶକ୍ତ କରିଛି। ହେଲେ ବିରୋଧୀ ଦଳ ସବୁବେଳେ ମା' ମାନଙ୍କ ସଶକ୍ତୀକରଣକୁ ବିରୋଧ କରିଆସୁଛି। ବିରୋଧୀ ଦଳଙ୍କ ଏଭଳି ବ୍ୟବହାରକୁ ଓଡିଶାବାସୀ ସବୁବେଳେ ନାପସନ୍ଦ କରି ଆସିଛନ୍ତି। ଆମର ଝିଅ ମାନେ ଆମର ଗର୍ବ। ଏମିତି ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଲେ, ବିଜୁ ଜନତା ଦଳ ସବୁବେଳେ ସମାଜର ବିଭିନ୍ନ କ୍ଷେତ୍ରରେ ମା' ମାନଙ୍କ ଯୋଗଦାନକୁ ଉତ୍ସାହିତ କରିଆସିଛି। ସେମାନଙ୍କ ଅଧିକାର ପାଇଁ ଦୃଢ଼ ଭାବରେ ସେମାନଙ୍କ କଥା କହିବା ପାଇଁ ମିଶନ ଶକ୍ତି ଭଳି ପ୍ଲାଟଫର୍ମ ଯୋଗାଇ ଦେଇଛି। ମା' ମାନଙ୍କର ସଶକ୍ତିକରଣରେ ବିଜେଡି ବିଶ୍ୱାସ କରେ। ବିଡ଼ମ୍ବନା ବିରୋଧୀ ଦଳ ସବୁବେଳେ ମା' ମାନଙ୍କ ସଶକ୍ତୀକରଣକୁ ବିରୋଧ କରି ଆସୁଛି। ଏହା ଏକ ବିପଦଜନକ ସଙ୍କେତ। ଓଡିଶାବାସୀ ଏଭଳି ବ୍ୟବହାରକୁ ସବୁବେଳେ ନାପସନ୍ଦ କରି ଆସିଛନ୍ତି ଏବଂ ପ୍ରତ୍ୟାଖ୍ୟାନ କରିଛନ୍ତି। ପଦ୍ମପୁର ହେଉ ବା ଝାରସୁଗୁଡ଼ା। ସବୁଠି ବିରୋଧୀ ବାପାଙ୍କୁ ହରେଇଥିବା ଝିଅ ମାନଙ୍କୁ ଗାଳି କରିଛନ୍ତି। ପ୍ରତ୍ୟେକ ଉପ ନିର୍ବାଚନରେ ସେମାନେ ମିଶନ ଶକ୍ତିର ନେତ୍ରୀ ତଥା ତୃଣମୂଳସ୍ତରରେ କାମ କରୁଥିବା ମାଆ ମାନଙ୍କୁ ସବୁବେଳେ ସମାଲୋଚନା କରି ଆସୁଛନ୍ତି। କିନ୍ତୁ ଓଡ଼ିଶାବାସୀ କେବେବି ମା' ମାନଙ୍କ ପ୍ରତି ଏଭଳି ଅସମ୍ମାନକୁ ବରଦାସ୍ତ କରିନାହାନ୍ତି। ଏହି ଅବସରରେ ନବୀନ ଦଳୀୟ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇ କହିଲେ, ଆସନ୍ତୁ ଆମେ ସମସ୍ତେ ମିଳିମିଶି ଓଡିଶାର ଉନ୍ନତି ପାଇଁ ଆମ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଆମ ସଂସ୍କୃତି ଏବଂ ମା ମାନଙ୍କ ସମ୍ମାନ ଓ ଅଧିକାର ସୁରକ୍ଷା ପାଇଁ କାମ କରିଚାଲିବା। ଶଙ୍ଖ ଭବନରେ ଆୟୋଜିତ ଝାରସୁଗୁଡା ବିଜୟ ଉତ୍ସବରେ ନବୀନଙ୍କ ଉପସ୍ଥିତି ପାଇଁ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କୃତଜ୍ଞତା ଜଣାଇବା ସହ ଝାରସୁଗୁଡାବାସୀ ନକରାତ୍ମକ ରାଜନୀତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି କହିଥିଲେ। ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ଝାରସୁଗୁଡାବାସୀ ଇତିହାସ ସୃଷ୍ଟି କରିଛନ୍ତି। ୨୦୧୯ରେ ସ୍ୱର୍ଗତ ନବ କିଶୋର ଦାସ ଯେତିକି ଭୋଟ୍‌ରେ ନିର୍ବାଚନ ଜିତିଥିଲେ, ଏହି ଉପନିର୍ବାଚନରେ ତାଙ୍କର ଝିଅ ଦୀପାଳି ଅଧିକ ଭୋଟ୍‌ରେ ଜିତିଛନ୍ତି। ନବୀନଙ୍କ ପରାମର୍ଶରେ ଦଳୀୟ କର୍ମୀଙ୍କ କାର୍ଯ୍ୟ ଯୋଗୁଁ ଆମେ ବିଜୟୀ ହୋଇପାରିଛେ। ଏହି ବିଜୟ ସମଗ୍ର ଓଡ଼ିଶାବାସୀଙ୍କର ବିଜୟ। ୨୦୨୪ରେ ଭାରତରେ ରେକର୍ଡ କରିବା ଆମର ସଂକଳ୍ପ। ଝାରସୁଗୁଡ଼ାରେ ଅସତ୍ୟ ଉପରେ ସତ୍ୟର ବିଜୟ ହୋଇଛି। ଦିଲ୍ଲୀର କ୍ଷମତାକୁ ନେଇ ଯେଉଁମାନେ ଗର୍ବ କରୁଛନ୍ତି, ସେମାନଙ୍କୁ ଝାରସୁଗୁଡ଼ାରେ ଜବାବ ମିଳିଛି। ବିଜୁବାବୁଙ୍କ ସ୍ୱପ୍ନକୁ ନବୀନ ପଟ୍ଟନାୟକ ସାକାର କରିଛନ୍ତି। କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବିଜେଡି ସାଂଗଠନିକ ସଂପାଦକ ପ୍ରଣବ ଦାସ କହିଥିଲେ, ଝାରସୁଗୁଡାବାସୀଙ୍କୁ ଧନ୍ୟବାଦ ଜଣାଉଛି। ସେମାନେ ଦୀପାଳି ଦାସଙ୍କୁ ବହୁମତ ଦେଇଛନ୍ତି। ଦଳ ସଭାପତିଙ୍କ ନିକଟରେ ଆମେ କୃତଜ୍ଞ। ସମାରୋହରେ ମନ୍ତ୍ରୀ, ବିଧାୟକ, ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ପାସ୍‌ଧାରୀ ଅଫିସରଙ୍କୁ ...

ଲୋକସେବା ଭବନ ପରିସରରେ ଅନାବଶ୍ୟକ ଗତିବିଧି ସୁରକ୍ଷା ଦାୟିତ୍ୱରେ ଥିବା ସର୍ଭିଲାନ୍ସ ଟିମ୍ ନଜରକୁ ଆସିଛି। ସଚିବାଳୟରେ କାର୍ଯ୍ୟରତ କିଛି ଯୁବ ଅଫିସରମାନେ ଛୁଟିଦିନରେ ଲୋକସେବା ଭବନ ପରିସରକୁ ପ୍ରବେଶ କରି ଏଭଳି ଗତିବିଧିରେ ଲିପ୍ତ ଥିବା ନେଇ ସୁରକ୍ଷା କର୍ମଚାରୀମାନେ ସୂଚନା ଦେଇଛନ୍ତି। ତେଣୁ ଛୁଟିଦିନ ଓ ରବିବାରଗୁଡ଼ିକରେ ସଚିବାଳୟ ପ୍ରବେଶ ପତ୍ର ଗ୍ରହଣୀୟ ହେବନି। ଅଫିସର ଓ କର୍ମଚାରୀମାନେ ନିୟମିତ ପାସ୍ ମାଧ୍ୟମରେ ଛୁଟିଦିନରେ ଲୋକସେବା ଭବନ, ରାଜୀବ ଭବନ ଓ ଖାରବେଳ ଭବନ ଭିତରକୁ ପ୍ରବେଶ କରିପାରିବେ ନାହିଁ। ଯଦି କୌଣସି ଅଫିସର ଛୁଟିଦିନରେ ଏହି ସରକାରୀ ପ୍ରତିଷ୍ଠାନକୁ ଆସିବାର ଆବଶ୍ୟକତା ଥାଏ, ତା'ହେଲେ ସେ ସମ୍ପୃକ୍ତ ବିଭାଗର ସଚିବଙ୍କ ଦସ୍ତଖତ ଥିବା ଅନୁମତି ପତ୍ର ଆଣିବାକୁ ବାଧ୍ୟ। ସଚିବଙ୍କ ଅନୁମତି ପତ୍ର ଥିଲେ ହିଁ ଛୁଟିଦିନରେ ଲୋକସେବା ଭବନ, ରାଜୀବ ଭବନ ଓ ଖାରବେଳ ଭବନକୁ ପ୍ରବେଶ ପାଇଁ ଅନୁମତି ମିଳିବ ବୋଲି ଗୃହ ବିଭାଗ ସ୍ପଷ୍ଟ କରିଛି। ସୂଚନାଯୋଗ୍ୟ, କରୋନା ଆଳରେ ୨୦୨୦ ମାର୍ଚ୍ଚ ମାସ ପରଠୁ ରାଜ୍ୟ ସରକାର ଗଣମାଧ୍ୟମ ପ୍ରତିନିଧିଙ୍କ ଲୋକସେବା ଭବନ ଭିତରକୁ ପ୍ରବେଶ ଉପରେ କଟକଣା ଜାରି କରିଛନ୍ତି।

### ରେରା ଆଦେଶକୁ ...

ଦିଆଯାଇଥିବା କ୍ଷମତାକୁ ରେରା ଠିକ୍ ଭାବେ ବ୍ୟବହାର କରୁ ନ ଥିବା କୋର୍ଟରେ ଅଭିଯୋଗ କରାଯାଇଛି। ଏହା ଘର କ୍ରେତାଙ୍କ ପକ୍ଷରେ ନଯାଇ ଓଲଟା ବିଲ୍ଡରଙ୍କ ପାଇଁ କାରିଗରୀ ସାବ୍ୟସ୍ତ ହେଉଥିବା ପରିଲକ୍ଷିତ ହେଉଛି। ତେଣୁ କ୍ରେତାମାନେ ରେରାକୁ ଯାଇ ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ଆଦେଶ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗକୁ ଖଣ୍ଡନ କରିଛି ଓରେରା। ଏକ ପ୍ରେସ୍ ବିବୃତିରେ ଓରେରା କହିଛି, ୨୦୧୭-୧୮ରୁ ୨୦୨୨-୨୩ ମଧ୍ୟରେ ନିୟମ ଉଲ୍ଲଂଘନ ପାଇଁ ବିଭିନ୍ନ ରିଅଲ୍ ଇଷ୍ଟେଟ୍ ପ୍ରକଳ୍ପକୁ ୨୦ କୋଟି ୨୨ ଲକ୍ଷ ୧୭ ହଜର ୫ ଶହ ଟଙ୍କାର ଜରିମାନା ହୋଇଛି। ସେଥିମଧ୍ୟରୁ ୨୪୦ଟି ରିଅଲ୍ ଇଷ୍ଟେଟ୍ ପ୍ରକଳ୍ପଠାରୁ ପ୍ରାୟ ୧ କୋଟି ୩୮ ଲକ୍ଷ ଟଙ୍କା ଆଦାୟ ହୋଇସାରିଲାଣି। କିନ୍ତୁ ଓରେରା କର୍ତ୍ତୃପକ୍ଷ ଖୁବ୍ କମ୍ ସମୟ ଭିତରେ ଅଭିଯୋଗଗୁଡ଼ିକର ବିଚାର କରି ରାୟ ପ୍ରକାଶ କରୁଛନ୍ତି ବୋଲି କହିଛନ୍ତି ତାଙ୍କ ଓକିଲ। ଅଧିକାଂଶ ସମୟରେ ରାୟଗୁଡ଼ିକ କାର୍ଯ୍ୟକାରୀ ହେଉଛି। ଯେଉଁ କ୍ଷେତ୍ରରେ ରେରା ରାୟ ବିରୋଧରେ ଉପରିସ୍ଥ କୋର୍ଟକୁ ମାମଲା ଯାଉଛି ସେହି ଘଟଣାଗୁଡ଼ିକରେ ରେରା ରାୟ କାର୍ଯ୍ୟକାରୀ କରିବା ସମ୍ଭବପର ନୁହେଁ। ଏସବୁ ଭିତରେ ଆପାର୍ଟମେଣ୍ଟ ପଞ୍ଜୀକରଣ ପ୍ରତିବନ୍ଧକକୁ ବର୍ଷେ ପୂରିଲାଣି। ତଥାପି ମଧ୍ୟ ଆସିପାରିଲାନି ଆପାର୍ଟମେଣ୍ଟ ମାଲିକାନା ସତ୍ତ୍ୱ ଆଇନ।

### ଜାତୀୟ ସ୍ତରରେ ...

ରାଜ୍ୟ ସ୍ୱାର୍ଥକୁ ଆଖିରେ ରହି ପ୍ରସଙ୍ଗଭିତ୍ତିକ ସମର୍ଥନ ଦିଏ ବିଜେଡି। ମୁଖ୍ୟମନ୍ତ୍ରୀ ଜାତୀୟ ସ୍ତରରେ କୌଣସି ମେଣ୍ଟକୁ ଯାଇନାହାନ୍ତି। ତେବେ ଏହି ଭେଟଘାଟକୁ ନେଇ ମୁହାଁମୁହିଁ ବିଜେପି ଓ କଂଗ୍ରେସ। କେନ୍ଦ୍ରର ବିଜେପି ସରକାରକୁ ହଟାଇବା ପାଇଁ ତୃତୀୟ ସାମୁଖ୍ୟ ଗଠନକୁ ଗୁରୁତ୍ୱ ଦେଇଛି କଂଗ୍ରେସ। ତେଣେ ଏହି ଭେଟଘାଟକୁ ନେଇ ଛାନିଆ ରାଜ୍ୟ ବିଜେପି। ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ, ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ମୁଖ୍ୟମନ୍ତ୍ରୀଙ୍କୁ କରିଥିଲେ ସାକ୍ଷାତ।

### ଶିବଲିଙ୍ଗର ...

କୋର୍ଟ କହିଥିଲେ। ଏହାପରେ ହିନ୍ଦୁ ପକ୍ଷ ବାରଣାସୀ କୋର୍ଟଙ୍କ ଏହି ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତେବେ କାର୍ବନ ଡେଟିଂ କଣ ଏବଂ ଏହା କେମିତି କାମ କରେ ବୋଲି ଆପଣଙ୍କ ମନରେ ପ୍ରଶ୍ନ ନିଶ୍ଚୟ ଉଠୁଥିବ। କାର୍ବନ ଡେଟିଂ ହେଉଠି କୌଣସି ଏକ ପ୍ରାକୃତିକ ଜିନିଷର ବୟସ ଠାବ କରିବାର ଏକ ପ୍ରକ୍ରିୟା। କାର୍ବନ ଆଟମ (ସି୧୪) ସହ ମିଳିଥିବା ଜନିଷର ତୁଳନା କଲେ ଏହା କେତେ ବର୍ଷ ପୁରୁଣା ଜଣାପଡ଼ିଥାଏ। କାର୍ବନ ଡେଟିଂର ବୈଜ୍ଞାନିକ ପଦ୍ଧତିରେ ପ୍ରତ୍ନତାତ୍ତ୍ୱିକ ଜିନିଷର ବୟସ ନିର୍ଦ୍ଧାରଣ କରାଯାଇଥାଏ। ଏହି ପଦ୍ଧତିରେ ପ୍ରତ୍ନତତ୍ତ୍ୱବିତମାନେ ସହଜରେ ୫୦୦ ଖ୍ରୀଷ୍ଟପୂର୍ବ ପରେ ତିଆରି ହୋଇଥିବା ଯେକୌଣସି ଦ୍ରବ୍ୟର ବୟସ ଜାଣିପାରିବେ।

### ଆଇନଜୀବୀ ...

ଦୃଷ୍ଟିରେ ରଖି ଏହି ୫ଟି ସ୍ଥାନକୁ ଚୟନ କରାଯାଇଛି। ସେହିପରି ଜୁଡିସିଆଲ ଏକାଡେମୀ ଆଣ୍ଡ ଟ୍ରେନିଂ କମିଟି ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ କହିଥିଲେ ଯେ, ଗତ ୫ବର୍ଷ ମଧ୍ୟରେ ଓଡ଼ିଶା ଜୁଡିସିଆଲ ଏକାଡେମୀ ଦ୍ୱାରା ୩୦୦ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଆଉ ଏହି ରିଜିଓନାଲ ଏକାଡେମୀଗୁଡ଼ିକ ଆଗାମୀ ଦିନରେ ଜୁଡିସିଆଲ ଅଫିସର, କୋର୍ଟ ଷ୍ଟାଫ, ଓକିଲ, କ୍ଲର୍କ ଓ ଅନ୍ୟ ଷ୍ଟେକହୋଲଡରମାନଙ୍କ ପାଇଁ ସହାୟକ ହେବ। ଏହି ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଧନ୍ୟବାଦ ପ୍ରସ୍ତାବ ଦେଇଥିବାବେଳେ କେତେକ ବିଚାରପତି ଏହି ଉତ୍ସବରେ ଉପସ୍ଥିତ ଥିଲେ ଓ ଅନ୍ୟ କେତେକ ହାଇକୋର୍ଟ ବିଚାରପତି ଏସବୁ ନବନିର୍ମିତ ରିଜିଓନାଲ ଜୁଡିସିଆଲ ଏକାଡେମୀରେ ରହି ଜିଲ୍ଲା ଜଜମାନଙ୍କ ସହ ଭର୍ଚୁଆଲରେ ଏହି ଉଦ୍‌ଘାଟନ ସମାରୋହରେ ସାମିଲ ହୋଇଥିଲେ।

### ନିଆଗଲା ସୂଚନା ...

ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀ, ଅସ୍ତରଙ୍ଗ ବ୍ଲକ ଶିକ୍ଷା ଅଧିକାରୀ କଣ ପାଇଁ ନୀରବତା ଅବଲମ୍ବନ କରୁଛନ୍ତି ତାହା ଭିଜିଲାନ୍ସ କିମ୍ବା ସିବିଆଇ ତଦନ୍ତ ଆବଶ୍ୟକତା କରୁଛି। ନକଲି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଏତେ ଅନୁକମ୍ପା କ'ଣ ପାଇଁ ଦେଖାଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟରେ କେତେ ସଂଖ୍ୟକ ନକଲି ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଶିକ୍ଷା ବିଭାଗର ନିର୍ଦ୍ଦେଶକୁ ଏଠାରେ କଣ ପାଇଁ କାର୍ଯ୍ୟକାରୀ କରାଯାଉ ନାହିଁ ତାହା ଆଉ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନା ଶିକ୍ଷା ଅଧିକାରୀ ମାନେ କାହା ଚାପର ବଶବର୍ତ୍ତୀ ହୋଇ ନୀରବତା ଅବଲମ୍ବନ କରୁଛନ୍ତି ତାହା ଏବେ ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ନକଲି ଶିକ୍ଷକ ଶିକ୍ଷୟିତ୍ରୀ ଚିହ୍ନଟ ହେବା ପରେ ଶିକ୍ଷା ଅଧିକାରୀ ମାନେ ନିଜ ସ୍ତରରେ ନେଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ମଧ୍ୟ ରିପୋର୍ଟରେ ଉଲ୍ଲେଖ କରିବାକୁ କୁହାଯାଇଛି। ଏଠାରେ ସୂଚନାଯୋଗ୍ୟ କି ବିଇଡ଼ି ସାର୍ଟିଫିକେଟ ବ୍ୟତୀତ ଭିନ୍ନକ୍ଷମ, ଜାତି, ଜନ୍ମ, ଶିକ୍ଷାଗତ ପ୍ରମାଣ ପତ୍ର ଗୁଡ଼ିକ ମଧ୍ୟ ନକଲି ଦେଇଥିବା ଅଭିଯୋଗ ହେଉଛି। ଏହି ନକଲି କ୍ଷେତ୍ରରେ ରାଜ୍ୟରେ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ବହିଷ୍କାର ହେବା ସହିତ ଗିରଫ ମଧ୍ୟ ହୋଇଛନ୍ତି। ଶୀଘ୍ର ନକଲି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ କିଭଳି ଭାବେ ଚିହ୍ନଟ କରାଯିବ ସେନେଇ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପକ୍ଷରୁ ଏସଓପି ଜାରି ହୋଇସାରିଛି। ଅତୀତରେ ଏହି ନକଲି ପ୍ରମାଣ ପତ୍ର ମାମଲା ହାଇକୋର୍ଟରେ ପହଞ୍ଚିବା ପରେ ହାଇକୋର୍ଟ ପକ୍ଷରୁ କୁହାଯାଇଥିଲା ଯେ ଡିଇଓ ଓ ବିଇଓ ମାନଙ୍କ ଅବହେଳା ଅନୁକମ୍ପା ଯୋଗୁଁ ନକଲି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇପାରୁ ନାହିଁ କହି ଭର୍ତ୍ସନା କରିଥିଲେ। ଏହି ନକଲି ଶିକ୍ଷକ ଶିକ୍ଷୟିତ୍ରୀଙ୍କର ସାର୍ଟିଫିକେଟ ଯାଞ୍ଚ ହୋଇପାରୁ ନାହିଁ ବୋଲି ନକଲି ମାନଙ୍କ ସଂଖ୍ୟା ମାତ୍ରାଧିକ ଭାବେ ବଢ଼ିବାରେ ଲାଗିଛି। ଅସାଧୁ ଉପାୟରେ ଶିକ୍ଷକ ନିଯୁକ୍ତି ହେବା ଯୋଗୁଁ ଯୋଗ୍ୟ ଆଶାୟୀ ଶିକ୍ଷକ ନିଯୁକ୍ତି ପାଇପାରୁ ନାହାନ୍ତି। ନକଲି ଶିକ୍ଷକଙ୍କ ଯୋଗୁଁ ପାଠ ପଢାରେ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ମଧ୍ୟ ଅନିଶ୍ଚିତତା ଆଡ଼କୁ ଗତି କରୁଛି। ଏ ସମ୍ପର୍କରେ ଶିକ୍ଷା ଅଧିକାରୀଙ୍କୁ ପଚାରିବାରେ ସେ ଘଟଣାକୁ ଏଡାଇ ଦେବା ସହିତ ବିଭ୍ରାନ୍ତିକର କଥା କହିଥିଲେ। ଯାହାକି ବିଦ୍ୟାଳୟ ଗଣଶିକ୍ଷା ବିଭାଗକୁଏକ ଅବମାନନା ପ୍ରସଙ୍ଗ। ଅସ୍ତରଙ୍ଗ ବ୍ଲକର ନକଲି ଶିକ୍ଷକ ଶିକ୍ଷୟିତ୍ରୀଓ ପଡୋଶୀ ବ୍ଲକରେ ଚାକିରୀ କରିଥିବା ଶିକ୍ଷକ ମାନେ କେବେ ବନ୍ଧା ହେବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏକ ବିଶେଷ ସୂତ୍ରର ଆଧାରରେ ବିଗତ ଦିନର ଏକ ଯାଞ୍ଚ ପକ୍ରିୟାରେ ଅସ୍ତରଙ୍ଗ ବ୍ଲକର ୧୪ ଜଣଙ୍କର ସାର୍ଟିଫିକେଟରେ ଅନିୟମିତତା ଥିବା ଜଣାପଡିଥିଲା। କିନ୍ତୁ ତୁଷ୍ଟି କରଣ ଯୋଗୁଁ ତାହା ପୁଣି ନାଲିଫିତା ତଳେ ଚାପି ହୋଇ ରହିଗଲା। ଅସ୍ତରଙ୍ଗ ବ୍ଲକ ଶିକ୍ଷା ବିଭାଗରେ ଚାଲିଥିବା ଅନିୟମିତତା, ଓ ନକଲି କାର୍ଯ୍ୟ ସମ୍ପର୍କରେ ବିଦ୍ୟାଳୟ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କାକଟପୁର ବିଧାୟକ ତଥା ମନ୍ତ୍ରୀ ତୁଷାର କାନ୍ତି ବେହେରା, ଆଇନ ମନ୍ତ୍ରୀ, ୫ଟି ସଚିବ, ଶିକ୍ଷା ସଚିବ, ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେଇ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

**ପୁରୀ ଡାଏଟରେ 'ନାସ୍-୨୦୨୧' ରିପୋର୍ଟ କାର୍ଡ ସମୀକ୍ଷା କର୍ମଶାଳା**

# ନାସ୍-୨୦୨୪ ପାଇଁ ପ୍ରସ୍ତୁତ ହେଲା ରୋଡ୍ ମ୍ୟାପ




**ପୁରୀ :** ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡାଏଟ୍), ପୁରୀ ଆନୁକୂଲ୍ୟରେ ୟୁନିସେଫ୍ ଏବଂ ରାଜ୍ୟ ଶିକ୍ଷା, ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ସହାୟତାରେ ନାସ୍-୨୦୨୧ ରିପୋର୍ଟ କାର୍ଡ ସଂପର୍କରେ ଦୁଇଦିନିଆଁ ସମୀକ୍ଷା କର୍ମଶାଳା ଆୟୋଜିତ ହୋଇଯାଇଛି। ପୁରୀ ଡାଏଟ୍‌ର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଡ. ବିଶ୍ୱଜିତ୍ ଘୋଷ ମୁଖ୍ୟ ଅତିଥି ଏବଂ ଉଦ୍‌ଯାପନୀ ଅଧିବେଶନରେ ୟୁନିସେଫ(ଶିକ୍ଷା)ର ଓଡିଶା ମୁଖ୍ୟ ଲଳିତା ପଟ୍ଟନାୟକ ମୁଖ୍ୟ ଅତିଥିରୂପେ ଯୋଗ ଦେଇଥିଲେ। କେନ୍ଦ୍ରାପଡା ଡାଏଟର ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା ପ୍ରଶିକ୍ଷକ ରୂପେ ଯୋଗଦେଇ ନାସ୍-୨୦୨୧ ରିପୋର୍ଟ କାର୍ଡ ସଂପର୍କରେ ବିଶଦ ତଥ୍ୟ ଉପସ୍ଥାପନ କରିଥିଲେ। ଗତ ୨୦୨୧ ମସିହା ନଭେମ୍ବର ୧୩ ତାରିଖରେ ରାଷ୍ଟ୍ରୀୟ ଉପଲବ୍ଧି ସର୍ବେକ୍ଷଣ(ନାସ)-୨୦୨୧ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତବର୍ଷର ୩୬ଟି ରାଜ୍ୟ ଓ କନ୍ଦ୍ରେଶାସିତ ଅଂଚଳର ୭୨୦ଟି ଜିଲ୍ଲାରୁ ୧ଲକ୍ଷ ୭୮ହଜାର ୨୭୪ଟି ସ୍କୁଲର ୩.୪ ମିଲିୟନ ଛାତ୍ରଛାତ୍ରୀଙ୍କୁ ଏହି ସର୍ଭେର ଅନ୍ତର୍ଭୁକ୍ତ କରାଯାଇଥିଲା। ବିଭିନ୍ନ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟର ୩ୟ, ୫ମ, ୮ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଗଣିତ, ଭାଷା, ବିଜ୍ଞାନ, ପରିବେଶ ଓ ସମାଜବିଜ୍ଞାନ ବିଷୟ ଆଧାରିତ ପ୍ରଶ୍ନକୁ ନେଇ ସେମାନଙ୍କର ଶୈକ୍ଷିକ ଦକ୍ଷତା ଆକଳନ କରାଯିବା ସହିତ ଶିକ୍ଷକମାନଙ୍କର ମତାମତ ସଂଗ୍ରହ କରାଯାଇଥିଲା। ଏହି ସର୍ଭେର ରିପୋର୍ଟ କାର୍ଡ ଏନସିଇଆରଟି ପକ୍ଷରୁ ପ୍ରକାଶ ପାଇବା ପରେ ଦେଶବ୍ୟାପି ଏହାର ସମୀକ୍ଷା ଚାଲିଛି। ଜାତୀୟ ସ୍ତରରେ ଆମ ରାଜ୍ୟ, ଜିଲ୍ଲା ଓ ବ୍ଲକଗୁଡିକର ସ୍ଥିତି କିପରି ଅଛି ଏହାକୁ ନେଇ କର୍ମଶାଳାମାନ ଆୟୋଜନ ହେବା ସହିତ ଆଗାମୀ ଦିନପାଇଁ ରୋଡମ୍ୟାପ ପ୍ରସ୍ତୁତ ହେଉଛି। ଏହି ପରିପ୍ରେକ୍ଷୀରେ ପୁରୀ ଡାଏଟ୍ ପକ୍ଷରୁ ଆୟୋଜିତ କର୍ମଶାଳାରେ ପୁରୀ ଡିଇଓ ଡ. ବିଶ୍ୱଜିତ୍ ଘୋଷ, ଏଡିଇଓ ହିମାଂଶୁଭୂଷଣ ସମରଥ, ଏଡିଇଓ ମମତା ମିଶ୍ର, ଗୋପ ବିଇଓ ସୁଶୀଳ କୁମାର ବ୍ରହ୍ମାଙ୍କ ସମେତ ୧୧ଟି ବ୍ଲକର ସମସ୍ତ ବିଇଓ, ବିଆରସିସି, ଏବିଇଓ, ଡାଏଟର ସମସ୍ତ ଶିକ୍ଷକ ପ୍ରଶିକ୍ଷକ, ସମଗ୍ର ଶିକ୍ଷା ପେଡାଗୋଜି କୋର୍ଡିନେଟର ରମେଶ ବଲ୍ଲଭ ସାହୁ ଓ ପ୍ରତି କ୍ଲଷ୍ଟରରୁ ୪ଜଣ ଲେଖାଏଁ ସିଆରସିସି ଯୋଗଦେଇ ଜିଲ୍ଲାରୁ ବ୍ଲକସ୍ତର ପର୍ଯ୍ୟନ୍ତ ନାସ-୨୦୨୪ ନିମନ୍ତେ ରୋଡମ୍ୟାପ ପ୍ରସ୍ତୁତ କରିଛନ୍ତି। ଏହି ସର୍ଭେର ଉପଲବ୍ଧି ନୂତନ ଶିକ୍ଷା ନୀତି, ଶିକ୍ଷା ଯୋଜନା ଓ ଏହାର ବ୍ୟାବହାରିକ ଦିଗକୁ ସଶକ୍ତ କରିବ ବୋଲି ୟୁନିସେଫ(ଶିକ୍ଷା)ର ଓଡିଶା ଚିଫ୍ ଲଳିତା ପଟ୍ଟନାୟକ ଗଣମାଧ୍ୟମକୁ କହିଛନ୍ତି। ଏହି ଦୁଇଦିନିଆଁ କର୍ମଶାଳାକୁ ଡାଏଟର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଦେବସ୍ମିତା ମହାପାତ୍ର, ଜସ୍ମିନ ପଟ୍ଟନାୟକ, ସ୍ୱାଧୀନ କୁମାର ପ୍ରଧାନ, ରାଜଶ୍ରୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଗୋପବନ୍ଧୁ ଚୌଧୁରୀଙ୍କ ଜନ୍ମଜୟନ୍ତୀ ପାଳିତ



**ଜଗତ୍‌ସିଂହପୁର :** ଜିଲ୍ଲା ପ୍ରଶାସନ ଓ ପୌରପରିଷଦର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ, ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ପୌରପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ ବଙ୍ଗଳା ଛକ ଓ ଖେରସ ଠାରେ ଥିବା ଗୋପବନ୍ଧୁ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ପୌରପରିଷଦ ବରିଷ୍ଠ ସହାୟକ ଦିପକ ପଟ୍ଟନାୟକ, ଶିକ୍ଷାବିତ୍ ହିମାଂଶୁ ଆଚାର୍ଯ୍ୟ ଓ ପୌରପରିଷଦ କର୍ମଚାରୀ ମାନେ ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ନାଉଗାଁ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



**ଜଗତ୍‌ସିଂହପୁର :** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତି ଯୋଗୁ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ। ସମୁଦାୟ ୬୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ୨ଟି ଅଭିଯୋଗର ତତ୍‌କାଳ ଫଇସଲା କରାଯାଇଥିଲା। ଏହି ଶୁଣାଣି ଶିବିରରେ ଆବାସ ଯୋଜନା ନିମନ୍ତେ ୯ଟି, ଜମିଜମା ସମ୍ପର୍କିତ ୧୫ଟି, ରାସନକାର୍ଡ ସମ୍ପର୍କିତ ୧ଟି, ରେଡକ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ୧ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫାଣ୍ଡିରୁ ସହାୟତା ନିମନ୍ତେ ୧ଟି, ପୋଲିସ ସମସ୍ୟା ସମ୍ପର୍କିତ ୨ଟି, ଭତା ସମ୍ପର୍କିତ ୫ଟି ଏବଂ ଅନ୍ୟାନ୍ୟ ୧୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶ, ଉପ-ଜିଲ୍ଲାପାଳ ପ୍ରଦିପ କୁମାର ସାହୁ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ ଚନ୍ଦ୍ର ସିଂହ, ମଣ୍ଡଳ ଉନ୍ନୟନ ଅଧିକାରୀ ରଶ୍ମିରେଖା ମଲ୍ଲିକ, ତହସିଲଦାର ଜେ କଳ୍ପନା, ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଆପତି ଅଭିଯୋଗର ଶୁଣାଣି କରିଥିଲେ।

# ଜ୍ଞାନୀ ଜୈଲ ସିଂହ




ଅକ୍ଷୟ କୁମାର ରାଉତ

ସମୟର ସ୍ରୋତରେ ପ୍ରକୃତି କୋଳରେ କେତେ ସାଧୁ, ସନ୍ଥ, ପଣ୍ଡିତ, ବିଦ୍ୱାନ, କବି, ଲେଖକ, ନାଟ୍ୟକାର, ଦାର୍ଶନିକ, ବୈଜ୍ଞାନିକ, ଜନସେବକ ଓ ରାଜନେତା ଜନ୍ମ ନିଅନ୍ତି ସେମାନଙ୍କ ମଧ୍ୟରୁ ଜ୍ଞାନୀ ଜୈଲ ସିଂହ ଅନ୍ୟତମ। ୧୯୧୬ ମସିହା ମେ ମାସ ୫ ତାରିଖରେ ଫରିଦକୋର୍ଟ ସହରଠାରୁ ୧୦ କି.ମି. ଦୂରରେ ରେଲଲାଇନ କଡର ଛୋଟିଆ ଗାଁ ସନ୍ଧୱାନରେ ଏକ ଶିଖ୍ ପରିବାରରେ ଭାଇ କିଷାନ ସିଂହ ଓ ବିବିଇନ୍ଦ କାଉରଙ୍କ କୋଳମଣ୍ଡନ କରି ଚତୁର୍ଥ ସନ୍ତାନ ଭାବେ ଜନ୍ମ ନେଲେ ଜୈଲ ସିଂହ। ଅଳ୍ପ ଦିନରେ ମା ଛେଉଣ୍ଡ ହୋଇ ମାଉସୀ ବିବିଦୟା କଉରଙ୍କ ସ୍ନେହ ଶ୍ରଦ୍ଧାରେ ବଢିଲେ। ଜୈଲ ସିଂହ ୧୨ବର୍ଷ ପର୍ଯ୍ୟନ୍ତ ଜାଣି ପାରିନଥିଲେ ତାଙ୍କର ପ୍ରକୃତ ମା କିଏ। ବାପାମାଙ୍କ ଧର୍ମ ପରାୟଣତା ତାଙ୍କ ଉପରେ ପ୍ରଭାବ ପକାଇ ଥିଲା। ଅଭାବରୁ ସେ ବେଶି ପାଠ ପଢି ପାରିନଥିଲେ। ପାଂଚ ବର୍ଷ ବୟସରେ ସେ ଗୁରୁ ଗ୍ରନ୍ଥ ସାହେବ ପଢି ବୁଝି ପାରୁଥିଲେ ଓ ଅନ୍ୟମାନଙ୍କୁ ବୁଝାଉଥିଲେ। ଶିଖ୍ ଧର୍ମ ଉପରେ ଅଗାଧ ପାଣ୍ଡିତ୍ୟଲାଭ କରିଥିବାରୁ ତାଙ୍କୁ ଲୋକେ ଜ୍ଞାନୀ ଡାକିବାରୁ ସେ ଜ୍ଞାନୀ ଜୈଲ ସିଂହ ଭାବରେ ପରିଗଣିତ ହେଲେ। ଜ୍ଞାନୀ ନିଜ ଉଦ୍ୟମରେ ହିନ୍ଦୀ ଓ ଉର୍ଦ୍ଦୁ ଭାଷା ଶିକ୍ଷା କରି ସ୍ମୃତିଶାସ୍ତ୍ର, ଉପନିଷଦ, କୋରାନ, ଗୀତା, ଭାଗବତ ଓ ବାଇବେଲ ପଢି ବହୁ ଜ୍ଞାନ ଅର୍ଜନ କଲେ। ସେ ସକାଳ ଓ ସନ୍ଧ୍ୟାରେ କୀର୍ତନ୍ କରନ୍ତି, ଅନ୍ୟ ସମୟରେ ଘରେ ଇତିହାସ ଓ ଅନ୍ୟଗ୍ରନ୍ଥ ଅଧ୍ୟୟନ କରନ୍ତି। ୧୨ବର୍ଷ ବୟସରେ ଜ୍ଞାନୀ ବସନ୍ତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହିତ ସଂଗ୍ରାମ କରୁଥିଲେ। ପିତା ଭାଇ କିଷାନ ସିଂହ ଗ୍ରନ୍ଥ ସାହେବରୁ ଗୋଟିଏ ପ୍ରାର୍ଥନା ପଢି ଈଶ୍ୱରଙ୍କ ସରଣାପନ୍ନ ହେଲେ। ତାପରେ ଜ୍ଞାନୀଙ୍କର ଦେହ ଭଲ ହୋଇଗଲା। ଜ୍ଞାନୀ କିର୍ତନ କରୁ କରୁ ଦେଶ ସେବାରେ ମନଦେଲେ। ତାଙ୍କ ଉପରେ ଭଗତ ସିଂ ଓ ସନ୍ଥ ଅମର ସିଂହ ତେଗଙ୍କର ପ୍ରଭାବ ପଡିଥିଲା। ସନ୍ଥ ଅମର ସିଂହ ତେଗ ତାଙ୍କୁ ବନ୍ଧୁକଟିଏ ଦେଇ ଆର୍ଶୀବାଦ କରି ଦେଶପାଇଁ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଲଢିବାକୁ ଶପଥ କରାଇଥିଲେ। ଏହି ସମୟରେ ସେ ବିବିପ୍ରଧାନ କାଉରଙ୍କୁ ସହଧର୍ମିଣୀ ଭାବରେ ଗ୍ରହଣ କଲେ। ଥରେ ଫରିଦ୍ କୋର୍ଟଠାରେ ସବୁ ଧର୍ମ ତରଫରୁ ଗୋଟିଏ ତର୍କ ସଭାର ଆୟୋଜନ କରାଗଲା। ସେଠାରେ ଜ୍ଞାନୀଜୀ ଜଣେ ଶ୍ରୋତା ଭାବରେ ଯାଇଥିଲେ କିନ୍ତୁ ବକ୍ତା ଭାବରେ ଶିଖ୍ ଧର୍ମର ମୌଳିକ ତତ୍ୱ ଓ ସାରମର୍ମ କହି ସମସ୍ତଙ୍କୁ ଆଶ୍ଚର୍ଯ୍ୟ



କରିଦେଲେ। ସେତେବେଳେ ସାରା ଭାରତରେ ସ୍ୱାଧିନତା ପାଇଁ ଆନ୍ଦୋଳନ ଆରମ୍ଭ ହୋଇଯାଇଥାଏ। ଜ୍ଞାନୀଜୀ ଫରିଦ୍ କୋର୍ଟରେ ଭାରତୀୟ ଜାତୀୟ କଂଗ୍ରେସର ଏକ ଶାଖାଟିଏ ଖୋଲି ବିଭିନ୍ନ ସ୍ଥାନରେ ସଭାସମିତି କରି ଇଂରେଜ ସରକାର ଓ ରାଜାଙ୍କ ବିରୁଦ୍ଧରେ ଭାଷଣ ଦେବାରୁ ଗିରଫ ହେଲେ। ତାଙ୍କ ସହିତ ସର୍ଦ୍ଦାର ଜଙ୍ଗ ସିଂହ, ମଣି ସିଂୱାଲା ଗିରଫ ହୋଇ ଫରିଦ୍‌କୋର୍ଟ କେନ୍ଦ୍ରୀୟ ଜେଲରେ ପାଂଚ ବର୍ଷ ଜେଲଦଣ୍ଡ ସହିତ ୨୫୦ଟଙ୍କା ଜୋରିମାନା ଭୋଗିଥିଲେ। ଜେଲରେ ଥାଇ ଜ୍ଞାନୀଜୀ ବିଭିନ୍ନ ଗ୍ରନ୍ଥ ଅଧ୍ୟୟନ ସହିତ ଜଣେ ସହକାରୀ ଜେଲ ଅଧିକାରୀଙ୍କଠାରୁ ଇଂରାଜୀ ଶିକ୍ଷା କଲେ। ଜେଲରେ ସେ ମାଆଙ୍କ ପାଖକୁ ଖଣ୍ଡେ ଚିଠିଲେଖି ଧରାପଡି ଦଣ୍ଡପାଇଲେ। ମା ପୁଅକୁ ଦେଖା କରିବାକୁ ଯାଇ ଟିକେ ସ୍ନେହରେ କୋଳାଇ ପାରିନଥିଲେ, ଲୁହା ବାଡର ପ୍ରତିବନ୍ଧକ ଯୋଗୁ। ଜେଲରେ ଥିବା ସମୟରେ ସେ ପାଳିତମାଙ୍କୁ ହରାଇଲେ। ଜେଲରୁ ମୁକୁଳାପରେ ଗାଁରେ ରହି ପାରିନଥିଲେ ଗୁଇନ୍ଦାବିଭାଗର କଡା ନଜରରୁ, ଭାଇବନ୍ଧୁଙ୍କୁ ଛାଡି ଲାହୋର ସହରକୁ ଚାଲିଗଲେ। ଅକାଳୀ ଦଳର ମୁଖିଆ ତାରା ସିଂକୁ ଦେଖାକରି ଶିଖ୍ ମିଶିନାରୀ କଲେଜରେ ଯୋଗଦେଇ ମାସିକ ୧୬ ଟଙ୍କା ଭତାରେ ରହିଲେ। କିଛିଦିନ ପରେ ସେ ମାସିକ ୮୧ ଟଙ୍କା ବିନିମୟରେ ଜ୍ଞାନୀଜି ହୋସିଆରପୁର ଶିଖ୍ ସଂଘ ସେବାରେ କାର୍ଯ୍ୟକେଲ। ଏହି ସମୟରେ ପଞ୍ଜାବ ପ୍ରଦେଶରେ ପ୍ରଜାମଣ୍ଡଳ ତରଫରୁ ଲେକପ୍ରିୟ ସରକାର ଗଠନ ପାଇଁ ଆନ୍ଦୋଳନ ଚାଲୁ ଥାଏ। ଜ୍ଞାନୀଜୀ ସେଠାରେ ପହଞ୍ଚି ଆନ୍ଦୋଳନ ଚାଲୁ ରଖିଲେ ଓ ପଣ୍ଡିତ ନେହେରୁଙ୍କ ସହିତ ଘନିଷ୍ଠ ସମ୍ପର୍କ ରକ୍ଷା କଲେ। ଭାରତ ସ୍ୱାଧୀନ ହେଲା ନେହେରୁ ପ୍ରଧାନମନ୍ତ୍ର. ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଗୃହ ମନ୍ତ୍ରୀ। ସର୍ଦ୍ଦାର ପଟେଲ ଜ୍ଞାନୀଜୀଙ୍କୁ ଦିଲ୍ଲୀ ଡକାଇଲେ। ଜ୍ଞାନୀଜୀଙ୍କ ପାଖରେ ପଇସା ନାହିଁ। ତେଣୁ ସେ ବନ୍ଧୁ ରାମନାଥଙ୍କ ସହିତ ଦୁଇ ମାଇଲର ବାଟ ଚାଲିଚାଲି ପାଡିଆଲା ଷ୍ଟେସନରୁ ଶହେ ଟଙ୍କା ଧାର କରି ଦିଲ୍ଲୀ ଗଲେ। ସେଠାରେ ୧୦ ମିନିଟ୍ ବିଳମ୍ବ ଯୋଗୁ ଦେଖା କରି ନ ପାରିବାରୁ ଭୋକ ଉପାସରେ ଅପେକ୍ଷାକଲେ।







ପଟେଲଙ୍କ ନିର୍ଦ୍ଦେଶରେ ମନ୍ତ୍ରମଣ୍ଡଳ ଗଠନ ହେଲା। ମୁଖ୍ୟମନ୍ତ୍ରୀ ଜ୍ଞାନୀ ସିଂହ ରାରେୱାଲଙ୍କ ମନ୍ତ୍ରୀମଣ୍ଡଳରେ ରାଜସ୍ୱମନ୍ତ୍ରୀ ଭାବେ ଜ୍ଞାନୀଜୀ ଦାୟିତ୍ୱ ଗ୍ରହଣ କଲେ। ପରେ ପରେ ଦୁଇ ବର୍ଷପାଇଁ ପେପସୁ ପ୍ରଦେଶର କଂଗ୍ରେସ କମିଟିର ସଭାପତି ଭାବରେ ଜ୍ଞାନୀଜୀ ନିର୍ବାଚିତ ହେଲେ। ୬ ବର୍ଷ ପାଇଁ ସେ ରାଜ୍ୟସଭାର ସଦସ୍ୟ ଭାବରେ ନିର୍ବାଚିତ ହେଲେ। ରାଜ୍ୟସଭାର ସଭ୍ୟଭାବରେ କାର୍ଯ୍ୟକାଳ ପୂରଣ କରି ସେ ପଞ୍ଜାବ ବିଧାନସଭାରୁ ନିର୍ବାଚିତ ହେଲେ। ୧୯୭୧ ମସିହା ଜୁନ୍ ୯ ତାରିଖରେ ପଞ୍ଜାବରେ ରାଷ୍ଟ୍ରପତି ଶାସନ ଜାରି ହେଲା। ଏହି ସମୟରେ ଭାରତ ପାକିସ୍ତାନ ଯୁଦ୍ଧ ଆରମ୍ଭ ହୋଇଗଲା। ଯୁଦ୍ଧ ପରେ ପଞ୍ଜାବ ବିଧାନସଭାର ନିର୍ବାଚନ ହେଲା। ଜ୍ଞାନୀଜୀଙ୍କ ନେତୃତ୍ୱରେ କଂଗ୍ରେସଦଳ ମନ୍ତ୍ରୀମଣ୍ଡଳ ଗଠନ କଲେ। ସେ ହେଲେ ମୁଖ୍ୟମନ୍ତ୍ରୀ। ତାଙ୍କର ଶାସନକାଳକୁ ଲୋକମାନେ ମହାରାଜା ରଣଜିତ୍ ସିଂହଙ୍କ କାର୍ଯ୍ୟ ସହିତ ତୁଳନା କଲେ। ସପ୍ତମ ଲୋକସଭା ନିର୍ବାଚନରେ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀମଣ୍ଡଳରେ ଜ୍ଞାନୀଜୀ ଘରୋଇ ବିଭାଗର ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କଲେ। ସେ ତାଙ୍କ ରାଜନୈତିକ ଜୀବନ ଆରମ୍ଭରୁ ଏକ 'ଖାଲସ ସେବକ' ନାମରେ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶ କରିଥିଲେ। ପରବର୍ତୀ ସମୟରେ ତାହା ଦୈନିକ ସମ୍ବାଦପତ୍ର ଭାବରେ ଆତ୍ମ ପ୍ରକାଶକଲା। ସେ ଗୃହମନ୍ତ୍ରୀ ହିସାବରେ ସମ୍ପାଦକମାନଙ୍କର ଏକ ସମ୍ମିଳନୀ କରାଇ ସାମ୍ବାଦିକମାନଙ୍କର ସୁରକ୍ଷା ଓ ସ୍ୱାଧୀନତା ସରକାର ବହନ କରିବା ପାଇଁ ଆହ୍ୱାନ ଦେଇଥିଲେ। ୧୯୮୨ମସିହା ଜୁଲାଇ ମାସ ୨୪ ତାରିଖରେ ଜ୍ଞାନୀଜୀ ଭାରତର ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିଥିଲେ। ତାଙ୍କ ନିର୍ଦ୍ଦେଶରେ 'ବ୍ଲୁଷ୍ଟାର ଅପରେସନ' କରାଗଲା। ସ୍ୱର୍ଣ୍ଣ ମନ୍ଦିରରେ ସୈନ୍ୟ ବାହିନୀ ପଶି ସନ୍ତ୍ରାସବାଦୀମାନଙ୍କୁ ଧରିଲେ ଓ ଦେଶଟା ବଡ ବିପଦରୁ ରକ୍ଷା ପାଇଗଲା। ୧୯୯୪ ମସିହା ନଭେମ୍ବର ମାସ ୨୯ ତରିଖରେ ଜ୍ଞାନୀଜୀ ଏକ କାରରେ ଆନନ୍ଦପୁର ସାହିବରୁ ଚଣ୍ଡୀଗଡକୁ ଫେରୁଥିଲେ। ହଠାତ୍ ରୋପତ୍ ଜିଲ୍ଲାର ବୁଙ୍ଗା ସାହିବ ନିକଟରେ ଗୋଟିଏ ଟ୍ରକ ସହିତ କାରଟି ଧକ୍କା ଲାଗିଲା, ସେ ଗୁରୁତର ଆହତ ହେଲେ। ଦୀର୍ଘ ୨୭ ଦିନ ଧରି ମୃତ୍ୟୁ ସହିତ ସଂଗ୍ରାମ କରି ୧୯୯୪ ମସିହା ଡିସେମ୍ବର ମାସ ୨୫ ତାରିଖ ସକାଳ ସାତଟା ଚାଳିଶ ମିନିଟରେ ୭୮ ବୟସରେ ଶେଷ ନିଶ୍ୱାସ ତ୍ୟାଗକଲେ। ଜଣେ ଦେଶ ସେବକ ରାଜନେତା, କବି, ଲେଖକ ଓ ପୂର୍ବତନ ରାଷ୍ଟ୍ରପତିଙ୍କ ମୃତ୍ୟୁରେ ଦେଶରେ ଶୋକର ଛାୟା ଖେଳିଗଲା। କେନ୍ଦ୍ର ସରକାର ୭ ଦିନ ପାଇଁ ଜାତୀୟ ଶୋକ ପାଳିବାକୁ ଘୋଷଣା କଲେ। ଜାତୀୟ ପତକା ଅର୍ଦ୍ଧ ନିମିତ କରାଗଲା। ଦିଲ୍ଲୀର ବିଜୟଘାଟ ନିକଟରେ ଥିବା ଏକତା ସ୍ଥଳରେ ରାଷ୍ଟ୍ରୀୟ ସମ୍ମାନର ସହିତ ଦାହ କରାଗଲା। ଦେଶର ଚାରିଆଡେ " ଜୈଲ ସିଂହ ଅମର ରହେ" ମୁଖରିତ ହେଲା।

*ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର*
*ଦୂରଭାଷ : ୯୯୩୭୬୯୧୪୭୫*

## ୟୁଜିସି ଓ ଏନସିଟିଇ ତାଲିକାରେ ନାହିଁ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର:** ୟୁନିଭର୍ସିଟି ହେବାର ୨୧ ମାସ ପରେ ବି ୟୁଜିସି କିମ୍ବା ଏନସିଟିଇ ତାଲିକାରେ ନାହିଁ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟର ନାଁ। ଏପରିକି ଏନସିଟିଇ ତାଲିକାରେ ଏବେ ବି ଖଲିକୋଟ ଅଟୋନମସ କଲେଜ ବୋଲି ଉଲ୍ଲେଖ ରହିଛି। ଯାହାକୁ ନେଇ ଛାତ୍ରଛାତ୍ରୀ ଦ୍ୱନ୍ଦ୍ୱରେ ରହିବା ସହ ସେମାନଙ୍କୁ ସାର୍ଟିଫିକେଟ୍ କିଏ ଦେବ ବୋଲି ପ୍ରଶ୍ନ କରିଛନ୍ତି। କେବଳ ସେତିକି ନୁହେଁ ଏପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ କିମ୍ବା ଏକାଡେମିକ୍ କାଉନସିଲ ବି ଗଠନ ହୋଇ ନପାରିବା ମଧ୍ୟ ନାନା ପ୍ରଶ୍ନକୁ ଠିଆ କରିଛି। ଖଲିକୋଟ ସ୍ୱୟଂଶାସିତ କଲେଜ ନା ଖଲିକୋଟ ବିଶ୍ୱବିଦ୍ୟାଳୟ? କାରଣ ୧୮୭୮ ମସିହାରେ ପ୍ରତିଷ୍ଠିତ ଦକ୍ଷିଣ ଓଡ଼ିଶାର ଅନ୍ୟତମ ଶିକ୍ଷା ପ୍ରାଣକେନ୍ଦ୍ର ଭାବେ ପରିଚିତ ଏଇ ଶିକ୍ଷାନୁଷ୍ଠାନରେ ପ୍ରଥମ ସ୍ୱୟଂ ଶାସିତ ମହିବିଦ୍ୟାଳୟର ଟ୍ୟାଗ୍ ଲାଗିଲା। ପରେ ୨୦୧୬ରେ ଏହାକୁ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ କରାଯାଇ ପରେ ମାନ୍ୟତା ହଟାଇ ଦିଆଗଲା। ୨୦୨୧ ଅଗଷ୍ଟ ୧ ତାରିଖରୁ ରାଜ୍ୟ ସରକାର ଏହାକୁ ଏକକ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କଲେ। ନାମଫଳକ ବଦଳିଲା। କୁଳପତି ନିଯୁକ୍ତ ହେଲେ। କିନ୍ତୁ ଏହା ଭିତରେ ୟୁନିଭର୍ସିଟି ଗଠନକୁ ଦୁଇ ବର୍ଷ ହେବାକୁ ଯାଉଥିଲା ବେଳେ, ଛାତ୍ରଛାତ୍ରୀଙ୍କ ଅଭିଯୋଗ ନା ଖଲିକୋଟ ବିଶ୍ୱବିଦ୍ୟାଳୟକୁ ଏଯାଏଁ ୟୁଜିସି ସ୍ୱୀକୃତି ମିଳିଛି, ନା ଏନ୍‌ସିଟିଇ ବା ନ୍ୟାସନାଲ କାଉନସିଲ ଫର ଟିଚର ଏଜୁକେନ୍ ତାଲିକାରେ ୟୁନିଭର୍ସିଟିର ନାଁ ଅଛି। ଏପରିକି ଏନସିଟିଇ ତାଲିକାରେ ଏବେ ବି ଖଲିକୋଟ ଅଟୋନମସ୍ କଲେଜ୍ ଉଲ୍ଲେଖ ରହିଛି। ତେଣୁ ଏଠୁ ଉତ୍ତୀର୍ଣ୍ଣ ହେଲା ପରେ ସେମାନଙ୍କୁ ସାର୍ଟିଫିକେଟ୍ କିଏ ଦେବ, ସେଇ ସାର୍ଟିଫିକେଟର ମାନ୍ୟତା କଣ ରହିବ ଏସବୁ ପ୍ରଶ୍ନର ଉତ୍ତରକୁ ନେଇ ଆଶଙ୍କାରେ ଛାତ୍ରଛାତ୍ରୀ। ଶିକ୍ଷାବିତଙ୍କ କହିବା ଅନୁଯାୟୀ, ୟୁନିଭର୍ସିଟି ହେବା ସଙ୍ଗେ ସଙ୍ଗେ ପ୍ରାଶାସନିକ ପରିଚାଳନା ଏବଂ ପାଠ୍ୟକ୍ରମ ଅନୁମୋଦନ ଲାଗି ସିଣ୍ଡିକେଟ୍ ଗଠନଠୁ ନେଇ ଏକାଡେମିକ୍ କାଉନ୍ସିଲ୍ ଭଳି ଷ୍ଟାଚ୍ୟୁଟୋରୀ ବଡି ଗଠନ ହେବା କଥା। ହେଲେ ଏଯାଏଁ ଏଇ ପ୍ରାଥମିକତାକୁ ବି କାହିଁକି ପୂରଣ କରାଯାଇ ନାହିଁ ଏବଂ ସମସ୍ୟା କେଉଁଠି ରହୁଛି, ତାକୁ ନେଇ ପ୍ରଶ୍ନ ଉଠିଛି। କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି କହିଛନ୍ତି, ଏସବୁ ପାଇଁ ଉଦ୍ୟମ ଚାଲିଛି। ଖୁବ ଶୀଘ୍ର ଏକାଡେମିକ୍ କାଉନସିଲ ବି ଗଠନ ହେଇଯିବ। ଏହା ଏକ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇସାରିଛି, ଏବଂ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ହିଁ ସାର୍ଟିଫିକେଟ୍ ମିଳିବ।

## 'କ୍ଷ-ଟି' ସ୍କୁଲ ରୂପାନ୍ତରଣ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲାକୁ ମିଳିବ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'

**ଭୁବନେଶ୍ୱର :** ରାଜ୍ୟର ଶିକ୍ଷାବ୍ୟବସ୍ଥାକୁ ଗୁଣାତ୍ମକ ତଥା ସ୍କୁଲଗୁଡ଼ିକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ମୁଖ୍ୟମନ୍ତ୍ରୀ ନେଇଛନ୍ତି ଦୃଢ଼ ଶପଥ। ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ହେଉଛି ଆମୂଳଚୂଳ ପରିବର୍ତ୍ତନ। 'କ୍ଷ-ଟି' ହାଇସ୍କୁଲ ରୂପାନ୍ତରଣ ଯୋଜନାରେ ବଦଳୁଛି ବିଦ୍ୟାଳୟର ଚେହେରା। ଘରୋଇ ସ୍କୁଲ ଭଳି ସରକାରୀ ସ୍କୁଲରେ ପିଲାଙ୍କୁ ଉନ୍ନତମାନର ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଶିକ୍ଷା ଦେବାଲାଗି ପ୍ରସ୍ତୁତ ହେଉଛି ସୁଦୃଢ଼ ଭିତ୍ତିଭୂମି। ଜନସାଧାରଣଙ୍କ ଭାଗିଦାରୀର ପ୍ରକୃଷ୍ଟ ଉଦାହରଣ ହେଉଛି ସ୍କୁଲ ରୂପାନ୍ତର। ରାଜ୍ୟରେ ଗତ ଦୁଇ ପର୍ଯ୍ୟାୟରେ ରାଜ୍ୟରେ ୩୯୮୧ ସ୍କୁଲ ରୂପାନ୍ତରିତ ହୋଇଥିଲା। ତୃତୀୟ ପର୍ଯ୍ୟାୟ ସ୍କୁଲ ରୂପାନ୍ତରଣ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୬୧୩୨ଟି ସ୍କୁଲ ରୂପାନ୍ତରିତ ହୋଇଛି। ସ୍କୁଲ ରୂପାନ୍ତରଣରେ ଖୁସି ବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୂପାନ୍ତରଣରେ ଉଲ୍ଲେଖନୀୟ ପ୍ରଦର୍ଶନ କରୁଥିବା ଜିଲ୍ଲା ନିମନ୍ତେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯିବାକୁ ଘୋଷଣା କରିଛନ୍ତି। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଜିଲ୍ଲାକୁ ପ୍ରଥମ ପୁରସ୍କାର ବାବଦରେ ୩ କୋଟି ଟଙ୍କା ପ୍ରଦାନ କରାଯିବ। ସେହିପରି ଦ୍ୱିତୀୟ ପୁରସ୍କାର ୨ କୋଟି ଟଙ୍କା ଓ ତୃତୀୟ ପୁରସ୍କାର ଭାବେ ୧ କୋଟି ଟଙ୍କା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହାସହ ଏହି କ୍ଷେତ୍ରରେ ଭଲ କାମ କରିଥିବା ବ୍ଲକ ମାନଙ୍କ ମଧ୍ୟରୁ ଶ୍ରେଷ୍ଠ ଦଶଟି ବ୍ଲକକୁ ପଚାଶ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଭାବରେ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ପୁଣି କହିଛନ୍ତି ଯେ ସ୍କୁଲ ରୂପାନ୍ତରର ପ୍ରତ୍ୟେକ ସ୍ତରରେ ଜନସାଧାରଣ ସାମିଲ ହୋଇଛନ୍ତି। ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ରୂପାନ୍ତରିତ ସ୍କୁଲର ପରିକଳ୍ପନା ଠାରୁ ଆରମ୍ଭ କରି ରୂପାୟନର ସବୁ ସ୍ତରରେ ସଂଶ୍ଳିଷ୍ଟ ହୋଇଛନ୍ତି। କେଉଁ କାର୍ଯ୍ୟରେ କେତେ ଖର୍ଚ୍ଚ ହେଉଛି, ସେ ବିଷୟରେ ମଧ୍ୟ ସେମାନେ ଜାଣନ୍ତି। ତେଣୁ ସ୍କୁଲ ରୂପାନ୍ତର ହେଉଛି, ଜନ ଭାଗିଦାରୀର ଏକ ପ୍ରକୃଷ୍ଟ ଉଦାହରଣ। କ୍ଷ-ଟି ହେଉଛି ଟେକ୍ନୋଲୋଜି, ଟିମ୍‌ୱାର୍କ, ଟ୍ରାନସ୍ପରେନ୍ସି ବା ସ୍ୱଚ୍ଛତା ଏବଂ ଟାଇମ ବା ସମୟ। ଏସବୁର ପ୍ରୟୋଗରେ ଟ୍ରାନ୍ସଫରମେସନ ବା ରୂପାନ୍ତର ଆସିଥାଏ। ଟେକ୍ନୋଲୋଜିର ପ୍ରୟୋଗରେ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର ଓ ଆଧୁନିକ ଲାବୋରେଟୋରୀର ବିକାଶ କରାଯାଇଛି। ସେହିପରି ଏହି ରୂପାନ୍ତର କାମକୁ ସମସ୍ତଙ୍କ ମିଳିତ ଉଦ୍ୟମରେ କରାଯାଇଛି, ଯାହା ଟିମ୍ୱାର୍କର ପ୍ରତୀକ। ନିଜ ନିଜ ଜୀବନରେ କ୍ଷ-ଟିର ଉପଯୋଗ ପାଇଁ ପିଲାଙ୍କୁ ପରାମର୍ଶ ଦେଇ ସେ କହିଲେ ଯେ ଏହାଦ୍ୱାରା ସେମାନେ ଜୀବନର ସବୁ କ୍ଷେତ୍ରରେ ସଫଳ ହୋଇପାରିବେ। ଦ୍ୱିତୀୟ ବିଷୟଟି ହେଉଛି ଟିମ୍ୱାର୍କ। ପିଲାମାନେ ମିଳିମିଶି କାମ କଲେ, ସଫଳତାର ସମ୍ଭାବନା ବଢ଼ିବ। କ୍ରୀଡ଼ା କ୍ଷେତ୍ରରେ ଟିମ୍‌ୱାର୍କ ଅତି ଜରୁରୀ ବୋଲି ସେ କହିଥିଲେ। ଜୀବନରେ ସାଧୁତା ହେଉଛି ଏକ ଜରୁରୀ ଆବଶ୍ୟକତା। ସାଧୁତା ଦ୍ୱାରା ମଣିଷର ବିଶ୍ୱସନୀୟତା ବୃଦ୍ଧି ପାଏ। ଏସବୁର ପ୍ରୟୋଗ ଦ୍ୱାରା ସେମାନଙ୍କ ଜୀବନରେ ଆସିବ ରୂପାନ୍ତର ବା ସଫଳତା। ଛାତ୍ରଛାତ୍ରୀ ମାନଙ୍କ ସଫଳତା ହେଉଛି ଓଡ଼ିଶାର ସଫଳତା। ପୁରସ୍କାର ସମ୍ପର୍କିତ ବିସ୍ତୃତ ବିବରଣୀ ଦେଇ କ୍ଷ-ଟି ସଚିବ ଭି.କେ. ପାଣ୍ଡିଆନ କହିଛନ୍ତି ଯେ ରାଜ୍ୟରେ ଶିକ୍ଷା ଉପରେ ଯେତେ ଅଧିକ ପ୍ରତିଯୋଗିତା ହେବ, ଶିକ୍ଷାର ଗୁଣାତ୍ମକ ମାନ ସେତେ ବୃଦ୍ଧି ପାଇବ। ତେଣୁ ଶିକ୍ଷାକୁ ଆମେ ଏକ ମହୋତ୍ସବ ଭାବେ ପାଳିବା ଓ ପ୍ରତିଯୋଗିତା ମନୋଭାବ ନେଇ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଆଣିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। କେବଳ ଜିଲ୍ଲା ନୁହେଁ, ବ୍ଲକ ନୁହେଁ, ସ୍କୁଲର ପୁରାତନ ଛାତ୍ରଛାତ୍ରୀ, ପ୍ରଧାନ ଶିକ୍ଷକ, ପଞ୍ଚାୟତ ପ୍ରତିନିଧି ଏବଂ ସ୍କୁଲ ପରିଚାଳନା କମିଟିର ସଦସ୍ୟ ମାନଙ୍କୁ ମଧ୍ୟ ପୁରସ୍କୃତ କରାଯିବ ବୋଲି ଶ୍ରୀ ପାଣ୍ଡିଆନ ସୂଚନା ଦେଇଛନ୍ତି।

## ଖୁବଶୀଘ୍ର ବ୍ରହ୍ମପୁରରୁ ଜୟପୁର ବିଜୁ ଏକ୍ସପ୍ରେସ୍ ୱେ-୨ର ନିର୍ମାଣ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (କ୍ଷ-ଟି) ଭିକେ ପାଣ୍ଡିଆନ୍ ଗଜପତି ଜିଲ୍ଲା ଯାଇ ବିଭିନ୍ନ ଉନ୍ନୟନମୂଳକ କାମର ସମୀକ୍ଷା କରିଥିଲେ। ବିଶେଷ କରି ଗୁରୁତ୍ୱପୂର୍ଣ୍ଣ 'ବିଜୁ ଏକ୍ସପ୍ରେସ ୱେ'ର ନିର୍ମାଣ ସମ୍ପର୍କରେ ପୂର୍ତ୍ତ ବିଭାଗର ଅଧିକାରୀମାନଙ୍କ ସହିତ ଆଲୋଚନା କରି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ବିଜୁ ଏକ୍ସପ୍ରେସ ୱେ-୧ ର ନିର୍ମାଣ କାମ ସଫଳତାର ସହ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟ ସରକାର ଏବେ ବିଜୁ ଏକ୍ସପ୍ରେସ ୱେ-୨ର କାମ ଆରମ୍ଭ କରିବାକୁ ଯାଉଛନ୍ତି । ରାଜ୍ୟର ଅର୍ଥନୈତିକ ଓ ସାମାଜିକ ବିକାଶ ଦୃଷ୍ଟିରୁ ଏହା ଖୁବ୍ ଗରୁତ୍ୱ ବହନ କରେ। ୩୦୫ କିଲୋମିଟର ଦୀର୍ଘ ଏହି ରାସ୍ତା ବ୍ରହ୍ମପୁର ସହରକୁ ଜୟପୁର ସହ ଯୋଡିବ ଏବଂ ଏହି ପ୍ରକଳ୍ପର ପାଇଁ ପ୍ରାୟ ୭୦୦୦ କୋଟି ଟଙ୍କା ବିନିଯୋଗ କରାଯିବ। ଏହା ସମ୍ପୂର୍ଣ୍ଣ ଭାବେ ଏକ ନୂଆ ପ୍ରକଳ୍ପ। ଏହା ଗଞ୍ଜାମ, ଗଜପତି, ରାୟଗଡା ଓ କୋରାପୁଟ- ଏହି ୪ଟି ଜିଲ୍ଲାର ୧୫ଟି ବ୍ଲକ ଦେଇ ନିର୍ମିତ ହେବ। ଗଞ୍ଜାମରେ ୪୩ କି.ମି., ଗଜପତିରେ ୪୭ କି.ମି., ରାୟଗଡାରେ ୧୫୮ କି.ମି. ଓ କୋରାପୁଟରେ ୫୭ କି.ମି. ରାସ୍ତା ତିଆରି କରାଯିବ । ଏହା ଦ୍ୱାରା ବ୍ରହ୍ମପୁରରୁ ଜୟପୁରକୁ ଗସ୍ତ ସମୟ ୮ ଘଣ୍ଟାରୁ ୫ ଘଣ୍ଟାକୁ କମିଯିବ । ବ୍ରହ୍ମପୁରରୁ ମୋହନା ମାତ୍ର ୪୫ ମିନିଟ୍ ଲାଗିବ ଏବଂ ରାୟଗଡାରୁ ମୋହନା ମାତ୍ର ଦେଢ ଘଣ୍ଟା ଲାଗିବ ଯାହାକି ବର୍ତ୍ତମାନ ପ୍ରାୟ ୪ ଘଣ୍ଟା ଲାଗୁଛି। ଏହି ସଡକରେ ରାଜ୍ୟରେ ପ୍ରଥମ ଥର ପାଇଁ ପାହାଡ ଖୋଳା ଯାଇ ରାସ୍ତା ନିର୍ମାଣ କରାଯିବ ଯାହାଦ୍ୱାରା କି ସଡକର ଦୈର୍ଘ୍ୟ ପ୍ରାୟ ୨୫ ରୁ ୩୦ କି.ମି. କମିଯିବ ଏବଂ ଯିବାଆସିବା ସମୟ ମଧ୍ୟ ୨ ଘଣ୍ଟା କମ ରହିବ। ଏହା ଦ୍ୱାରା ଦକ୍ଷିଣ ଓଡିଶାରେ ଏକ ନୂଆ ଇକୋନୋମିକ୍ କରିଡର ସୃଷ୍ଟି ହୋଇପାରିବ ଏହି କାମ ତିନି ବର୍ଷ ମଧ୍ୟରେ ଶେଷ ହେବ ବୋଲି ଶ୍ରୀ ପାଣ୍ଡିଆନ୍ ସୂଚନା ଦେଇଥିଲେ। ଶ୍ରୀ ପାଣ୍ଡିଆନ୍ ଏହା ପରେ ଜିରାଙ୍ଗର ବୁଦ୍ଧ ମନ୍ଦିର ପରିଦର୍ଶନ କରିଥିଲେ ଏବଂ ଜିରାଙ୍ଗ କଲେଜ୍ର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଜିରାଙ୍ଗ କଲେଜ୍ରେ ୬ ମାସ ମଧ୍ୟରେ ଡିସେମ୍ବର ସୁଦ୍ଧା ସ୍ମାର୍ଟ କ୍ଲାସ ଆରମ୍ଭ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ପିଲାମାନଙ୍କ ସହ ଆଲୋଚନା କରି ସେ ନିଜ କଲେଜ୍ର ଉନ୍ନତି ପାଇଁ କାମ କରିବାକୁ ପିଲାଙ୍କୁ ପରାମର୍ଶ ଦେଇଥିଲେ। ଭଲ ପାଠ ପଢି ଓଡ଼ିଶାର ବିକାଶରେ ଯୋଗଦାନ ରଖିବାକୁ କହିଥିଲେ। ଏହା ସହିତ ସାଧାରଣ ଜନତାଙ୍କୁ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟା ମଧ୍ୟ ଶୁଣିଥିଲେ। ଜିଲ୍ଲାସ୍ତରରେ ଯାହା ସମ୍ଭବ ତାକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେବା ସହିତ ଅନ୍ୟ ସମସ୍ୟାର ସମାଧାନ ପାଇଁ ପ୍ରସ୍ତାବ ପଠାଇବାକୁ ପରାମର୍ଶ ଦେଇଥିଲେ।

# ୧୦ ଜିଲ୍ଲାରେ ହେବ ଟ୍ରକ୍ ଟର୍ମିନାଲ



**ଭୁବନେଶ୍ୱର :** ଜାତୀୟ ଓ ରାଜ୍ୟ ରାଜପଥ କଡ଼ରେ ଟ୍ରକଗୁଡ଼ିକ ବେଆଇନ ଭାବେ ପାର୍କିଂ ଯୋଗୁ ଉପୁଜୁଥିବା ଟ୍ରାଫିକ ସମସ୍ୟାକୁ ଏଡ଼ାଇବା ପାଇଁ ରାଜ୍ୟର ୧୦ଟି ଜିଲ୍ଲାରେ ଗୋଟିଏ ଲେଖାଏଁ ଟ୍ରକ ଟର୍ମିନାଲ ନିର୍ମାଣ ହେବ। ଏଥିପାଇଁ କେନ୍ଦ୍ର ସରକାର ୩୦୦କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦେଇଛନ୍ତି। ୧୦ଟି ଜିଲ୍ଲାରେ ରାଜପଥ କଡ଼ରେ ୧୦ଏକର ପରିମିତ ଲେଖାଏଁ ଅଂଚଳରେ ଏହି ଟ୍ରକ ଟର୍ମିନାଲ ନିର୍ମାଣ ହେବ ବୋଲି ଜଣାପଡ଼ିଛି। ଏହି ନିର୍ମାଣ କାର୍ଯ୍ୟ ଦାୟିତ୍ୱ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଛି। ରାଜ୍ୟ ପରିବହନ ସଚିବ ଉଷା ପାଢ଼ୀ ଏନେଇ ରାଜ୍ୟ ପୂର୍ତ୍ତ ସଚିବଙ୍କୁ ଚିଠି ଲେଖି ଟ୍ରକ ଟର୍ମିନାଲ ନିର୍ମାଣ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ, ପ୍ଲାନ୍ ଡିଜାଇନ୍ ଓ ଏଷ୍ଟିମେଟ୍ ପ୍ରସ୍ତୁତ କରିବାକୁ ଅନୁରୋଧ କରିଛନ୍ତି। ପ୍ରତ୍ୟେକ ଟ୍ରକ ଟର୍ମିନାଲ ୧୦ଏକର ଲେଖାଏଁ ଜମିରେ ହେବ। ଏହି ଟ୍ରକ ଟର୍ମିନାଲରେ ଅଧିକ ସଂଖ୍ୟକ ଟ୍ରକ ଯେଭଳି ପାର୍କିଂ ହୋଇପାରିବ ତାହା ସୁନିଶ୍ଚିତ କରାଯିବା ସହ ଟ୍ରକ ଡ୍ରାଇଭର,ହେଲପରଙ୍କ ନିମନ୍ତେ ଅସ୍ଥାୟୀ ରହଣୀ ସ୍ଥଳୀ, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା, ଫୁଡ୍ ପ୍ଲାଜା, କ୍ୟାଣ୍ଟିନ, ଟ୍ରକ ମରାମତି ପାଇଁ ଗ୍ୟାରେଜ୍, ଗାର୍ଡ ରୁମ, ଅଫିସ ରୁମ୍ ସମେତ ଟ୍ରକ ଯିବାଆସିବା ପାଇଁ ଭିନ୍ନ ଭିନ୍ନ ଗେଟ୍ ଓ ଟର୍ମିନାଲ ଚାରିପଟେ ପାଚେରୀ ନିର୍ମାଣ ଆଦି କାର୍ଯ୍ୟ ବାବଦରେ କେତେ ଅର୍ଥ ବ୍ୟୟ ହେବ ତା’ର ରିପୋର୍ଟ ପ୍ରସ୍ତୁତ କରିବାକୁ ପୂର୍ତ୍ତ ବିଭାଗକୁ କୁହାଯାଇଛି। ଅନ୍ୟ ରାଜ୍ୟରେ ନିର୍ମିତ ଟ୍ରକ ଟର୍ମିନାଲକୁ ଅନୁଧ୍ୟାନ କରି ଡିପିଆର(ବିସ୍ତୃତ ପ୍ରକଳ୍ପ ରିପୋର୍ଟ) ପ୍ରସ୍ତୁତ ନିମନ୍ତେ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଛନ୍ତି। ଏହି ଟ୍ରକ ଟର୍ମିନାଲଗୁଡ଼ିକ ସୁନ୍ଦରଗଡ଼, କେନ୍ଦ୍ରାପଡ଼ା, ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ନବରଙ୍ଗପୁର, ଯାଜପୁର, ବ୍ରହ୍ମପୁର, କେନ୍ଦୁଝର ଓ ଜଗତସିଂହପୁର ଜିଲ୍ଲାରେ ହେବ। ଏଥିପାଇଁ ଏସବୁ ଜିଲ୍ଲାରେ ୧୦ଏକର ଲେଖାଏଁ ଜମି ଚିହ୍ନଟ ହୋଇସାରିଛି। ଟ୍ରକ ଟର୍ମିନାଲ ନିର୍ମାଣ ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଅନୁଦାନ ଆକାରରେ ଦେଇଥିବା ୩୦୦କୋଟି ଟଙ୍କାକୁ ଇତିମଧ୍ୟରେ ପରିବହନ ବିଭାଗକୁ ଅର୍ଥ ବିଭାଗ ଦେଇସାରିଛି ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି।

# ରାଜ୍ୟପାଳଙ୍କ ଠାରୁ ସମ୍ମାନିତ ହେଲେ ଡଃ ନିରୋଜ କୁମାର ପୋଥାଳ



**ଭୁବନେଶ୍ୱର:** ଲୋକ ମହୋତ୍ସବ ୨୦୨୩ ଭୁବନେଶ୍ୱର ସ୍ଥିତ ଉତ୍କଳ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଲୋକ ମହୋତ୍ସବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଲୋକନୃତ୍ୟ ଅନୁଷ୍ଠାନ ତଥା କଳାକାର ମାନେ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ନିମନ୍ତ୍ରଣ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଲୋକ ମହୋତ୍ସବରେ ବାରିପଦାର ବିଶିଷ୍ଟ ସମାଜସେବୀ ଓ ରକ୍ତଦାତା ଡଃ ନିରୋଜ କୁମାର ପୋଥାଳଙ୍କୁ ଚୟନ କରାଯାଇ ମହାମହିମ ରାଜ୍ୟପାଳ ଡ଼ ଗଣେଷି ଲାଲଜୀ ତାଙ୍କ କରକମଳରେ ‘ ଦ ଇଣ୍ଡିଆନ ଗୋଲ୍ଡେନ୍ ଆୱାର୍ଡ-୨୦୨୩ ସମ୍ମାନରେ ସମ୍ମାନିତ କରିଥିଲେ। ମହାମହିମ ରାଜ୍ୟପାଳ ଡ଼ ଗଣେଷି ଲାଲଜୀ ଏହି ଲୋକ ମହୋତ୍ସବକୁ ଉଦ୍ଘାଟନ କରିଥିବା ବେଳେ ଅନ୍ୟତମ ମୁଖ୍ୟ ଅତିଥି ଭାବରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର (ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି), ମୁଖ୍ୟ ବକ୍ତା ଭାବରେ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ, ସମ୍ମାନନୀୟ ଅତିଥି ଭାବରେ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଧାୟକ (ବ୍ରହ୍ମପୁର) ବିକ୍ରମ କୁମାର ପଣ୍ଡା, ବିଏମ୍‌ସି କମିଶନାର (ଭୁବନେଶ୍ୱର) ବିଜୟ ଅମୃତ କୁଲାଙ୍ଗେ, ଚେୟାରମ୍ୟାନ କାଜୁ ବୋର୍ଡ ଓଡ଼ିଶା ସୁବାଷ ମହାରଣା, ମାନେଜିଙ୍ଗ ଡାଇରେକ୍ଟର (ଇଭୋସ୍) କେ.କେ. ରଥ, ହିଲ ଦ ୱାର୍ଲ୍ଡ ଫାଉଣ୍ଡେସନର ପ୍ରତିଷ୍ଠାତା ଡ଼ ସି.ପି. ସୋନି, ଭାରତୀୟ ସ୍ୱର୍ଣ୍ଣକାର ସଂଘର ଚେୟାରପର୍ସନ ଓ.ପି.ସୋନି ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟପାଳଙ୍କ ଠାରୁ ସମ୍ମାନିତ ହେବା ପରେ ଡଃ ନିରୋଜ ପୋଥାଳଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ମେଧାବୀ ଛାତ୍ରୀ ଦେବସ୍ମିନୀ ଜାଲିଙ୍କୁ ସମ୍ବର୍ଦ୍ଧନା



**ବାଲୁଗାଁ :** ବାଲୁଗାଁ ମହାବିଦ୍ୟାଳୟ ଦର୍ଶନ ବିଭାଗ ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବ ତଥା ସାୟୋନାରା କାର୍ଯ୍ୟକ୍ରମରେ ଦର୍ଶନ ବିଭାଗର ମେଧାବୀ ଛାତ୍ରୀ ସୁଶ୍ରୀ ଦେବସ୍ମିନୀ ଜାଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡକ୍ଟର କୈଳାଶ ଚନ୍ଦ୍ର ମହାରଣାଙ୍କ ସଂଯୋଜନା ଓ ଯୁକ୍ତ ଦୁଇ ଅଧ୍ୟକ୍ଷା ଡକ୍ଟର କଳ୍ପନା ଦାଶଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ବରିଷ୍ଠ ପ୍ରାଧ୍ୟାପିକା ଡକ୍ଟର ଜୟନ୍ତୀ ସାମଲ ମୁଖ୍ୟ ଅତିଥି ଓ ଅଧ୍ୟାପକ ଲେଫ୍ଟନାଣ୍ଟ ଡକ୍ଟର ଅକ୍ଷୟ କୁମାର ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମେଧାବୀ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶୈକ୍ଷିକ ଜୀବନରେ ନିଷ୍ଠା, ଅଧ୍ୟବସାୟ ଓ ପ୍ରତିବଦ୍ଧତା ମାଧ୍ୟମରେ ସବୁ ସଫଳତାକୁ ହାସଲ କରାଯାଇପାରେ ବୋଲି ଛାତ୍ର ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଦର୍ଶନ ବିଭାଗର ପ୍ରାକ୍ତନ ଛାତ୍ରୀ ତଥା ସ୍ଥାନୀୟ ଛେଡ଼ାପଦର ଗ୍ରାମର ଜୟଦେବ ଜାଲିଙ୍କ କନ୍ୟା ସୁଶ୍ରୀ ଦେବସ୍ମିନୀ ଜାଲି ଉତ୍କଳ ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ଚଳିତ ବର୍ଷ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ ପ୍ରଫେସର ଯୋଗ୍ୟତା ପରୀକ୍ଷା (ସେଟ), ସର୍ବ ଭାରତୀୟ ଆସିଷ୍ଟାଣ୍ଟ ଯୋଗ୍ୟତା ପରୀକ୍ଷା (ୟୁଜିସି ନେଟ) ପରୀକ୍ଷାରେ କୃତିତ୍ୱ ଅର୍ଜନ କରିବା ସହ ସର୍ବ ଭାରତୀୟ ଉଚ୍ଚତର ଗବେଷଣା ପରୀକ୍ଷା (ଗେଟ)ରେ କୃତିତ୍ୱ ଅର୍ଜନ କରି ବାଲୁଗାଁ ମହାବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଗାରିମା ବୃଦ୍ଧି କରିଥିବାରୁ ଦର୍ଶନ ବିଭାଗ ପକ୍ଷରୁ ତାଙ୍କୁ ଉପଢୌକନ, ପ୍ରଶସ୍ତି ପତ୍ର ସମେତ ପାଞ୍ଚ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଅତିଥିମାନେ ପ୍ରଦାନ କରିଥିଲେ। ଏହି ପୁରସ୍କାର ଓ ସମ୍ବର୍ଦ୍ଧନା ତାଙ୍କ ଶୈକ୍ଷିକ ପ୍ରକ୍ରିୟାକୁ ଅନୁପ୍ରାଣିତ କରିବା ସହ ପରବର୍ତ୍ତୀ ପିଢ଼ିଙ୍କୁ ଉତ୍ସାହିତ କରିବ ବୋଲି ଦେବସ୍ମିନୀ ବକ୍ତବ୍ୟ ଦେଇଥିଲେ। ପ୍ରକାଶ ଥାଉକି ଏକ ସାଙ୍ଗରେ ସେଟ, ନେଟ ଓ ଗେଟ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିବାରେ ସୁଶ୍ରୀ ଦେବସ୍ମିନୀ ଜାଲି ବାଲୁଗାଁ ମହାବିଦ୍ୟାଳୟ ଓ ବାଲୁଗାଁ ଅଞ୍ଚଳରେ ପ୍ରଥମ ଛାତ୍ରୀ। ଏହି ଅବସରରେ ମେଧାବୀ ଛାତ୍ରୀ ଅର୍ଚ୍ଚିତା ଜେନା, ଅଙ୍କିତା ବାରିକି ଓ ତୃତୀୟ ବର୍ଷର ଛାତ୍ର ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଅନୁଷ୍ଠାନିକ ଧନ୍ୟବାଦ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ବର୍ଷା ବିଷୋୟୀ ପରିଚାଳନା କରିଥିଲେ।

# ରାଜଗାଙ୍ଗପୁର ଠାରେ ଆଇଏଏଲ ସୁନ୍ଦରଗଡ ଜିଲ୍ଲା ସମ୍ମିଳନୀ




**ରାଜଗାଙ୍ଗପୁର :** ଭାରତୀୟ ଆଇନଜୀବୀ ସଂଘ (ଆଇଏଏଲ)ସୁନ୍ଦରଗଡ ଜିଲ୍ଲା ସମ୍ମିଳନୀ ରାଜଗାଙ୍ଗପୁର ଡାକବଙ୍ଗଳା ଠାରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ବିନୟ କୁମାର ଦାସ, ମହମ୍ମଦ ମହସିନ, ମହମ୍ମଦ ରଫିକ ପ୍ରଭୃତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀକୁ ବରିଷ୍ଠ ଆଇନଜୀବୀ ନିମାଇଁ ନାୟକ ଉଦଘାଟନ କରିଥିଲେ। ସଂଘର ରାଜ୍ୟ ସମ୍ପାଦକ ଡ.ପ୍ରଶାନ୍ତ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ଅଶୋକ କୁମାର ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସମସ୍ତ ଆଇନଜୀବୀଙ୍କୁ ସରକାର ବୀମାଭୁକ୍ତ କରାଇ ସ୍ୱାସ୍ଥ୍ୟ ସୁରକ୍ଷା କାର୍ଡ ପ୍ରଦାନ କରିବା ଏବଂ ନବାଗତ ଯୁବ ଆଇନଜୀବୀଙ୍କୁ ପାଞ୍ଚ ବର୍ଷ ଯାଏ ମାସିକ ୧୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଯୋଗାଇବା, ସମ୍ବିଧାନ ସୁରକ୍ଷା, ଦେଶରେ ଗଣତନ୍ତ୍ର ଶାସନ ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ସଂଘ ପକ୍ଷରୁ ଆଲୋଚନା ଚକ୍ର ଆୟୋଜନ କରିବା ଏବଂ ଆଇନଜୀବୀ ସଂଘକୁ ଅଧିକ ସୁଦୃଢ଼ କରିବା ପାଇଁ ଆଇନ ଛାତ୍ରଙ୍କ ଠାରୁ ଆରମ୍ଭ କରି ଆଇନ ବିଶାରଦଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସଂଘର ସଭ୍ୟଭୁକ୍ତ କରାଇବା ଉପରେ ନିଷ୍ପତ୍ତି ଗୃହୀତ ହୋଇଥିଲା। ଏଥିରେ ରାଜ୍ୟ ସହ ଆବାହକ ସଦାନନ୍ଦ ସାହୁ, ମନୋଜ ସାହୁ, ସନ୍ତୋଷ କୁମାର ସାହୁ, ସିଏଚ, ରାମବାବୁ, ଶାନ୍ତନୁ କୁମାର ଦାସ, ପ୍ରତିଭା ନାଏକ, ପ୍ରଳୟ ହାଜରା, ପ୍ରଦିପ୍ତ କୁମାର ରାଉତ, ସୁମିତା ନନ୍ଦ, ବନଯୋତ୍ସ୍ନା ମହାନ୍ତି, ବନ୍ଦନା ବେହେରା, ସ୍ୱାଗତିକା ମହାନ୍ତି, ଜସ୍ମିତା ପ୍ରଧାନ,ପଦ୍ମ ଲୋଚନ ପ୍ରଧାନ,ଶକୁନ୍ତଳା ବେହେରା ପ୍ରମୁଖ ବହୁ ଆଇନଜୀବୀଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜୁନ୍ ୧ ରୁ ୪ କେରଳର ତ୍ରିବେନ୍ଦ୍ରମଠାରେ ଅନୁଷ୍ଠିତ ହେବାକୁଥିବା ଜାତୀୟ ସମ୍ମିଳନୀ ପାଇଁ ଏକ ୯ ଜଣିଆ ପ୍ରତିନିଧିଦଳ ନିର୍ବାଚିତ ହୋଇଛନ୍ତି। ଏଥି ସହିତ ଜିଲ୍ଲାର ୪ ଜଣ ବରିଷ୍ଠ ଆଇନଜୀବୀଙ୍କ ସମେତ ରାଜ୍ୟ ନେତୃତ୍ୱକୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ବାର ଏସୋସିଏସନର ଶତାଧିକ ଆଇନଜୀବୀ ଯୋଗଦେଇଥିବା ଏହି ସମ୍ମିଳନୀରେ ଆଗାମୀବର୍ଷ ପାଇଁ ସଭାପତି ଭାବେ ମହମ୍ମଦ ରଫିକ, ଉପସଭାପତି ଭାବେ ବିନୟ କୁମାର ଦାସ, ପ୍ରଦୋଷ ମହାନ୍ତି, ମହମ୍ମଦ ମହସୀନ, ସାଧାରଣ ସମ୍ପାଦକ ଭାବେ ସଦାନନ୍ଦ ସାହୁ, ସମ୍ପାଦକ ଭାବେ ସନ୍ତୋଷ କୁମାର ଆଚାର୍ଯ୍ୟ, ଅନନ୍ତ ନାରାୟଣ ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ବିଦ୍ୟାନନ୍ଦ ପ୍ରଧାନଙ୍କ ସମେତ ଏକ ୨୧ ଜଣିଆ ଜିଲ୍ଲା କାର୍ଯ୍ୟକାରୀ କମିଟି ନିର୍ବାଚିତ ହୋଇଛି।

# ଧାନମଣ୍ଡି ଜଗିବ ସିସିଟିଭି



**ଭୁବନେଶ୍ୱର :** ଧାନ କିଣାରେ ଚାଷୀଙ୍କୁ ଶୋଷଣ କରୁଥିବା ଅସାଧୁ ବାବୁ ସାବଧାନ! ଏଣିକି ସିସିଟିଭି ସ୍କାନରରେ ରହିବ ଧାନ ବିକ୍ରୟ କେନ୍ଦ୍ର। ଧାନର ଅଭାବୀ ବିକ୍ରି ଉପରେ ଏହା ରୋକ ଲଗାଇବାରେ ସହାୟକ ହେବ। ଏହାଦ୍ୱାରା ଚାଷୀମାନେ ଶୋଷଣରୁ ରକ୍ଷା ପାଇପାରିବେ। ଧାନ କିଣା ସମୟରେ ସବୁ ଗତିବିଧି ସିସିଟିଭି ଦ୍ୱାରା ମନିଟର କରାଯିବ। ଏହାର ସିଧାସଳଖ ତଦାରଖ ସମବାୟ ବିଭାଗରେ କରାଯିବ। ଏଥିରେ ଚଞ୍ଚକତା ଧରାପଡ଼ିଲେ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବେ। ରାଜ୍ୟର ୨୭୧୦ ପ୍ୟାକ୍ସ, ଲ୍ୟାମ୍ପସ ଓ ନିୟନ୍ତ୍ରିତ ବଜାର କମିଟି ଅର୍ଥରୁ ଏହି ସିସିଟିଭି ଲଗାଯିବ। ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ସିସିଟିଭି ଲଗାଇବାକୁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ନିଷ୍ପତ୍ତି ନେଇଛି। ଚାଷୀଙ୍କ ଅର୍ଥନୈତିକ ବିକାଶ ହେଲେ ଯାଇ ଦେଶର ବିକାଶ ହୋଇପାରିବ। ଭାରତ ଏକ କୃଷି ପ୍ରଧାନ ଦେଶ। ଅନ୍ୟ ରାଜ୍ୟମାନଙ୍କ ପାଇଁ ଭାତ ହାଣ୍ଡି ସାଜିଛି ଓଡ଼ିଶା। ମଣ୍ଡି, ଗୋଦାମ ଘର, ପିଣ୍ଡି ବ୍ୟବସ୍ଥା ପାଇଁ ବିଭିନ୍ନ ସମୟରେ ଚାଷୀ ଦାବି କରିଛନ୍ତି। କଟନୀ ଛଟନୀର ଅନେକ ଅଭିଯୋଗ ବି ଆସିଥାଏ। ଏଣିକି ସିସିଟିଭି ଲଗାଗଲେ, ବହୁ ମାତ୍ରାରେ ଚାଷୀଙ୍କ ସମସ୍ୟାର ସମାଧାନ ହୋଇପାରିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମକୁ ଚାଷୀ ମହଲରେ ପ୍ରଶଂସା କରାଯାଇଛି। ଚାଷୀ ଓ ଚାଷର ସଶକ୍ତିକରଣ ପାଇଁ କାଳିଆ, ବଳରାମ ପରି ମେଗା ସ୍କିମ୍ କରିଛନ୍ତି ରାଜ୍ୟ ସରକାର। ଏପରିକି ସ୍ୱତନ୍ତ୍ର କୃଷି ବଜେଟ ଜରିଆରେ କୃଷିର ଉନ୍ନତି ପାଇଁ ପଦକ୍ଷେପ ନିଆଯାଉଛି। ତେବେ ଚାଷୀ ଯେପରି ଉଚିତ୍ ପ୍ରାପ୍ୟ ପାଇବ, ସେଥିପାଇଁ ଯତ୍ନବାନ ହୋଇଛନ୍ତି ରାଜ୍ୟ ସରକାର। ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ଏକ ଲକ୍ଷ ଚାଷୀଙ୍କୁ ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ କରାଯାଇଛି। ସେମାନଙ୍କ ଚାଷ ସହ ଅନ୍ୟ ଆୟ କ୍ଷେତ୍ରକୁ ସମୀକ୍ଷା କରାଯାଇ ଆୟ ବୃଦ୍ଧି ପାଇଁ ରୋଡମ୍ୟାପ ପ୍ରସ୍ତୁତ କରାଯାଉଛି।







## ଓଟିଇଟି ବୈଧତା ବଢ଼ାଇଲେ ରାଜ୍ୟ ସରକାର

# ଥରେ ପାସ୍ କଲେ ଆଉ ଦେବାକୁ ପଡିବନି ପରୀକ୍ଷା



**ଭୁବନେଶ୍ୱର :** ରାଜ୍ୟରେ ଶିକ୍ଷକତା ପାଇଁ ଆବେଦନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଏଣିକି ଥରେ ଓଟିଇଟି ପାସ୍ କଲେ ଜୀବନବ୍ୟାପୀ ରହିବ ବୈଧତା। ଥରେ ଓଟିଇଟି (ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ)ରେ ସଫଳ ହେଲେ ଆଉ ଜୀବନସାରା ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ପୂର୍ବରୁ ଓଟିଇଟିର ବୈଧତା ୭ ବର୍ଷ ଥିବା ବେଳେ ରାଜ୍ୟ ସରକାର ଏହାକୁ ଲାଇଫ ଟାଇମ ପାଇଁ ବଢ଼ାଇ ଦେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟ୍ୱିଟ ଯୋଗେ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଏଣିକି ଥରେ ଓଟିଇଟି ପରୀକ୍ଷାରେ କୃତକାର୍ଯ୍ୟ ହେଲେ ଯେବେ ବି ଶିକ୍ଷକ ନିଯୁକ୍ତି ବାହାରିବ ସେମାନେ ଆବେଦନ କରି ପାରିବେ। ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ସଂଖ୍ୟାଧିକ ଶିକ୍ଷକ ଆଶାୟୀ ସୁଫଳ ପାଇବେ ବୋଲି ମତ ପ୍ରକାଶ ପାଇଛି। କାରଣ ପୂର୍ବରୁ ଯେଉଁଛାତ୍ରଛାତ୍ରୀ ଥରେ ଓଟିଇଟି ପାସ୍ କରୁଥିଲେ, ସେମାନେ ୭ ବର୍ଷ ଭିତରେ ଶିକ୍ଷକତା ଚାକିରି କରିପାରୁନଥିଲେ। ପୁଣିଥରେ ୭ବର୍ଷ ପରେ ପରୀକ୍ଷା ଦେବାକୁ ପଡୁଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପରେ ଯେଉଁ ପ୍ରାର୍ଥୀ ଥରେ ଓଟିଇଟିରେ ସଫଳ ହେବେ ସେ ସାରା ଜୀବନ ଶିକ୍ଷକତା ପାଇଁ ଆବେଦନ କରିବାକୁ ଯୋଗ୍ୟ ବିବେଚିତ ହେବେ। ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଶିକ୍ଷକତା ପାଇଁ ଓଟିଇଟିରେ ଯୋଗ୍ୟ ପ୍ରାର୍ଥୀ ଆବେଦନ କରିପାରିବେ।



# ବାପା ହେବାକୁ ଚାହୁଁଛନ୍ତି ଦୂତି

**ଭୁବନେଶ୍ୱର :** ଅନ୍ତର୍ଜାତୀୟ ଓଡ଼ିଆ ଆଥଲେଟ୍ ତଥା ସ୍ପିଣ୍ଟର ଦୂତି ଚାନ୍ଦଙ୍କ ବାପା ହେବାକୁ ଇଚ୍ଛା। ଜାତୀୟ ମାଗାଜିନ୍ ଇଣ୍ଡିଆ ଟୁଡେକୁ ସାକ୍ଷାତକାର ଦେଇ ଏଭଳି କହିଛନ୍ତି ଦୂତି। ସମଲିଙ୍ଗୀ ବିବାହକୁ ନେଇ ଏକ ପ୍ରଶ୍ନର ଉତ୍ତର ରଖିଛନ୍ତି ଦୂତି। ଯଦି ବାନ୍ଧବୀଙ୍କୁ ବିବାହ କରନ୍ତି କିଏ ବାପା ହେବେ ବୋଲି ସାକ୍ଷାତକାରରେ ଦୂତିଙ୍କୁ ପ୍ରଶ୍ନ କରାଯାଇଥିଲା। ବାପା ଭୂମିକା ତୁଲାଇବା ସହ ସମସ୍ତ ଦାୟିତ୍ୱ ନେବାକୁ ସ୍ୱୀକାର କରିଥିଲେ ଦୂତି। ହେଲେ ବାନ୍ଧବୀଙ୍କୁ କେବେ ବିବାହ କରୁଛନ୍ତି ସେ ନେଇ କିଛି କହିନାହାନ୍ତି। କିଛି ଦିନ ପୂର୍ବରୁ ସମଲିଙ୍ଗୀ ସମ୍ପର୍କକୁ ନେଇ ଚର୍ଚ୍ଚାରେ ଥିଲେ ଦୂତି। ସେପଟେ ସମଲିଙ୍ଗୀ ବିବାହ ଅଧିକାର ନେଇ ଆଗତ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। ପୂର୍ବରୁ ତାଙ୍କ ଶରୀରରେ ମାତ୍ରାଧିକ ପୁରୁଷ ହରମୋନ ଥିବା ଅଭିଯୋଗରେ ୨୦୧୪ ଗ୍ଲାସ୍‌ଗୋ କମନ୍‌ୱେଲଥ୍ ଗେମସ୍ ସହ ଏସିଆନ୍ ଗେମସ୍‌ରୁ ସେ ବାଦ୍ ପଡିଥିଲେ। ଏହାପରେ ଦୂତି ୨୦୧୬ ରିଓ ଅଲିମ୍ପିକସ୍ରେ ଭାରତ ପାଇଁ ପ୍ରତିନିଧିତ୍ୱ କରିବା ସହ ୨୦୧୮ ଏସିଆନ୍ ଗେମସ୍‌ରେ ୧୦୦ ଓ ୨୦୦ ମିଟର ଦୌଡ଼ ଇଭେଣ୍ଟରେ ୨ଟି ରୌପ୍ୟ ପଦକ ଜିତି ଚର୍ଚ୍ଚାରେ ରହିଥିଲେ।




Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି